# ୨ ବର୍ଷରେ ପୋଲିସ ଉପରେ ୧୫ରୁ ଊର୍ଦ୍ଧ୍ୱ ଆକ୍ରମଣ

## ଭୁବନେଶ୍ୱରରେ ଅପରାଧୀ ରାଜ

ଭୁବନେଶ୍ୱର,୨।୬ (ସୂର୍ଯ୍ୟକାନ୍ତ ବେହେରା)



ରାଜଧାନୀ ଭୁବନେଶ୍ୱରରେ ଦିନକୁ ଦିନ ହତ୍ୟା, ଛିନତାଇ, ଚୋରି, ଡକାୟତି, ଆକ୍ରମଣ ଆଦି ଆପରାଧିକ ଘଟଣା ବଢ଼ିବାରେ ଲାଗିଛି। ଘରେ ହେଉ କି ବାହାରେ, ସବୁଠି ଲୋକେ ନିଜକୁ ଅସୁରକ୍ଷିତ ଅନୁଭବ କରୁଛନ୍ତି। କେତେବେଳେ କିଏ ଆସି ହାଣି ଚାଲିଯିବ, ସବୁକିଛି ଲୁଟିନେବ – ଏଭଳି ଭୟ ଓ ଆଶଙ୍କା ସବୁବେଳେ ଲୋକଙ୍କୁ ଘାରୁଛି। କାରଣ ରାଜଧାନୀରେ ଚାଲିଛି ଅପରାଧୀ ରାଜ୍। ଏପରିକି ଲୋକଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ବି ନିଜେ ଅସୁରକ୍ଷିତ ହୋଇପଡୁଛି। ସହରକୁ ଅପରାଧ ମୁକ୍ତ କରିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ପ୍ରୟାସ କରାଯାଉଛି। ଏହାସତ୍ତ୍ୱେ ମଧ୍ୟ ଅପରାଧୀଙ୍କ ମଧ୍ୟରେ ପୋଲିସ ପ୍ରତି ଟିକେ ହେଲେ ଭୟ ରହୁନି। ପୋଲିସ ପୋଷାକରେ ଥିବା ସତ୍ତ୍ୱେ ଅପରାଧୀ ଓ ମଦ୍ୟପମାନେ କେତେବେଳେ ଦୁର୍ବ୍ୟବହାର ତ ପୁଣି କେତେବେଳେ ଆକ୍ରମଣ କରି ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି। ଏପରିକି ସାଧାରଣ ଲୋକେ ମଧ୍ୟ ପୋଲିସକୁ ଆକ୍ରମଣ କରୁଥିବାର ଦେଖାଯାଇଛି। ଗତ ୨ ବର୍ଷ ମଧ୍ୟରେ ମିଶନରେଟ ପୋଲିସ ୧୫ରୁ ଅଧିକ ଥର ଆକ୍ରମଣ ଶିକାର ହୋଇଥିବା ନଜିର ରହିଛି। ତେବେ ପୋଲିସ ପ୍ରତି ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ବୁଦ୍ଧିଜୀବୀ ମହଲରେ ନାନା ଆଲୋଚନା ହେଉଛି। ଯଦି ପୋଲିସ ନିଜେ ସୁରକ୍ଷିତ ନୁହେଁ, ତା'ହେଲେ ସାଧାରଣ ଜନତାଙ୍କୁ କିଭଳି ସୁରକ୍ଷିତ ଦେବେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ କମିଶନରେଟ ପୋଲିସ ନିଜକୁ ସେଭଳି ଦକ୍ଷ କରିବା ସହ ଅପରାଧୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମତ ପ୍ରକାଶ ପାଉଛି।

### ପୋଲିସ ସଂଖ୍ୟା ବଢ଼ାଇବା ଦରକାର

ଭୁବନେଶ୍ୱର ହେଉଛି ବଡ ସହର। ଯେତିକି ପୋଲିସ ରହିବା ଦରକାର ତାହା ତୁଳନାରେ ଏକ ତୃତୀୟାଂଶ ପୋଲିସ ଅଛନ୍ତି। ତେଣୁ ଅପରାଧୀମାନେ ପୋଲିସକୁ ଆକ୍ରମଣ କରିବାକୁ ସୁଯୋଗ ପାଉଛନ୍ତି। ତେଣୁ ଏକା ସାଙ୍ଗରେ ଅଧିକ ପୋଲିସ ଚଢ଼ାଉ କଲେ ଆକ୍ରମଣ କରିବାକୁ ଅପରାଧୀମାନେ ଡରିବେ। ଏଥିପାଇଁ ପୋଲିସ ସଂଖ୍ୟା ବଢାଇବାକୁ ପଡିବ। ଏହାସହ ପିସିଆର କର୍ମଚାରୀଙ୍କୁ କମାଣ୍ଡ ଟ୍ରେନିଂ ଦେବାକୁ ମଧ୍ୟ ପଡିବ। ସେହିପରି ପିସିଆର ଗାଡିରେ ଜଣେ କନ୍‌ଷ୍ଟେବଲ, ହୋମଗାର୍ଡ ସହ ଏସ୍‌ଆଇ କିମ୍ବା ଏଏସଆଇ ବସିଥାନ୍ତି। ଏହା କିନ୍ତୁ ଯଥେଷ୍ଟ ନୁହେଁ। ଏ ବିଷୟରେ ଜନସାଧାରଣ ସ୍ୱର ଉତ୍ତୋଳନ କରି ସରକାରଙ୍କୁ ପ୍ରଶ୍ନ ପଚାରିବା କଥା। କାହିଁକି କମିଶନରେଟକୁ ଅଧିକ ସଂଖ୍ୟାରେ ପୋଲିସ ଦେଉ ନାହାନ୍ତି। ସେହିପରି ଚଢ଼ାଉ ବା ଯାଞ୍ଚବେଳେ ପିସିଆର୍ କର୍ମଚାରୀଙ୍କ ପାଖରେ ବନ୍ଧୁକ ରହିବା କଥା।

–ବିପିନ ବିହାରୀ ମିଶ୍ର, ପୂର୍ବତନ ପୋଲିସ ଡିଜି, ଓଡ଼ିଶା।



### ପୋଲିସକୁ ସବୁବେଳେ ପ୍ରସ୍ତୁତ ରହିବାକୁ ପଡିବ

ଶକ୍ତିଶାଳୀ କୁହାଯାଉଥିବା କମିଶନରେଟ ପୋଲିସକୁ ଅପରାଧିମାନେ ଭୟ ନ କରି ଆକ୍ରମଣ କରିବା ଏକ ଚିନ୍ତାର କାରଣ । ଯଦି କୌଣସି ପୋଲିସ କର୍ମଚାରୀଙ୍କୁ ଡ୍ୟୁଟି ବେଳେ ଆକ୍ରମଣ କରାଯାଏ, ତାହାଲେ ତାହା ନନ୍‌ବେଲେବୁଲ୍ ଅଫେନ୍ସ। ଏଥିପାଇଁ ୨ ବର୍ଷର ଜେଲ ଦଣ୍ଡ ରହିଛି। ଅପରପକ୍ଷେ ପୋଲିସ ମଧ୍ୟ କୌଣସି ଜାଗାରେ ଚଢାଉ କରିବା ପୂର୍ବରୁ ନିଜକୁ ଆଗୁଆ ପ୍ରସ୍ତୁତ ହୋଇ ଯିବାକୁ ପଡିବ। ସେହିପରି କେତେକ ଘଟଣାରେ ପୋଲିସ ପୋଷାକ ନ ପିନ୍ଧିଲେ ଚଳିବ, କିନ୍ତୁ ଯାଞ୍ଚ ଓ ଚଢାଉ ବେଳେ ଖାକି ପୋଷାକ ପିନ୍ଧିଯିବା ଜରୁରୀ। ଏହାଦ୍ୱାରା ଅପରାଧୀ କିମ୍ବା ଅସାମାଜିକମାନେ ଆକ୍ରମଣ କରିବାକୁ ଭୟ କରିବେ।

–ଦେବାଶିଷ ମହାପାତ୍ର, ଆଇନଜୀବୀ



### କିଛି ଘଟଣାବଳୀ...

➤ ୨୦୨୩ ଅଗଷ୍ଟ ୧୮ ରାତିରେ ଲିଙ୍ଗିପୁରରେ ଡକାୟତି ଯୋଜନାବେଳେ ଧଉଳି ପୋଲିସ ଚଢ଼ାଉ କରିବାରୁ ଅପରାଧୀମାନେ ପୋଲିସ ଟିମ୍ ଉପରେ ଆକ୍ରମଣ କରିଥିଲେ। ଏଥିରେ ୨ଜଣ ପୋଲିସ କର୍ମଚାରୀ ଆହତ ହୋଇଥିଲେ।

➤ ୨୦୨୩ଅଗଷ୍ଟ ୨୬ରେ ରଙ୍ଗ୍‌ରୁଟ୍‌ରେ ବାଇକ୍ ଚଳାଇ ଆସୁଥିବାବେଳେ ବାରଣ କରିବାରୁ ଖାରବେଳଗନ ଥାନା ଏଏସ୍‌ଆଇ ଦେବରାଜ କିଶାନଙ୍କୁ ଜଣେ ଯୁବତୀ ଓ ତାଙ୍କର କେତେଜଣ ସହଯୋଗୀ ଗାଳିଗୁଳଜ କରିବା ସହ ଚାପୁଡ଼ା ମାରିଥିଲେ।

➤ ୨୦୨୩ ସେପ୍ଟେମ୍ବର ୨୬ରେ ଉଚ୍ଚ ଶବ୍ଦ ମ୍ୟୁଜିକ ବଜାଇ ଯାଉଥିବା ଶୋଭାଯାତ୍ରାକୁ ବାରଣ କରିବାରୁ ପିସିଆର୍ ଗାଡିକୁ ଭଙ୍ଗାରୁଜା ସହ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ଧଉଳି ଥାନା ପୋଲିସ ଡିଜେ ପ୍ଲେୟାରଙ୍କ ସମେତ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

➤ ୨୦୨୩ ଅକ୍ଟୋବର ୮ ରାତିରେ ୩ଜଣ ଯୁବକ ମଦ୍ୟପାନ କରି ଗାଡି ଚଳାଇବା ସହ ଲୋକଙ୍କୁ ଗାଳିଗୁଳଜ କରୁଥିବାବେଳେ ଭରତପୁର ଥାନାର ଏସ୍‌ଆଇ ଓ ଜଣେ ହାବିଲଦାର ସେମାନଙ୍କୁ ପିଛା କରି କାବୁ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ମଦ୍ୟପ ଯୁବକମାନେ ଦୁଇଜଣ ପୋଲିସ ଉପରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ସମ୍ପୃକ୍ତ ମଦ୍ୟପଯୁବକଙ୍କୁ କାବୁ କରି ମାଡ଼ ମାରିଥିଲେ।

➤ ୨୦୨୪ ମାର୍ଚ୍ଚ ୧୧ରେ ପିସିଆର କର୍ମଚାରୀଙ୍କୁ ଆକ୍ରମଣ କରିବା ମାମଲାରେ ତମାଣ୍ଡୋ ଥାନା ପୋଲିସ ୨ ଭାଇଙ୍କ ସମେତ ୩ ଜଣଙ୍କୁ ଗିରଫ କରିଥିଲା।

➤ ୨୦୨୪ ଏପ୍ରିଲ ୨୮ରେ ମାଷ୍ଟରକ୍ୟାଣ୍ଟିନ ଛକରେ ଖାରବେଳନଗର ଥାନା ଅଧିକାରୀ ତାଙ୍କ ଟିମ୍ ସହ ଚେକିଂ କରୁଥିଲେ। ଏହି ସମୟରେ ଶ୍ରୀୟାଟକିଜ ଛକରୁ ମାଷ୍ଟରକ୍ୟାଣ୍ଟିନ ଛକ ଅଭିମୁଖେ ଏକ କାର ଦ୍ରୁତଗତିରେ ବିପଦଜନକ ଭାବେ ଆସୁଥିବା ଦେଖି ପୋଲିସ କର୍ମଚାରୀ ଉକ୍ତ ଗାଡିକୁ ବହୁ କଷ୍ଟରେ ଅଟକାଇଥିଲେ। ହେଲେ କାର ଭିତରେ ବସିଥିବା ଯୁବକମାନେ ଗାଳିଗୁଳଜ କରିବା ସହ ଥାନା ଅଧିକାରୀଙ୍କୁ ଚାପୁଡା ମାରିଥିଲେ। ଏହି ମାମଲାରେ ପୋଲିସ ୩ ଜଣଙ୍କୁ ଗିରଫ କରିଥିଲା ।

➤ ୨୦୨୪ ମେ ୩୦ରେ ଜଣେ ନାବାଳକଙ୍କୁ ଆକ୍ରମଣକାରୀ କବଳରୁ ଉଦ୍ଧାର କରିବାକୁ ଯାଇଥିବା ପିସିଆର ପୋଲିସକୁ ସଂଘବଦ୍ଧ ଆକ୍ରମଣ ହେବା ସହ ଗାଡି ଭଙ୍ଗାରୁଜା କରାଯାଇଥିଲା। ଏହି ଘଟଣାରେ ଖଣ୍ଡଗିରି ଥାନା ପୋଲିସ ଜଣେ ମହିଳାଙ୍କ ସମେତ ୯ ଜଣଙ୍କୁ ଗିରଫ କରିଥିଲା।

➤ ୨୦୨୪ ଜୁନ୍ ୧ ମଧ୍ୟରାତ୍ରିରେ ମଦ୍ୟପାନ କରି ରାସ୍ତାରେ ଗାଡି ଚଳାଉଥିବା ୪ ଯୁବକଙ୍କୁ ଚେକିଂ କରୁଥବା ପୋଲିସ କାବୁ କରି ହସ୍ପିଟାଲରେ ଭର୍ତ୍ତି କରିଥିଲା। ହେଲେ ସେମାନେ ପୋଲିସ କର୍ମଚାରୀଙ୍କୁ ଗାଳିଗୁଳଜ କରିବା ସହ ଆକ୍ରମଣ କରିଥିଲେ। ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ୪ ମଦ୍ୟପ ବ୍ୟକ୍ତିଙ୍କୁ ପରେ ଗିରଫ କରାଯାଇଛି।



ନୃତ୍ୟାଞ୍ଜଳିର ୩୨ତମ ମହୋତ୍ସବ ଓ ସମ୍ବର୍ଦ୍ଧନା ପର୍ବର ଉଦ୍‌ଯାପନୀ ଅବସରରେ ରବିବାର ରବୀନ୍ଦ୍ରମଣ୍ଡପରେ ଅନୁଷ୍ଠାନର ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ଲାଲା ବୀରେନ ରାୟଙ୍କୁ 'ନୃତ୍ୟାଞ୍ଜଳି ନାଟ୍ୟପୁରୁଷ ସମ୍ମାନ'

### ୩୨ତମ ନୃତ୍ୟାଞ୍ଜଳି ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୨।୬(ଶର୍ମିଷ୍ଠା ପାଣିଗ୍ରାହୀ)

ନୃତ୍ୟାଞ୍ଜଳିଅନୁଷ୍ଠାନର ୩୨ତମ ମହୋତ୍ସବ ଓ ସମ୍ବର୍ଦ୍ଧନା ପର୍ବର ଉଦ୍‌ଯାପନୀ ଉତ୍ସବ ରବିବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ଲାଲା ବୀରେନ ରାୟଙ୍କୁ 'ନୃତ୍ୟାଞ୍ଜଳି ନାଟ୍ୟ ପୁରୁଷ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏଥିସହ ବିଷ୍ଣୁ ପଣ୍ଡା ଓ ଚନ୍ଦ୍ରଶେଖର ରଣସିଂଙ୍କୁ 'ପୂର୍ଣ୍ଣଚନ୍ଦ୍ର ମଙ୍ଗରାଜ ସମ୍ମାନ' ଓ ଧୀରେନ୍ଦ୍ର ପଟ୍ଟନାୟକଙ୍କୁ 'ନୃତ୍ୟାଞ୍ଜଳୀ କଳା ସଙ୍ଗଠକ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପ୍ରସିଦ୍ଧ ନୃତ୍ୟ ଗୁରୁ ସ୍ନେହ ପ୍ରଭା ସାମନ୍ତରାୟ, ଦୁର୍ଗା ଚରଣ ରଣବୀର, ଉତ୍କଳ ସଙ୍ଗୀତ ମହାବିଦ୍ୟାଳ ଅଧ୍ୟକ୍ଷ ବିଜୟ କୁମାର ଜେନା, ନୃତ୍ୟାଞ୍ଜଳିର ସଭାପତି ଗୁରୁ ସୁକାନ୍ତ କୁମାର କୁଣ୍ଡୁ, ସମ୍ପାଦକ ଗୁରୁ ପୁଷ୍ପରଞ୍ଜନ ମଙ୍ଗରାଜ, ଜିଲା ପରିଷଦ ସଦସ୍ୟ ଗଙ୍ଗାଧର ବିଶ୍ୱାଳ, ରୁନିଲତା ବେହେରା ଅତିଥି ଭାବେ ଯୋଗଦେଇ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ଗୁରୁ ପୁଷ୍ପରଞ୍ଜନ ମଙ୍ଗରାଜଙ୍କ ସଂଯୋଜନାରେ ସୁଶ୍ରୀ ଅଙ୍କିତା ସାହୁ ଓ ଶୁଭଶ୍ରୀ ମହାପାତ୍ର ଉଚ୍ଚ କୋଟିର ଦ୍ୱୈତ ନୃତ୍ୟ ପରିବେଷଣ କରିଥିଲେ, ଯାହାକି ରାଗ ଦରବାରି ଓ ତାଳ ଏକତାଳିରେ ନିବଦ୍ଧ ଥିଲା। ଏହାର ସଙ୍ଗୀତ ସଂଯୋଜନା ଗୁରୁ ସୁକାନ୍ତ କୁଣ୍ଡୁ ଏବଂ ତାଳ ବାଦ୍ୟ ସଂଯୋଜନା କରିଥିଲେ ପ୍ରତିଷ୍ଠିତ ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ। ଅଭିନେତ୍ରୀ ତଥା ନୃତ୍ୟଶିଳ୍ପୀ ପ୍ରତିଭା ପଣ୍ଡା, ଭାବନା ଭଗବତୀ, ରଶ୍ମିତା ପଟ୍ଟନାୟକ, ରୁପାଲୀ ପାଳଙ୍କ ଦ୍ୱୈତ ନୃତ୍ୟ ବେଶ ହୃଦୟସ୍ପର୍ଶୀ ଥିଲା। କଳିଙ୍ଗ ବିହାର ନୃତ୍ୟ ସଙ୍ଗଠନ ଓ ନୃତ୍ୟ ସମର୍ପିତା ଅନୁଷ୍ଠାନ ଦ୍ୱାରା ଦଳଗତ ଲୋକ ନୃତ୍ୟ ପରିବେଷଣ କରାଯାଇଥିଲା।




'ଅନୁବାଦ ଓ ଅନ୍ୟାନ୍ୟ ଆଲୋଚନା' ପୁସ୍ତକକୁ ରବିବାର ଅତିଥିମାନେ ଲୋକାର୍ପଣ କରୁଛନ୍ତି।

## 'ଅନୁବାଦ ଓ ଅନ୍ୟାନ୍ୟ ଆଲୋଚନା' ପୁସ୍ତକ ଲୋକାର୍ପିତ

ପୁରୁଣା ଭୁବନେଶ୍ୱର,୨।୬(ସୁବାସ ଚନ୍ଦ୍ର ପ୍ରଧାନ)

ଅନୁବାଦ କଳା ନା କାରିଗରି ସେ ନେଇ ସନ୍ଦେହ ଉପୁଜେ ସତ, ହେଲେ ସମଗ୍ର ବିଶ୍ୱ ସାହିତ୍ୟରେ ଅନୁବାଦ ବିଭାଗ ସର୍ବଦା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି ବୋଲି ମତପ୍ରକାଶ ପାଇଛି। ରବିବାର କେଦାରନାଥ ଗବେଷଣା ପ୍ରତିଷ୍ଠାନ ପରିସରରେ ଲିପିକା ପ୍ରକାଶନୀ ପକ୍ଷରୁ ପ୍ରକାଶିତ ଡ.ପ୍ରସନ୍ନ କୁମାର ନାୟକଙ୍କ ପ୍ରବନ୍ଧ ପୁସ୍ତକ 'ଅନୁବାଦ ଓ ଅନ୍ୟାନ୍ୟ ଆଲୋଚନା' ଲୋକାର୍ପଣ ସମାରୋହରେ ଯୋଗଦେଇ ବହୁ ବିଶିଷ୍ଟ ବ୍ୟକ୍ତି ଏହି ମତପ୍ରକାଶ କରିବା ସହ ଅନୁବାଦ ଦ୍ୱାରା ଦୁଇଟି ଭାଷା ଓ ସଂସ୍କୃତି ମଧ୍ୟରେ ସେତୁ ସ୍ଥାପନ ହୁଏ ବୋଲି କହିଥିଲେ। ବରିଷ୍ଠ ପ୍ରଶାସକ ରଘୁନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଭାଷାବିଜ୍ଞାନୀ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟକ, ଶାସ୍ତ୍ରୀୟ ଓଡିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ବସନ୍ତ ପଣ୍ଡା ମୁଖ୍ୟଅତିଥି, କେଦାରନାଥ ଗବେଷଣା ପ୍ରତିଷ୍ଠାନର ସମ୍ପାଦକ ଡ. ରମେଶ ଚନ୍ଦ୍ର ପାଣି ସମ୍ମାନିତ ଅତିଥି ଓ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ସହକାରୀ ପ୍ରଫେସର ଡ.ଦେବାଶିଷ ମହାପାତ୍ର ସମୀକ୍ଷକଭାବେ ଯୋଗଦେଇଥିଲେ। ଅଧ୍ୟାପକ ପୁଣ୍ୟଦର୍ଶନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ପଣ୍ଡିତ ବିରଞ୍ଚି ନାରାୟଣ ମିଶ୍ର ବେଦପାଠ କରିଥିବା ବେଳେ ପ୍ରକାଶକ ଭିକାରୀ ଧଳ ସ୍ୱାଗତ ସୂଚନା ଦେଇଥିଲେ। ଲେଖକ ପ୍ରସନ୍ନ ନାୟକ ପୁସ୍ତକ ସମ୍ପର୍କରେ ମତବ୍ୟକ୍ତ କରିଥିବା ବେଳେ ବେଣୁଧର ଦାସ ଧନ୍ୟବାଦ ଦେଇଥିଲେ। ଲିଙ୍ଗରାଜ ରଥ, ସୂର୍ଯ୍ୟ ମିଶ୍ର, ସସ୍ମିତା କର, ମନୋଜ ଜେନା, ଶର୍ମିଷ୍ଠା ମହାପାତ୍ର, ଅରୁଣ ନାୟକ, ଜଗତ ଚନ୍ଦ୍ର ଦାସ, ସୁଶାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ବର୍ଷାରେ କଟକ ଜଳମଗ୍ନ

### କଟକଚଣ୍ଡୀ ମନ୍ଦିର ପରିସରରେ ପାଣି

କଟକ,୨।୬(ଶିଳ୍ପା ପ୍ରିୟଦର୍ଶିନୀ)

ବର୍ଷାରେ କଟକ ସହର ଜଳାର୍ଣ୍ଣବ ହୋଇଛି। ରବିବାର ରାତିରେ ପ୍ରାୟ ଦେଢ଼ଘଣ୍ଟା ଧରି ବର୍ଷା ହେବା ଫଳରେ ସହର ତଳି ଅଞ୍ଚଳର ଲୋକଙ୍କ ଘରେ ପାଣି ପଶିଯାଇଛି। ସେହିପରି କେଶରପୁର, ଥୋରିଆ ସାହି, ପ୍ରଫେସରପଡ଼ା, ଫ୍ରେଣ୍ଡସ୍ କଲୋନୀ, ମହମ୍ମଦିଆ ବଜାର, ମକରବାଗ ସାହି, ପଟ୍ଟାପୋଲ, ସୂତାହାଟ, ମେରିଆବଜାର, ବକ୍ସିବଜାର, ହାତୀପୋଖରୀ, ରାଜାବାଗିଚା ଲେବର କଲୋନୀ, ରକ୍ସିଲେନ୍, ବାଦାମବାଡ଼ି, ଖାନ୍‌ନଗର, ତୁଳସୀପୁର, ନନ୍ଦିସାହି ସମେତ ଅନ୍ୟ ଅଞ୍ଚଳରେ ଆଣ୍ଠୁଏ ଉଚ୍ଚର ପାଣି ଜମିରହିଛି। ଫଳରେ ଲୋକମାନେ ଯାତାୟାତ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବର୍ଷାପାଣି ସହ ନର୍ଦ୍ଦମା ଜଳ ମିଶି ଏକାକାର ହୋଇଥିଲା। ଏପରି କି ବକ୍ସଡ୍ରେନ୍ ଉପରେ ୧ ଫୁଟ ଉଚ୍ଚର ପାଣି ଚାଲୁଥିବା ଦେଖିବାକୁ ମିଳିଛି। ସେହିପରି କଟକ ଚଣ୍ଡୀମନ୍ଦିର ପରିସର ଜଳମଗ୍ନ ହୋଇଥିବାବେଳେ ମା'ଙ୍କ ଗର୍ଭଗୃହ ପର୍ଯ୍ୟନ୍ତ ପାଣି ଯାଇଥିବା ଦେଖିବାକୁ ମିଳିଛି। ରିପୋର୍ଟ ଲେଖାଯିବାବେଳକୁ ବିଭିନ୍ନ ସ୍ଥାନରେ ଜଳ ନିଷ୍କାସନ ପାଇଁ ସିଏମ୍‌ସି ପକ୍ଷରୁ ପମ୍ପ ବ୍ୟବସ୍ଥା କରାଯାଇ ନ ଥିବା ଜଣାପଡିଛି। ସେହିପରି ବର୍ଷା ଯୋଗୁ ସହରର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ନ ଥିବାରୁ ଲୋକମାନେ ଅନ୍ଧାରରେ ରହିଥିଲେ।

## ବିଜୁଳି ଚମକିଲା, ପ୍ରବଳ ବର୍ଷିଲା

ଭୁବନେଶ୍ୱର,୨।୬(ଅନୁରାଧା ମହାରଣା)

ଲଗାତାର କିଛି ଦିନର ପ୍ରଚଣ୍ଡ ତାତି ପରେ ରାଜଧାନୀମାଟିକୁ କାଳବୈଶାଖୀ ବର୍ଷା ଶୀତଳ କରିଛି। ମାତ୍ର ରାତିଅଧିଆ ହଠାତ୍ ବିଜୁଳିଘଡଘଡ଼ି ସହ ପ୍ରବଳ ବର୍ଷା ଜନଜୀବନକୁ ପ୍ରଭାବିତ କରିଛି। ଘଡ଼ଘଡ଼ି ପ୍ରଭାବରେ ଲୋକଙ୍କ ଘରକ୍ଷାନ୍ତ ଥରିଉଠିଥିବାବେଳେ ବର୍ଷା

### ଶୀତଳ ହେଲା ରାଜଧାନୀ

ପବନରେ ବିଭିନ୍ନ ସ୍ଥାନରେ ଗଛ ଡ଼ାଳ ଭାଙ୍ଗିପଡ଼ିଥିଲା। ପବନ ମାଡରେ ଆମ୍ବ ଓ ପଣସ ଗଦା ହୋଇଥିବା ଦେଖିବାକୁ ମିଳିଥିଲା। ଏହି କାଳବୈଶାଖୀ ପାଇଁ ବିଦ୍ୟୁତ୍ ସରବରାହ ଦୀର୍ଘ ସମୟ ଯାଏ ବନ୍ଦ ରହିଥିଲା। ଫଳରେ ସାରା ସହର ଅନ୍ଧାର ହୋଇପଡ଼ିଥିଲା। ଘର ଭିତରେ ଗୁଳୁଗୁଳିରେ ଲୋକମାନେ ଅତିଷ୍ଠ ହୋଇପଡ଼ିଥିଲେ। ପ୍ରାୟ ୨ ଘଣ୍ଟାରୁ ଅଧିକ ସମୟ ଧରି ଲଗାତାର ବର୍ଷା ହେବା ଫଳରେ ବିଭିନ୍ନ ସ୍ଥାନ ଜଳମଗ୍ନ ହୋଇଥିବା ଦେଖିବାକୁ ମିଳିଥିଲା। ଚନ୍ଦ୍ରଶେଖରପୁର, ରସୁଲଗଡ଼, ଜିଜିପି କଲୋନୀ ସମେତ ବିଭିନ୍ନ ସ୍ଥାନରେ ଆଣ୍ଠୁଏ ଉଚ୍ଚର ପାଣିସୁଅ ଛୁଟିଥିଲା।



ଜନପଥର ଶହୀଦନଗର ଆଇଡିବିଆଇ ଛକରେ ବର୍ଷା ପାଣି ଲହରି ଭାଙ୍ଗୁଛି।





ଏସ୍‌ପ୍ଲାନେଡ୍ ମଲ୍ ସମ୍ମୁଖ ରସୁଲଗଡ଼–ବମିଖାଲ ରାସ୍ତାରେ ଆଣ୍ଠୁଏ ଉଚ୍ଚର ବର୍ଷା ପାଣିର ସୁଅ ।

## ସଂକ୍ଷେପରେ

### ମନସ୍ୱିନୀ ସାହୁଙ୍କୁ ସମ୍ବର୍ଦ୍ଧନା

ବେଗୁନିଆ,୨।୬(ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମନସ୍ୱିନୀ ସାହୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବ୍ଲକରେ ସର୍ବୋଚ୍ଚ ନମ୍ବର ରଖି ପାସ କରିଥିଲେ। ରବିବାର ମନସ୍ୱିନୀଙ୍କୁ ବିଦ୍ୟାଳୟରେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବେଗୁନିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ମହାପାତ୍ର, ଶିକ୍ଷକ ନାରାୟଣ ମାନସିଂହ, ମାନସ ରଞ୍ଜନ ସେଠୀ, ସିଆର୍‌ସିସି ହେମନ୍ତ କୁମାର ସାହୁ, ପରିଚାଳନା କମିଟି ସଭାପତି ବଂଶୀଧର ପାଣିଗ୍ରାହୀଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

### ପାଲେଷ୍ଟାଇନରେ ଶାନ୍ତି ପ୍ରତିଷ୍ଠା ପାଇଁ ଗଣପ୍ରତିବାଦ

ଭୁବନେଶ୍ୱର,୨।୬(ଅନୁରାଧା ମହାରଣା)- ସାମ୍ରାଜ୍ୟବାଦୀ ଇସ୍ରାଏଲର ପାଲେଷ୍ଟାଇନରେ ଗଣହତ୍ୟା ବନ୍ଦ, ଦୀର୍ଘ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା, ପାଲେଷ୍ଟାଇନକୁ ରାଷ୍ଟ୍ର ମାନ୍ୟତା ଦାବିରେ ରବିବାର ଓଡ଼ିଶା ସମେତ ସାରା ଭାରତରେ ଗଣ ପ୍ରତିବାଦ କରାଯାଇଛି। ଏହିକ୍ରମରେ ଭୁବନେଶ୍ୱରରେ ବାମପନ୍ଥୀ ଧର୍ମନିରପେକ୍ଷ ଦଳଗୁଡ଼ିକ ପକ୍ଷରୁ ଧାରଣା ଦିଆଯାଇ ଗଣପ୍ରତିବାଦ କରାଯାଇଥିଲା। ଏହି ପ୍ରତିବାଦ ସଭାରେ ଭାରତ ସରକାର ତୁରନ୍ତ ଜାତିସଂଘ ସାଧାରଣ ପରିଷଦରେ ପାଲେଷ୍ଟାଇନକୁ ସାର୍ବଭୌମ ରାଷ୍ଟ୍ର ମାନ୍ୟତା ପ୍ରଦାନ, ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ନିମନ୍ତେ ସହମତି ପ୍ରକାଶ ପାଇଁ ଦାବି କରାଯାଇଥିଲା। ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍‌ଏଲ୍) ଲିବରେଶନ, ଫରୱାର୍ଡ ବ୍ଲକ, ସମାଜବାଦୀ ପାର୍ଟିର ବରିଷ୍ଠ ନେତୃବୃନ୍ଦ ଏହି ଗଣଧାରଣାରେ ସାମିଲ ହୋଇଥିଲେ। ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ଏହି ପ୍ରତିବାଦର ସଂଯୋଜନା କରିଥିଲେ।

### ଇକୋର୍ସା ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ

ଭୁବନେଶ୍ୱର,୨।୬(ଅନୁରାଧା ମହାରଣା)- ପୂର୍ବତଟ ରେଳପଥ କ୍ରୀଡା ସଂଗଠନ (ଇକୋର୍ସା) ପକ୍ଷରୁ ମାସେ ଧରି ଚାଲିଥିବା ଗ୍ରୀଷ୍ମକାଳୀନ ଶିବିର ରବିବାର ରେଳପଥ ଇନ୍‌ଡୋର୍ ଷ୍ଟାଡିୟମଠାରେ ଉଦ୍‌ଯାପିତ ହୋଇଯାଇଛି। ସମାରୋହରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ତମ ପ୍ରଦର୍ଶନ କରିଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପିଲାମାନଙ୍କର ଶାରୀରିକ, ମାନସିକ ଓ ନୈତିକ ବିକାଶ ଉଦ୍ଦେଶ୍ୟରେ ଏହି ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ପିଲାମାନଙ୍କୁ କ୍ରିକେଟ, ଭଲିବଲ, ବାସ୍କେଟ ବଲ, ସୁଇମିଂ ଓ ଟେନିସ ଆଦି କ୍ରୀଡ଼ାର ପ୍ରଶିକ୍ଷଣ ଦିଆଯାଇଥିଲା। ରେଳ କର୍ମଚାରୀଙ୍କ ପିଲାମାନଙ୍କ ସମେତ ମୋଟ ୧୩୦ଜଣ ଏହି ଶିବିରରେ ଯୋଗଦେଇଥିଲେ। ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ମହେଶ କୁମାର ବେହେରା, ଇକୋର୍ସା ସଭାପତି ଭି. ଆର. ଲେନିନ ଏବଂ ସମ୍ପାଦକ ଏ. କେ. ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାର ୩ କେନ୍ଦ୍ରରେ ହେବ ଭୋଟ ଗଣତି

**ଖୋର୍ଦ୍ଧା,୨।୬(ପ୍ରଭାତ ପାଣିଗ୍ରାହୀ)**

**୪ରେ ୯୫ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା**

- ପ୍ରଶାସନର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ
- ମତଦାନ କରିଛନ୍ତି ୧୨,୪୫,୯୪୯ ଭୋଟର

ସାଧାରଣ ନିର୍ବାଚନର ଫଳାଫଳ ଆସନ୍ତା ୪ ତାରିଖ ତଥା ମଙ୍ଗଳବାର ପ୍ରକାଶ ପାଇବ। ଭୁବନେଶ୍ୱର ଲୋକ ସଭା ସମେତ ୮ ନିର୍ବାଚନମଣ୍ଡଳୀର ୯୫ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ଏକକାଳୀନ ଲୋକ ସଭା ଓ ବିଧାନସଭା ପାଇଁ ଜିଲାର ୩ କେନ୍ଦ୍ରରେ ଭୋଟ ଗଣତି କରାଯିବ। ଖୋର୍ଦ୍ଧା ଓ ବେଗୁନିଆ ନିର୍ବାଚନ ମଣ୍ଡଳୀ ପାଇଁ ଜିଲା ପଣ୍ୟାଗାର, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚିଲିକା ଏବଂ ଜଟଣୀ, ଜୟଦେବ ଏବଂ ଭୁବନେଶ୍ୱର ସହରାଞ୍ଚଳ ୩ ନିର୍ବାଚନ ମଣ୍ଡଳୀ ପାଇଁ ବିଜେବି କଲେଜରେ ଭୋଟଗଣତି କରାଯିବ। ଏନେଇ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି। ତ୍ରିସ୍ତରୀୟ ସୁରକ୍ଷା ବଳୟ ଏବଂ ସିସିଟିଭି ସର୍ଭେଲାନ୍ସରେ ଷ୍ଟ୍ରଙ୍ଗରୁମ୍ ରହିଛି। କେନ୍ଦ୍ରୀୟ ଫୋର୍ସ ଓ ରାଜ୍ୟ ପୋଲିସ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି।

ଜିଲାରେ ଚଳିତ ନିର୍ବାଚନରେ ୧୯ଲକ୍ଷ ୬ହଜାର ୫୧୮ ଭୋଟର ରହିଥିବା ବେଳେ ୧୨ଲକ୍ଷ ୪୫ହଜାର ୯୪୯ ଭୋଟ ଦେଇଛନ୍ତି। ସେଥିରୁ ପୁରୁଷ ୬୪୦୨୨୯, ମହିଳା ୬୦୫୫୯୧ ଏବଂ ଅନ୍ୟ ୧୨୯ ରହିଛନ୍ତି। ପୁରୁଷ ମତଦାନ ହାର ୬୪.୬୨, ମହିଳା ୬୬.୧୭ ଓ ଅନ୍ୟ ୨୨.୨୮ ପ୍ରତିଶତ ରହିଛି। ପୁରୁଷଙ୍କ ତୁଳନାରେ ମହିଳାଙ୍କ ଭୋଟରଙ୍କ ସଂଖ୍ୟା ଅଧିକ ରହିଛି। ଚଳିତ ନିର୍ବାଚନରେ ରାଜଧାନୀରେ ଭୋଟହାର ବୃଦ୍ଧି ପାଇଥିବା ଜିଲା ନିର୍ବାଚନ ଅଧିକାରୀ ଜଣାଇଛନ୍ତି। ୨୦୧୪ରେ ଭୁବନେଶ୍ୱର ୩ ନିର୍ବାଚନ ମଣ୍ଡଳୀରେ ହାରାହାରି ୪୨ପ୍ରତିଶତ ରହିଥିଲା। ୨୦୧୯ରେ ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରେ ୪୩.୨୫, ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ୪୫.୩୯, ଏକାମ୍ରରେ ୪୭.୬୪ ରହିଥିବା ବେଳେ ୨୦୨୪ ନିର୍ବାଚନରେ ଏଥିରେ ବୃଦ୍ଧି ଘଟିଛି। ଭୁବନେଶ୍ୱର ମଧ୍ୟରେ ୫୧.୨୮, ଉତ୍ତର ନିର୍ବାଚନମଣ୍ଡଳୀରେ ୫୩.୩୯, ଏକାମ୍ରରେ ୫୬.୪୨ ହାର ମତଦାନ ହୋଇଛି।

ଭୁବନେଶ୍ୱର ଲୋକ ସଭା ଅନ୍ତର୍ଗତ ଜୟଦେବ ନିର୍ବାଚନ ମଣ୍ଡଳୀରେ ମତଦାନ ହାର ୮୦.୭୭ ପ୍ରତିଶତ ରହିଛି। ସେହିପରି ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀରେ ମତଦାନ ହାର ୫୧.୨୩ ପ୍ରତିଶତ ରହିଛି। ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀରେ ମତଦାନ ହାର ୫୩.୯୩ ପ୍ରତିଶତ ରହିଛି। ଏକାମ୍ର ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀରେ ମତଦାନ ହାର ୫୬.୪୨ ପ୍ରତିଶତ ରହିଛି। ଜଟଣୀ ନିର୍ବାଚନ ମଣ୍ଡଳୀରେ ମତଦାନ ହାର ୭୦.୧୯ ପ୍ରତିଶତ ରହିଛି। ବେଗୁନିଆ ନିର୍ବାଚନ ମଣ୍ଡଳୀରେ ମତଦାନ ହାର ୭୧.୯୬ ପ୍ରତିଶତ ରହିଛି। ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରେ ମତଦାନ ହାର ୭୨.୭୫ ପ୍ରତିଶତ ରହିଛି। ପୁରୀ ଲୋକ ସଭା ଅନ୍ତର୍ଗତ ଚିଲିକା ନିର୍ବାଚନ ମଣ୍ଡଳୀରେ ମତଦାନ ହାର ୭୧.୫୭ ପ୍ରତିଶତ ରହିଛି।




ବାହାନଗା ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ଉଦ୍ଦେଶ୍ୟରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଶ୍ରମିକ କଂଗ୍ରେସ ଓପେନ ଲାଇନ ଶାଖା କାର୍ଯ୍ୟାଳୟଠାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ନୀରବ ପ୍ରାର୍ଥନା କରାଯାଉଛି।

## କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଜଣାଇଲା ଶ୍ରମିକ କଂଗ୍ରେସ

### ବାହାନଗା ରେଳ ଦୁର୍ଘଟଣାକୁ ବର୍ଷେ ପୂରିଲା

ଜଟଣୀ,୨।୬(ରବୀନ୍ଦ୍ରନାଥ ମହାକୁଡ଼): ବାହାନଗା ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ଉଦ୍ଦେଶ୍ୟରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳରେ ଅବସ୍ଥିତ ଶ୍ରମିକ କଂଗ୍ରେସ ଓପେନ ଲାଇନ ଶାଖା କାର୍ଯ୍ୟାଳୟଠାରେ ଶାଖା ସମ୍ପାଦକ ଏଲ୍.ଡି.ମହାନ୍ତିଙ୍କ ନେତୃତ୍ୱରେ ରବିବାର କ୍ୟାଣ୍ଡେଲ ଜଳାଇ ଶ୍ରଦ୍ଧାଞ୍ଜଳି ଦେବା ସହ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ ପଦାଧିକାରୀ ଏମ୍.ଜି.କେ ରାଓ, ଶରତ ପଣ୍ଡା, କାର୍ଯ୍ୟକାରୀ ସଭାପତି ମୁସ୍ତାକ ଅଲ୍ଲୀ, ସହ ସମ୍ପାଦକ ପ୍ରଦୀପ ସୁନ୍ଦରାୟ, ବାହାନ ଘଡେଇଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

## ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀ

# ଆଶା, ଆଶଙ୍କାରେ ପ୍ରାର୍ଥୀ

**ଖୋର୍ଦ୍ଧା,୨।୬ (ପ୍ରଭାତ ପାଣିଗ୍ରାହୀ)**

ଆସନ୍ତା ୪ ତାରିଖ ତଥା ମଙ୍ଗଳବାର ସାଧାରଣ ନିର୍ବାଚନର ଫଳାଫଳ ପ୍ରକାଶ ପାଇବ। ତେବେ ଭୁବନେଶ୍ୱର ଲୋକ ସଭା ଆସନ ଏବଂ ୭ ବିଧାନସଭା ଆସନରେ କିଏ ବିଜୟୀ ହେବ, ତାହାକୁ ନେଇ ସବୁଠି ଚର୍ଚ୍ଚା ଜୋର ଧରିଛି। ୨୦୦୦ ମସିହାରୁ ଭୁବନେଶ୍ୱର ଲୋକ ସଭା ଆସନ ବିଜେଡି ହାତରେ ରହିଥିବା ବେଳେ ୨୦୧୯ରେ ଭାଜପାରୁ ଅପରାଜିତା ଷଡ଼ଙ୍ଗୀ ବିଜୟୀ ହୋଇଥିଲେ। ଜଟଣୀ ନିର୍ବାଚନମଣ୍ଡଳୀକୁ ବାଦ୍ ଦେଲେ ଅନ୍ୟ ୬ନିର୍ବାଚନ ମଣ୍ଡଳୀରେ ବିଜେଡି ବିଧାୟକ ଜିତିଥିଲେ। ଚଳିତଥର ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ଅପରାଜିତା ଏବଂ ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଥିବା ଆଲୋଚନା ହେଉଛି। ଆଶା, ଆଶଙ୍କାରେ ବିଭିନ୍ନ ଦଳର ପ୍ରାର୍ଥୀମାନେ ରହିଥିବା ବେଳେ ଜନତାଙ୍କ ସହମତି କାହା ପ୍ରତି ରହିଛି ମଙ୍ଗଳବାର ସ୍ପଷ୍ଟ ହେବ ବୋଲି ମତପ୍ରକାଶ ପାଇଛି।

ଜୟଦେବ ବିଧାନସଭା ଆସନରେ ଅରବିନ୍ଦ ଢାଲି ଭାଜପାରୁ ପ୍ରାର୍ଥୀ ହୋଇଥିବା ବେଳେ ବିଜେଡି ପ୍ରାର୍ଥୀ ନବକିଶୋର ମଲିକଙ୍କ ସହ କଡା ଟକ୍କର ହୋଇଥିବା ଜଣାପଡିଛି। ସେହିପରି ଭୁବନେଶ୍ୱର ଏକାମ୍ରରେ ବିଜେଡି ପ୍ରାର୍ଥୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଭାଜପା ପ୍ରାର୍ଥୀ ବାବୁ ସିଂଙ୍କ ସହ କଡା ଟକ୍କର ହେବ ବୋଲି ଆଲୋଚନା ହେଉଛି। ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର ଏବଂ ବିଜେଡି ପ୍ରାର୍ଥୀ ସୁଶାନ୍ତ ରାଉତଙ୍କ ସହ କଡା ଟକ୍କର ହୋଇଛି। ସେହିଭଳି ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଅନନ୍ତ ଜେନାଙ୍କ ସହ ଭାଜପା ପ୍ରାର୍ଥୀ ଜଗନ୍ନାଥ ପ୍ରଧାନଙ୍କ ମଧ୍ୟରେ ବିଗ ଫାଇଟ ହୋଇଥିବା କୁହାଯାଉଛି। ଜଟଣୀରେ ବିଜେଡି ପୂର୍ବତନ ବିଧାୟକ ବିଭୂତି ବଳବନ୍ତରାୟଙ୍କ ସହ ଭାଜପାର ବିଶ୍ୱରଞ୍ଜନ ବଡଜେନା ଏବଂ କଂଗ୍ରେସ ପ୍ରାର୍ଥୀ ସନ୍ତୋଷ ଜେନାଙ୍କ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହୋଇଛି। ସେହିଭଳି ବେଗୁନିଆରେ ବିଜେଡି ପ୍ରାର୍ଥୀ ପ୍ରଦୀପ ସାହୁଙ୍କ ପଲ୍ଲା ଭାରି ରହିଥିବା ଚର୍ଚ୍ଚା ହେଉଥିବା ବେଳେ ଭାଜପାରୁ ପ୍ରକାଶ ଚନ୍ଦ୍ର ବିଶ୍ୱାଳ ଏବଂ କଂଗ୍ରେସ ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କ ସହ କଡା ଟକ୍କର ହୋଇଛି। ସେହିଭଳି ଖୋର୍ଦ୍ଧାରେ ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ସାହୁ , ଭାଜପା ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବ ଏବଂ ସ୍ୱାଧୀନ ପ୍ରାର୍ଥୀ କାଳୁଚରଣ ଖଣ୍ଡାୟତରାୟଙ୍କ ମଧ୍ୟରେ କଡା ମୁକାବିଲା ହୋଇଛି। ଅନ୍ୟପଟେ ପୁରୀ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଚିଲିକା ନିର୍ବାଚନ ମଣ୍ଡଳୀରେ ଭାଜପା ପ୍ରାର୍ଥୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ବିଜେଡି ପ୍ରାର୍ଥୀ ବିଧାୟକ ରଘୁନାଥ ସାହୁଙ୍କ ମଧ୍ୟରେ କଡା ଟକ୍କର ହୋଇଛି। ତେବେ ଜନତାଙ୍କ ସହମତି କାହା ପ୍ରତି ରହିଛି, ତାହା ଆସନ୍ତା ୪ତାରିଖରେ ଜଣାପଡିବ।

## ଏଟିଏମ୍ ଲୁଟ ଉଦ୍ୟମ ପଣ୍ଡ

ନିରାକାରପୁର,୨।୬(ମାନସ ଚନ୍ଦ୍ର ପଟ୍ଟନାୟକ): ଏଟିଏମ୍‌ରୁ ଟଙ୍କା ଲୁଟ କରିବାକୁ ଆସି ଖାଲି ହାତର ଫେରିଛନ୍ତି ଲୁଟେରା। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ଜଙ୍କିଆ ବଜାରରେ ଦେଖିବାକୁ ମିଳିଛି। ସୂଚନା ମୁତାବକ, ଶନିବାର ବିଳମ୍ବିତ ରାତିରେ ୪ଜଣ ଲୁଟେରା ଲୁଟ୍ ଉଦ୍ଦେଶ୍ୟରେ ଜଙ୍କିଆ ବଜାରରେ ଥିବା ଏକ ଏଟିଏମ୍‌ରେ ପଶିଥିଲେ। ଏହି ସମୟରେ ଜଙ୍କିଆରେ ପଡିଥିବା ଅପେରାକୁ ଦେଖିବାକୁ କେତେଜଣ ଯୁବକ ଯାଉଥିବା ବେଳେ ପାଟି କରିଥିଲେ। ପାଟି ଶୁଣି ଲୁଟେରାମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଅଧ୍ୟକ୍ଷ କୈଳାସ ଚନ୍ଦ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କୃଷ୍ଣପ୍ରସାଦ,୨।୬(କୈଳାସ ଚନ୍ଦ୍ର ପଟ୍ଟନାୟକ): କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କନ୍ଦାଖାଇ ବିଜ୍ଞାନ ଓ କଳା ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଅର୍ଥନୀତି ବିଭାଗର ବରିଷ୍ଠ ପ୍ରାଧ୍ୟାପକ କୈଳାସ ଚନ୍ଦ୍ର ବାରିକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗଣିତ ପ୍ରାଧ୍ୟାପକ ସୁରେଶ ଚନ୍ଦ୍ର ସୁବୁଦ୍ଧିରତ୍ନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଅଧ୍ୟକ୍ଷ ନୃସିଂହାନନ୍ଦ ପଣ୍ଡା, ସମ୍ମାନିତ ଅତିଥି ପ୍ରାଧ୍ୟାପକ ଡ.ପ୍ରଭାତ କୁମାର ଆଚାର୍ଯ୍ୟ, ରାଜ କିଶୋର ସାମନ୍ତରାୟ, ପୂର୍ବତନ ଅଧ୍ୟକ୍ଷ ନୀଳକଣ୍ଠ ତ୍ରିପାଠୀ, ଅଧ୍ୟାପକ ମଧୁସୂଦନ ସାହୁ, ଦିନେଶ କୁମାର ରଥ, ଅଧ୍ୟାପିକା ଚନ୍ଦନା ନାୟକ, ମୁଖ୍ୟ କିରାଣୀ ଦିଲ୍ଲୀପ ଦଳାଇ, ଗ୍ରନ୍ଥାଗାର ରମାନାଥ ପ୍ରଧାନ, ସୁକାନ୍ତ ଜେନା ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଅଧ୍ୟକ୍ଷଙ୍କ ଛାତ୍ରବତ୍ସଳତା, କାର୍ଯ୍ୟଦକ୍ଷତା, ସମାୟାନୁବର୍ତ୍ତିତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପ୍ରାଧ୍ୟାପକ ଚନ୍ଦ୍ରଶେଖର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାବିଦ୍ୟାଳୟ ପକ୍ଷରୁ ବିଦାୟୀ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବଜ୍ରପାତଜନିତ ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଶିକ୍ଷାର୍ଥୀମାନେ।

**ବାଣପୁର/ବାଲୁଗାଁ,୨।୬(ଦିଲୀପ ସ୍ୱାଇଁ/ ସଂଗ୍ରାମ ପାଇକରାୟ)**

ବଜ୍ରପାତ ଯୋଗୁ ଅନେକଙ୍କ ଜୀବନ ଯାଉଛି। ଏଥିରୁ ରକ୍ଷା ପାଇବା ପାଇଁ ବାଣପୁରସ୍ଥିତ କମ୍ପ୍ୟୁଟର ଷ୍ଟଡ଼ି ସେଣ୍ଟର ପକ୍ଷରୁ ରବିବାର ଏକ ସଚେତନମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗୀୟ ସଂଯୋଜକ ସୁଦେଶ କୁମାର ସେଠୀ, ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ମହାପାତ୍ର, ଇଂଲିଶ ଅଧ୍ୟାପକ ରମେଶ ଚନ୍ଦ୍ର ଦାସ, ସମାଜସେବୀ ଅନନ୍ତ ଚରଣ ଖଟେଇ ପ୍ରମୁଖ ଯୋଗଦେଇ ବଜ୍ରପାତରୁ ରକ୍ଷା ପାଇବା ସମ୍ବନ୍ଧୀୟ ବିଭିନ୍ନ ସଚେତନମୂଳକ ବାର୍ତ୍ତା ପ୍ରଦାନ କରିଥିଲେ। ବଜ୍ରପାତ ସମୟରେ ଭୂମିରେ ଚିତ୍ ହୋଇ ନ ଶୋଇବା, ବାହାରେ ଥିଲେ ସୁରକ୍ଷିତ କୌଣସି ପକ୍କା ଘରେ ଆଶ୍ରୟ ନେବା, ଝରକା କବାଟ ବନ୍ଦ କରିବା ସହ କାନ୍ଥରୁ ଛାଡ଼ିକରି ରହିବା, ଜଳାଶୟ ନିକଟରୁ ଦୂରରେ ରହିବା, ବିଦ୍ୟୁତ୍ ଚାଳିତ କୌଣସି ଉପକରଣକୁ ବ୍ୟବହାର ନ କରିବା, ଗଛ ତଳେ ଆଶ୍ରୟ ନ ନେବା, ଧାତୁ ତିଆରି ଦ୍ରବ୍ୟକୁ ନ ଛୁଇଁବା ଆଦି ବିଭିନ୍ନ ଉପାୟ ସମ୍ବନ୍ଧରେ ସଚେତନ କରାଯାଇଥିଲା। ଅନୁଷ୍ଠାନର ସମସ୍ତ ଶିକ୍ଷାର୍ଥୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବେଳେ ଏହି ସଚେତନ ବାର୍ତ୍ତା ଜନସାଧାରଣଙ୍କୁ ଅବଗତ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର କମ୍ପ୍ୟୁଟର ପ୍ରଶିକ୍ଷକ ସୁକେଶ ତ୍ରିପାଠୀ ଓ ନନ୍ଦିଘୋଷ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିନା ସୂଚନାଫଳକରେ ଚାଲିଛି ରାସ୍ତା କାମ



**ବେଗୁନିଆ,୨।୬(ସନ୍ଧ୍ୟାରାଣୀ ମିଶ୍ର)**

- ନିମ୍ନମାନର କାର୍ଯ୍ୟ ଅଭିଯୋଗ
- ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି

ବେଗୁନିଆ ବ୍ଲକ ଅନ୍ତର୍ଗତ ତୁଳସୀପୁରଠାରୁ ହଳଦିଆ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯାଉଛି। ତେବେ ବିନା ସୂଚନାଫଳକରେ ଚାଲିଛି ରାସ୍ତା କାମ। ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଏହି କାର୍ଯ୍ୟ ଚାଲୁଥିବାବେଳେ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଷ୍ଟିମେଟରେ ଥିବା ଉଦ୍ଦିଷ୍ଟ ସ୍ଥାନରୁ ଠିକାଦାର ମାଟି ନ ଖୋଳି ରାସ୍ତାପାର୍ଶ୍ୱରେ ଥିବା ଶ୍ମଶାନ ଓ ଗୋଚର ଜମିରୁ ମାଟି ଖୋଳି ବଡ଼ ବଡ଼ ଗର୍ତ୍ତ କରୁଛନ୍ତି, ଯାହାକି ଧନଜୀବନ ହାନି ହେବାର ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଠିକାଦାର ନିଜ ଇଚ୍ଛା ମୁତାବକ କାର୍ଯ୍ୟ କରୁଥିବାରୁ ସ୍ଥାନୀୟ ଅଞ୍ଚଳର ଗୋକୁଳାନନ୍ଦ ତ୍ରିପାଠୀ, କାର୍ତ୍ତିକେଶ୍ୱର ମହାପାତ୍ର, ମାୟାଧର ତ୍ରିପାଠୀ, ରମେଶ ଚନ୍ଦ୍ର ଦାଶ, ଲକ୍ଷ୍ମୀଧର ସାହୁ, ପ୍ରଦୀପ କୁମାର ସାହୁ, କୁଳମଣି ଦାସ, ରମେଶ ପ୍ରଧାନ, ଜୟନ୍ତ ନାୟକ, ଜିତୁ ମଲ୍ଲିକ, ରମେଶ ନାୟକ ପ୍ରମୁଖ ଖୋର୍ଦ୍ଧା ଉପଜିଲାପାଳ, ବାଘମାରୀ ଥାନା ଏବଂ ଭୁବନେଶର ସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ ଇଞ୍ଜିନିୟରଙ୍କୁ କାର୍ଯ୍ୟର ଅନିୟମିତତା ସମ୍ପର୍କରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ତୁରନ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## 'ବିଦ୍ୟାର୍ଥୀଙ୍କ ଉନ୍ନତିରେ ଶିକ୍ଷକଙ୍କ ଜୀବନ ଉତ୍ସର୍ଗୀକୃତ'

**ବୋଲଗଡ଼,୨।୬(ଦେବବ୍ରତ ହୋତା)**



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ ଏକଡ଼ାଳିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ବିଦାୟୀ ପ୍ରଧାନଶିକ୍ଷକ ରାମଚନ୍ଦ୍ର ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟର ପ୍ରଥମ ପ୍ରଧାନ ଶିକ୍ଷକ ଭାଗ୍ୟଧର ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୂତି ଭୂଷଣ ମହାପାତ୍ର, ପୂର୍ବତନ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ଛୁଆଳସିଂହ, ସୁବଳ ଜେନା, ଚିତ୍ତରଞ୍ଜନ ସ୍ୱାଇଁ, ସୁମତି ଦେଇ, ମଙ୍ଗୁଳି ସ୍ୱାଇଁ ଏବଂ ମାଣିବନ୍ଧ କ୍ଲଷ୍ଟରର ଅନେକ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ରାମଚନ୍ଦ୍ରଙ୍କ ଗୁଣଗାନ କରିବା ସହ ବିଦ୍ୟାର୍ଥୀଙ୍କ ଉନ୍ନତିରେ ଶିକ୍ଷକମାନଙ୍କ ଜୀବନ ଉତ୍ସର୍ଗୀକୃତ ବୋଲି କହିଥିଲେ। ସେ ଜଣେ ଛାତ୍ରବତ୍ସଳ, କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଥିଲେ। ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବାନାମ୍ବର ପ୍ରଧାନ, ସମସ୍ତ ସଭ୍ୟାସଭ୍ୟ ଏବଂ ମାଣିବନ୍ଧ ପଞ୍ଚାୟତର ନାଏବ ସରପଞ୍ଚ ଯୋଗଦେଇଥିଲେ। ଶେଷରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଲକ୍ଷ୍ମୀଧର ସାହୁ ଧନ୍ୟବାଦ ଦେଇଥିଲେ। ସେହିପରି ବୋଲଗଡ଼ ବ୍ଲକ ଅନ୍ତର୍ଗତ ପଶ୍ଚିମେଶ୍ୱର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିବନ୍ଧୁ ତ୍ରିପାଠୀ ଚାକିରିରୁ ଅବସର ନେଇଥିବାରୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାୟିତ୍ୱ ତୁଲାଇବାକୁ ଯାଉଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ସିଂହଙ୍କ ସଭାପତିତ୍ୱରେ ସ୍କୁଲ ପରିଚାଳନା କମିଟି, ଛାତ୍ରୀଛାତ୍ର ତଥା ସହକର୍ମୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଜିଲା ଜୁନିୟର ରେଡକ୍ରସର ଉପସଭାପତି ଡ.ନିରଞ୍ଜନ ମହାନ୍ତି, ଖୋର୍ଦ୍ଧା ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ତାପସ ନାୟକ, ପୂର୍ବତନ ବିଇଓ ବିଭୂତି ଭୂଷଣ ମହାପାତ୍ର, ରଘୁନାଥ ଦଳବେହେରା, ସ୍ଥାନୀୟ ସରପଞ୍ଚ ପ୍ରଦୀପ ବାରିକ ପ୍ରମୁଖ ଅତିଥିଭାବେ ଯୋଗଦେଇ ତ୍ରିପାଠୀଙ୍କ କାର୍ଯ୍ୟକାଳରେ ଛାତ୍ରୀଛାତ୍ରଙ୍କ ଶିକ୍ଷା ଓ ବିଦ୍ୟାଳୟର ଆନୁଷଙ୍ଗିକ ଉନ୍ନତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଥିବା ନେଇ ବକ୍ତବ୍ୟ ରଖିଥିଲେ। ସଭା ଆରମ୍ଭ ପୂର୍ବରୁ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସମ୍ବର୍ଦ୍ଧନା ସଙ୍ଗୀତ ଗାନ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଅତିଥିମାନଙ୍କ ଦ୍ୱାରା ପ୍ରଧାନ ଶିକ୍ଷକଙ୍କୁ ଉତ୍ତରୀୟ ସହିତ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ମାଣିକାଗୋଡ଼ାରେ ମାଙ୍କଡ଼ ଆତଙ୍କ, ୭ ଆହତ

**ବୋଲଗଡ଼,୨।୬(ଦେବବ୍ରତ ହୋତା)**

ବୋଲଗଡ଼ ବନଖଣ୍ଡ ଅଧୀନ ମାଣିକାଗୋଡ଼ା ଗ୍ରାମରେ ଏକ ପାଗଳ ମାଙ୍କଡ଼ଦଳ ନିକଟସ୍ଥ ବ୍ରାହ୍ମଣୀଦେବୀ ସଂରକ୍ଷିତ ଜଙ୍ଗଲରୁ ଆସି ଆତଙ୍କ ସୃଷ୍ଟି କରିଛନ୍ତି। ୩ଦିନ ମଧ୍ୟରେ ୭ଜଣଙ୍କୁ କାମୁଡି ଆହତ କରିଛନ୍ତି। ଆହତମାନେ ହେଲେ କୁମାରୀ ସାହୁ, ଶଶିରେଖା ବେହେରା, ରବୀନ୍ଦ୍ର କୁମାର ପୃଷ୍ଟି, ଲକ୍ଷ୍ମୀପ୍ରିୟା ସାହୁ, ଶ୍ରୀଚନ୍ଦନ ସାହୁ, ଶୁଭଶ୍ରୀ ପ୍ରିୟଦର୍ଶିନୀ, ଆନନ୍ଦ କୁମାର ସାହୁ। ଏମାନେ ନୟାଗଡ଼ ଜିଲା ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳର ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ଅନୁରୂପଭାବେ ଗତ ୬ମାସ ପୂର୍ବେ ମାଙ୍କଡ଼ କାମୁଡ଼ାରେ କଲେଜ ଛାତ୍ରୀମାନଙ୍କ ସମେତ ବହୁ ଗ୍ରାମବାସୀ ଆହତ ହୋଇଥିଲେ। ସେମାନେ କ୍ଷତିପୂରଣ ପାଇଁ ଆବେଦନ କରିଥିଲେ ମଧ୍ୟ ବନବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସହାୟତା ମିଳି ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ମାଙ୍କଡ଼ଦଳଙ୍କ ଦୌରାତ୍ମ୍ୟ ଖବରପାଇ ବୋଲଗଡ଼ ବନପାଳ ପ୍ରଦୀପ ପଟ୍ଟନାୟକ ବନରକ୍ଷୀମାନଙ୍କ ସହ ମାଣିକାଗୋଡା ଗ୍ରାମରେ ପହଞ୍ଚି ମାଙ୍କଡ଼ଙ୍କୁ ଧରିବାକୁ ଚେଷ୍ଟା କରି ବିଫଳ ହୋଇଛନ୍ତି। ତେବେ ମାଙ୍କଡ଼ମାନଙ୍କ ଗତିବିଧି ଲକ୍ଷ୍ୟ କରି ଆଗାମୀ ଦିନରେ ସେମାନଙ୍କୁ ଟ୍ରାଙ୍କୁଲାଇଜ୍ କରି କିମ୍ବା ଜନ୍ତା ବସାଇ ଧରାଯିବ ବୋଲି ପଟ୍ଟନାୟକ କହିଛନ୍ତି। ମାଙ୍କଡ଼ମାନଙ୍କୁ ଧରି ଚିକିତ୍ସା କରିବା ସହିତ ଆହତଙ୍କୁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରିବା ଲାଗି ସାମାଜିକକର୍ମୀ ଇଂ.କର୍ପୁର ସାହୁ ବୋଲଗଡ଼ ବ୍ଲକ ପ୍ରଶାସନ ନିକଟରେ ଦାବି କରିଛନ୍ତି।



ବନକର୍ମଚାରୀମାନେ ଗ୍ରାମରେ ପହଞ୍ଚି ମାଙ୍କଡ଼ଙ୍କ ଗତିବିଧି ଲକ୍ଷ୍ୟ କରୁଛନ୍ତି।





ମାଙ୍କଡ଼ କାମୁଡାରେ ଆହତ ଦୁଇ ବ୍ୟକ୍ତି।

## ସଂକ୍ଷେପରେ

### ରାଜଧାନୀରେ ୪ ଦିନରେ ୪୦୦ ଗାଡ଼ି ଜବତ
#### ସେଫ୍ ସିଟି ଡ୍ରାଇଭ୍

ଭୁବନେଶ୍ୱର,୨।୬(ସତ୍ୟଜିତ୍ ରାଉତ)

ରାଜଧାନୀରେ 'ସେଫ୍ ସିଟି ଡ୍ରାଇଭ୍' ଜରିଆରେ କମିଶନରେଟ୍ ପୋଲିସ ଅମାନିଆ ଗାଡି ଚାଳକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ମଦ୍ୟପାନ କରି ଗାଡି ଚଳାଇବା, ରଙ୍ଗ୍ ରୁଟ୍‌ରେ ଗାଡି ଚାଳନା, ଗାଡି ଚଳାଇବା ବେଳେ ମୋବାଇଲ ବ୍ୟବହାର କରିବା ଘଟଣାରେ ଚାଳକଙ୍କୁ ଧରୁଛି ପୋଲିସ। ଏସବୁ ନିୟମ ଉଲ୍ଲଂଘନ ଅଭିଯୋଗରେ ୪ ଦିନରେ ୪୦୦ ଗାଡି (ଦୁଇଚକିଆ/୪ ଚକିଆ) ଜବତ କରାଯାଇଥିବା ରବିବାର ପୋଲିସ କମିଶନର ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି। ଗତ ଗୁରୁବାରଠାରୁ ଭୁବନେଶ୍ୱରର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡିକରେ ଏହି ଚେକିଂ ଜାରି ରହିଛି। ତେବେ ଗାଡି ଚାଳନାବେଳେ ମୋବାଇଲ ବ୍ୟବହାର କରିବା ଯୋଗୁ ଦୁର୍ଘଟଣା ଅଧିକ ହେଉଥିବାରୁ ଏହି ଦିଗରେ ପୋଲିସ ଅଧିକ ଗୁରୁତ୍ୱ ଦେଇଛି। କମିଶନର ପଣ୍ଡା କହିଛନ୍ତି, ଗାଡି ଜବତ କରାଯାଇଥିବା ନିୟମ ଉଲ୍ଲଂଘନକାରୀଙ୍କ ଡ୍ରାଇଭର ଲାଇସେନ୍ସ (ଡିଏଲ୍) ବାତିଲ କରିବାକୁ ଆର୍‌ଟିଓଙ୍କୁ ଚିଠି ଲେଖାଯାଇଛି। ଅନ୍ୟପକ୍ଷରେ କୋର୍ଟରେ ଜରିମାନା ଦାଖଲ କରି ସେମାନେ ଗାଡ଼ି ନେଇପାରିବେ। ଏନ୍‌ଫୋର୍ସମେଣ୍ଟ ଟିମ୍ ଚେକିଂ ବେଳେ ୟୁ ଟର୍ନ କରି ଯାଉଥିବା ଚାଳକଙ୍କ ପାଇଁ ମଧ୍ୟ ନୂଆ ଯୋଜନା କରିଛି ପୋଲିସ। ଏଥିପାଇଁ ଚେକିଂ ହେଉଥିବା ସ୍ଥାନରେ ଡ୍ରାଇଭିଂୱେ ସ୍ୱାଇକ୍ ବ୍ୟବହାର କରାଯାଉଛି।

### ଜୁଲାଇ ୨୦ରେ ଓଡ଼ିଶା କୁଇନ୍‌ର ଚତୁର୍ଥ ସଂସ୍କରଣ

ଭୁବନେଶ୍ୱର,୨।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଆର୍ ଆର୍ ଇଭେଣ୍ଟସ୍ ପକ୍ଷରୁ ଓଡ଼ିଶା କୁଇନ୍‌ର ଚତୁର୍ଥ ସଂସ୍କରଣ ଆସନ୍ତା ଜୁଲାଇ ୨୦ରେ ଅନୁଷ୍ଠିତ ହେବ। ଏଥରର ମୁଖ୍ୟ ଆକର୍ଷଣ ରହିଛନ୍ତି ବଲିଉଡ୍ ଅଭିନେତ୍ରୀ ମଲାଇକା ଆରୋରା। ଏହା ପୂର୍ବରୁ ଓଡିଶାର ବିଭିନ୍ନ ଅଞ୍ଚଳରେ ପ୍ରତିଯୋଗୀଙ୍କ ପାଇଁ ଅଡିଶନ ଅନୁଷ୍ଠିତ ହେବ। ବ୍ରହ୍ମପୁରରେ ଜୁନ ୧୯, ବାଲେଶ୍ୱରରେ ଜୁନ ୨୨, ରାଉରକେଲାରେ ଜୁନ ୨୮, ସମ୍ବଲପୁରରେ ଜୁନ ୩୦ରେ, କଟକରେ ଜୁଲାଇ ୩ ଏବଂ ଭୁବନେଶ୍ୱରଠାରେ ଜୁଲାଇ ୫ ଦିନ ଅଡିଶନ ହେବ। ୧୮ ରୁ ୨୮ ବର୍ଷ ପର୍ଯ୍ୟନ୍ତ ଝିଅମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପାରିବେ। ବିଭିନ୍ନ ପର୍ଯ୍ୟାୟରେ ପ୍ରତିଯୋଗିତା ହେବା ପରେ ସର୍ବଶ୍ରେଷ୍ଠ ୨୦ଜଣ ପ୍ରତିଯୋଗୀ ଫାଇନାଲ ମଞ୍ଚରେ ପ୍ରବେଶ କରିବେ। ଶ୍ରେଷ୍ଠ ପ୍ରତିଯୋଗିନୀ ଅଭିନେତ୍ରୀ ମଲାଇକାଙ୍କ ହାତରୁ ବିଜୟିନୀ ମୁକୁଟ ପିନ୍ଧିବେ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଫିଲ୍ମ ପ୍ରଯୋଜକ ରମେଶ ବାରିକ ସୂଚନା ଦେଇଥିଲେ।

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଜଳକ୍ରୀଡ଼ା ନୀତି

ପୁରୀ,୨।୬(ଅଜିତ୍ କୁମାର ମହାନ୍ତି)

ଜ୍ୟେଷ୍ଠ ମାସ କୃଷ୍ଣପକ୍ଷ ଏକାଦଶୀ ତଥା ଜଳକ୍ରୀଡ଼ା ଏକାଦଶୀ ତିଥି ରବିବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଜଳକ୍ରୀଡ଼ା ନୀତି ସମ୍ପନ୍ନ ହୋଇଛି। ପବିତ୍ର ଅକ୍ଷୟତୃତୀୟାଠାରୁ ୨୧ଦିନ ବ୍ୟାପୀ ଚାଲିଥିବା ବାହାର ଚନ୍ଦନ ଯାତ୍ରା ହଳଦୀପାଣି ଦିନ ସରିଛି। ଶୁକ୍ରବାରଠାରୁ ଶ୍ରୀମନ୍ଦିରରେ ଭିତର ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ରବିବାର ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ସହ ଜଳକ୍ରୀଡ଼ା ନୀତି ସମ୍ପନ୍ନ କରାଯାଇଛି। ଭୋରୁ ଶ୍ରୀମନ୍ଦିର ଦ୍ୱାରଫିଟା ପରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି, ମଇଲମ, ଅବକାଶ ପୂଜା ପରେ ଅନ୍ୟାନ୍ୟ ନୀତି ବଢ଼ି ଆଲଟ ଲାଗି, ଚନ୍ଦନ ଲାଗି ପରେ ବେଶ ବଢିଥିଲା। ଯାତ ଭୋଗ ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ ଏବଂ ଶ୍ରୀଦେବୀ ଆଜ୍ଞାମାଳ ପାଇ ମହାଜନ ସେବକଙ୍କ ହାତରେ ପାଲିଙ୍କିକୁ ବିଜେ ହୋଇଥିଲେ। ପରେ ଶ୍ରୀମନ୍ଦିର ପରିସରରେ ଥିବା ରୋହିଣୀ କୁଣ୍ଡ ନିକଟସ୍ଥ ତଥା ନୃସିଂହ ମନ୍ଦିର ପଶ୍ଚାତ୍ ଭାଗରେ ଥିବା ଜଳକ୍ରୀଡ଼ା ମଣ୍ଡପକୁ ବିଜେ କରିଥିଲେ। ମଣ୍ଡପ ମଧ୍ୟଭାଗରେ ଏକ ପ୍ରସ୍ତର ନିର୍ମିତ କୁଣ୍ଡ ରହିଛି। ଏହି କୁଣ୍ଡରେ ସୁବାସିତ ଜଳପୂର୍ଣ୍ଣ ହୋଇ ରହିଥିଲା। ଶ୍ରୀମଦନମୋହନ ଏବଂ ଶ୍ରୀଦେବୀ ଏହି ସୁବାସିତ ଜଳପୂର୍ଣ୍ଣ କୁଣ୍ଡରେ ବିଜେ କରିଥିଲେ। ପରେ ମୁଦିରସ୍ତ ଠାକୁର ଓ ଠାକୁରାଣୀଙ୍କୁ ପ୍ରସାଦ ଲାଗି କରିଥିଲେ। ଚନ୍ଦନପାଣି ପିଚ୍‌କାରି ନୀତି ସମ୍ପନ୍ନ ପରେ ଠାକୁର ଓ ଠାକୁରାଣୀଙ୍କ ନିକଟରେ ପଞ୍ଚ ଉପଚାରରେ ଶୀତଳ ଭୋଗ ମଣୋହୀ କରାଯାଇଥିଲା। ଠାକୁର, ଠାକୁରାଣୀଙ୍କୁ ଜଳରୁ ଅଣାଯାଇ ଶ୍ରୀଅଙ୍ଗ ପୋଛାଯାଇ ମଇଲମ କରାଯାଇଥିଲା। ମାଳଫୁଲ ଲାଗି କରାଯିବା ସହ ବେଶ ବଢିଥିଲା। ବନ୍ଦାପନା ନୀତି ପରେ ଠାକୁର ଓ ଠାକୁରାଣୀ ପାଲିଙ୍କିରେ ବାହୁଡ଼ା ବିଜେ କରିଥିଲେ। ଭିତର ଚନ୍ଦନ ସମୟରେ ଜଳକ୍ରୀଡ଼ା ମଣ୍ଡପରେ ମହାପ୍ରଭୁଙ୍କର ୪ଥର ଜଳକ୍ରୀଡ଼ା ନୀତି ଅନୁଷ୍ଠିତ ହୋଇଥାଏ। ଜଳକ୍ରୀଡ଼ା ଏକାଦଶୀ, ସାବିତ୍ରୀ ଅମାବାସ୍ୟା, ଶୀତଳଷଷ୍ଠୀ ଏବଂ ଜ୍ୟେଷ୍ଠ ଏକାଦଶୀ ବା ରୁକ୍ମିଣୀହରଣ ଏକାଦଶୀରେ ମହାପ୍ରଭୁଙ୍କର ଏହି ଜଳକ୍ରୀଡ଼ା ନୀତି ଅନୁଷ୍ଠିତ ହୋଇଥାଏ।




ବାଣ ବିସ୍ଫୋରଣରେ ମୃତକଙ୍କ ଆତ୍ମାର ସଦ୍‌ଗତି ଓ ଆହତଙ୍କ ଆଶୁ ଆରୋଗ୍ୟ କାମନା କରି ଶ୍ରୀକ୍ଷେତ୍ର ବିକାଶ ମଞ୍ଚ ପକ୍ଷରୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ।

### ଶ୍ରୀକ୍ଷେତ୍ର ବିକାଶ ମଞ୍ଚ ପକ୍ଷରୁ ଦୀପଦାନ

ପୁରୀ,୨।୬(ଅଜିତ୍ କୁମାର ମହାନ୍ତି)

ଶ୍ରୀକ୍ଷେତ୍ର ବିକାଶ ମଞ୍ଚ ପକ୍ଷରୁ ରବିବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ କରାଯାଇଛି। ନରେନ୍ଦ୍ର ପୋଖରୀ ବାଣ ବିସ୍ଫୋରଣ ଘଟଣାରେ ମୃତକମାନଙ୍କ ଅମର ଆତ୍ମାର ସଦ୍‌ଗତି ଏବଂ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରାଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସମୂହ ଦୀପଦାନ ସହ ପ୍ରାର୍ଥନା କରାଯାଇଛି। କାର୍ଯ୍ୟକ୍ରମରେ ମଞ୍ଚର ସଭାପତି ବିନୋଦ କୁମାର ପଣ୍ଡା, ସମ୍ପାଦକ ଲକ୍ଷ୍ମୀନାରାୟଣ ପୃଷ୍ଟି, ଅନନ୍ତ ପ୍ରଧାନ, ଶଙ୍ଖମିତ୍ର ସିଂହାରୀ, ଗୌରହରି ପ୍ରଧାନ, ନନ୍ଦକିଶୋର ପଣ୍ଡା, ସୁରେନ୍ଦ୍ର କୁମାର ନାୟକ, ସୁରେଶ କୁମାର ବାରିକ, ସାଗର ପାତ୍ର, ହରେକୃଷ୍ଣ ସୁଆର, ଅବିନାଶ ଭଞ୍ଜ, ଶୁଭମ୍ ସାହୁଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ସହରର ବହୁ ଲୋକ ଅଂଶଗ୍ରହଣ କରିଥିଲେ।

## ରଥଖଳାରୁ...

### ୩ ରଥର ୩୨ ଚକ ନିର୍ମାଣ ଶେଷ



ପୁରୀ,୨।୬(ଅଜିତ୍ କୁମାର ମହାନ୍ତି):

ପୁରୀ ବଡ଼ଦାଣ୍ଡରେ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ରବିବାର ସନ୍ଧ୍ୟା ସୁଦ୍ଧା ୩ ରଥର ୪୨ଟି ଚକ ମଧ୍ୟରୁ ୩୨ଟି ଚକର ନିର୍ମାଣ ଶେଷ ହୋଇଛି। ୩୨ଟି ଚକ ନିର୍ମାଣ ଶେଷ ହୋଇ ରଥଚାଳିରେ ୩ ରଥର ଅନ୍ୟାନ୍ୟ ଆବଶ୍ୟକ ଅଂଶ ମଧ୍ୟରୁ ଓରା, ଓରାଖମ୍ବି, ଭୂଇଁ, ଚଉତା ଆଦିର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତାଳଧ୍ୱଜ ରଥର ମୋଟ ୧୪ଟି ଚକ ନିର୍ମାଣ ପାଇଁ ଆସିଥିବା ପଇ ମଧ୍ୟରୁ ଶେଷ ୩ ଚକ ପାଇଁ ରହିଥିବା ପଇ ଉପଯୋଗୀ ନ ଥିବାରୁ କଟିଂ ପଇ ଅତିଶୀଘ୍ର ଖପୁରିଆ ସ' ମିଲ୍‌ରୁ ଆସିବାକୁ ବନ୍ଦୋବସ୍ତ କରାଯାଇଛି। ୮ଟି ଭୂଇଁ ଖାମ୍ବୀର ଚଉପଟ ସହ ସାଲ କାର୍ଯ୍ୟ ଶେଷ ହୋଇ ୧୨ଟି ଭୂଇଁ ଚଉତାରୁ ୨ଟି ଚଉତାର ଚଉପଟ କାର୍ଯ୍ୟ ଶେଷ ହୋଇଛି। ୧୬ଟି ଯୋକାରୁ ୫ଟି ଯୋକାର ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୬ଟି ଅଖ ମଧ୍ୟରୁ ୨ଟି ସାନ ଉଛୁଳା ଅଖର ୨ ପାର୍ଶ୍ୱ ଗୋଲେଇ କାର୍ଯ୍ୟ ଶେଷ ହୋଇ ୪ଟି ଓରାରୁ ୨ଟି ଓରା ଚଉପଟ ଶେଷ ହୋଇଛି। ଦର୍ପଦଳନ ରଥର ୯ଟି ଚକ ନିର୍ମାଣ ଶେଷ ହୋଇ ୧୦ମ, ଏକାଦଶ ଚକ ତୁମ୍ବରେ ସିଙ୍ଗଡ଼ା ବାଡ଼ିଆ ଶେଷ ହୋଇ ପଇ କଳସା ଶେଷ ହୋଇ ୪ଟି ଓରାରୁ ୩ଟି ଓରାର ଚଉପଟ ଶେଷ ହୋଇଛି। ୨ଟି ସାନ ଉଛୁଳା ଅଖର ଚଉପଟ ଶେଷ ହୋଇ ୧୨ଟି ଯୋକା ମଧ୍ୟରୁ ୮ଟି ଯୋକା ନିର୍ମାଣ ଶେଷ ହୋଇଛି। ସେହିପରି ନନ୍ଦିଘୋଷ ରଥର ୧୩ଟି ଚକର ନିର୍ମାଣ ଶେଷ ହୋଇ ୧୪ ନଂ. ଚକର ତୁମ୍ବ ଅରରେ ପଇ ସଂଯୋଗ ଶେଷ ହୋଇ ପଇ କଳସା ପାଇଁ ମାପ ଚିହ୍ନ ପଡ଼ିଛି। ୪ଟି ମୁହାଁଟରୁ ୩ଟି ଶେଷ ହୋଇ ତୃତୀୟ ମୁହାଁଟର ଚଉପଟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୮ଟି ଖାମ୍ବୀର ଚଉପଟ ଶେଷ ହୋଇ ୧୬ଟି ଯୋକାରୁ ୫ଟି ଯୋକାର ନିର୍ମାଣ ଶେଷ ହୋଇଛି। ୪ଟି ଓରାର ଚଉପଟ ଶେଷ ହୋଇ ୨ଟି ସାନ ଉଛଳା ଅଖର ଉଭୟ ପଟ ଗୋଲେଇ ଶେଷ ହୋଇ ବାକି ୫ଟି ଅଖର ଉଭୟ ପାର୍ଶ୍ୱ ଗୋଲେଇ କାର୍ଯ୍ୟ ଜାରି ରହିଛି। ରୂପକାର ସେବକମାନେ ୩ ରଥର ଗୁଜରେ ରୂପ ଖୋଦେଇ ସହ ଖୋଦେଇ ଶେଷ ହୋଇଥିବା ରୂପଗୁଡ଼ିକର ପଲିସ କାର୍ଯ୍ୟ ଜାରି ରହିଛି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ୩ ରଥର ଅଖ ଦଣ୍ଡା ବିଡିଆ ଏବଂ ଚଉରସ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

# କଦମ୍ବ ବୃକ୍ଷ ଡାଳରୁ ଦର୍ଶନ ଦେଲେ ଠାକୁର

ସାକ୍ଷୀଗୋପାଳ, ୨।୬(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

**ସାକ୍ଷୀଗୋପାଳ ମନ୍ଦିରରେ ଜଳକ୍ରୀଡ଼ା ନୀତି**

ଜ୍ୟେଷ୍ଠ କୃଷ୍ଣ ଏକାଦଶୀ ତିଥି ରବିବାର ସାକ୍ଷୀଗୋପାଳ ମନ୍ଦିରରେ ଠାକୁରଙ୍କ ଜଳକ୍ରୀଡ଼ା ନୀତି ଅନୁଷ୍ଠିତ ହୋଇଯାଇଛି। ରତ୍ନସିଂହାସନ ଉପରେ ଛନ୍ଦା ଚରଣରେ ସାକ୍ଷୀଗୋପାଳ ଠାକୁର ଦଣ୍ଡାୟମାନ ରହିଥିବାବେଳେ ଜଳକ୍ରୀଡ଼ା ଏକାଦଶୀ ତିଥିରେ କଦମ୍ବ ବୃକ୍ଷ ଡାଳରେ ବିରାଜମାନ କରିଥିବା ଅପୂର୍ବ ଦୃଶ୍ୟ ଦେଖିବାକୁ ମିଳିଥିଲା। ୨୧ଦିନ ବ୍ୟାପୀ ଭିତର ଚନ୍ଦନ ନୀତିର ଅନ୍ୟତମ ଆକର୍ଷଣ ସାକ୍ଷୀଗୋପାଳ ଠାକୁରଙ୍କ ଜଳକ୍ରୀଡ଼ା ଶେଷ ହୋଇଯାଇଛି। ଏହି ବେଶରେ ଠାକୁର କଦମ୍ବ ବୃକ୍ଷ ଡାଳରେ ବିରାଜମାନ କରିଥିଲେ। ଗୋପାଙ୍ଗନାମାନେ ସ୍ନାନ କରୁଥିବା ସମୟରେ ସେମାନଙ୍କ ବସ୍ତ୍ର ହରଣ କରି କଦମ୍ବ ବୃକ୍ଷ ଡାଳରେ ରଖାଯାଇଥିଲା। ଦ୍ୱିପ୍ରହର ଧୂପ ବେଶରେ ସାକ୍ଷୀଗୋପାଳ ଠାକୁରଙ୍କ ଛନ୍ଦା ଚରଣକୁ ବସ୍ତ୍ରରେ ଆବୃତ୍ତ କରାଯାଇ ଶୋଲରେ ନିର୍ମିତ ଅନ୍ୟ ଦୁଇଟି ଖଞ୍ଜା ପୟର ଲାଗି କରାଯାଇଥିଲା। ପ୍ରଚଳିତ ଦେବନୀତି ଅନୁଯାୟୀ ଆଲଟ ଲାଗି, କାଛିଲାଗି, ଚନ୍ଦନବେଢ଼ା, ଚନ୍ଦନ ସର୍ବାଙ୍ଗ ଶେଷ ପରେ ଛତି ତ୍ରାସ, ଘଣ୍ଟ, କାହାଳୀ, ତେଲିଙ୍ଗି ବାଜା ବଜାଇ ବିଜେ ପ୍ରତିମା ମଦନମୋହନଙ୍କୁ ପୂଜାପଣ୍ଡା ଓ ପୁଷ୍ପାଳକ ସେବାୟତମାନେ ଜଳକ୍ରୀଡ଼ା ମନ୍ଦିରକୁ ବିଜେ କରାଇଥିଲେ। ଚନ୍ଦନ ସ୍ନାନ, ନୂତନ ବସ୍ତ୍ର, ଫୁଲ ତୁଳସୀ ମାଳ, ଟାହିଆ, ଚନ୍ଦନ ଲାଗି କରାଯାଇଥିଲା। ପୂଜାପଣ୍ଡା ପଣାଭୋଗ, ଯାତଭୋଗ, ଆଳତି, ଉପଚାର କରି ଠାକୁରଙ୍କୁ ଦୁବ, ବରକୋଳି ପତ୍ର, ଅରୁଆ ଚାଉଳ, ଫୁଲରେ ବନ୍ଦାପନା କରିଥିଲେ। ଏହି ଅବସରରେ ରଙ୍ଗଣି କୂଳ ପକ୍ଷରୁ ଚୁଡ଼ାଘଷା, କ୍ଷୀର, କଦଳୀ, ଫଳମୂଳ, ପଣା, ପଇଡ଼ ଆଦି ଅର୍ପଣ ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା। ଶ୍ରଦ୍ଧାଳୁମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ କଦମ୍ବ ବୃକ୍ଷ ଡାଳରେ ବିରାଜିତ ଶ୍ରୀସାକ୍ଷୀଗୋପାଳଙ୍କ ଜଳକ୍ରୀଡ଼ା ବେଶ ଦର୍ଶନ କରିଥିଲେ। ରତ୍ନସିଂହାସନ ତଳେ କୃତ୍ରିମ ଯମୁନା ଜଳ ମଧ୍ୟରେ ବିବସ୍ତ୍ର ଗୋପାଙ୍ଗନାମାନେ ଲଜ୍ଜାରେ ଦଣ୍ଡାୟମାନ ହୋଇଥିବା ଦେଖିବାକୁ ମିଳିଥିଲା। ପରମ୍ପରା କ୍ରମେ ଏହି ବେଶ ରଙ୍ଗଳୀ କୂଳ ପକ୍ଷରୁ ପ୍ରତିବର୍ଷ ଆୟୋଜିତ ହୋଇଆସୁଛି।

### ସେକ୍ସନ ଅଫିସରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

ପୁରୀ,୨।୬(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାପରିଷଦ କାର୍ଯ୍ୟାଳୟର ସେକ୍ସନ ଅଫିସର ଲୋକନାଥ ମହାନ୍ତିଙ୍କ ପରଲୋକରେ ରବିବାର ଏକ ସ୍ମୃତିଚାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ପ୍ରଶାସନ) ରାଜୀବ କୁମାର ବେହେରା ଅଧକ୍ଷତା କରିଥିଲେ। ସ୍ୱର୍ଗତ ମହାନ୍ତି ରାଜସ୍ୱ ବିଭାଗର କର୍ମଚାରୀ ଥିବାବେଳେ ଡେପୁଟେଶନରେ ଜିଲାପରିଷଦର ସେକ୍ସନ ଅଫିସର ଭାବେ କାର୍ଯ୍ୟ କରୁଥିଲେ। ସେ ମିଷ୍ଟଭାଷୀ ଓ ମେଳାପୀ ଥିଲେ। ତାଙ୍କ ବିୟୋଗ ପରିବାର ଓ କର୍ମଚାରୀଙ୍କ ପାଇଁ ବିରାଟ କ୍ଷତି ବୋଲି ବେହେରା କହିବା ସହ ତାଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ତାଙ୍କ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲାପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ (ବୈଷୟିକ) ବିମଳ ଚନ୍ଦ୍ର ତିରିଆ, କାର୍ଯ୍ୟନିର୍ବାହୀ ଅଧିକାରୀ (ଅର୍ଥ) ବାଣୀ ଭୂଷଣ ଦାଶ, ସନ୍ତୋଷ କୁମାର ବରାଳ ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ମା' ରାମଚଣ୍ଡୀଙ୍କ ଜଳାଶାୟୀ



ମା' ରାମଚଣ୍ଡୀଙ୍କ ଜଳାଶାୟୀ ଉତ୍ସବ ପାଇଁ କଳସରେ ଜଳ ନିଆଯାଉଛି ।

ପୁରୀ,୨।୬(ଅଜିତ୍ କୁମାର ମହାନ୍ତି)

ଦୋଳମଣ୍ଡପ ସାହି ଜେନାରୀଗଛ ଛକସ୍ଥିତ ମା' ରାମଚଣ୍ଡୀ ଠାକୁରାଣୀଙ୍କ ଜଳାଶାୟୀ ଉତ୍ସବ ରବିବାର ପବିତ୍ର ଜଳକ୍ରୀଡ଼ା ଏକାଦଶୀ ତିଥିରେ ଅନୁଷ୍ଠିତ ହୋଇଯାଇଛି। ଭୋରରୁ ମା'ଙ୍କ ଦ୍ୱାର ଫିଟାଯିବା ପରେ ମଙ୍ଗଳ ଆଳତି, ଅବକାଶ, ବାଲଭୋଗ ଓ ଶଙ୍ଖୁଡି ଭୋଗ ପରେ ଆସ୍ଥାନରେ ମାଟି ପ୍ରଲେପ କରାଯାଇଥିଲା। ପରେ ଶିଶିର ଶତପଥୀ, ରଞ୍ଜନ ଦାଶ, ଅକ୍ଷୟ କର, ସବ୍ୟସାଚୀ ରଥ, ଅମିତାଭ ମହାପାତ୍ର ଓ ରବି ନାରାୟଣ ଦାଶ ପ୍ରମୁଖ ନିକଟସ୍ଥ କୂଅରୁ କଳସରେ ଜଳ ଆଣି ମା'ଙ୍କ ଆସ୍ଥାନ ନିକଟରେ ରଖିଥିଲେ। ପୂଜକ ସୋମନାଥ ଦାଶ ଓ ପିନାକ ଦାଶ ସେହି ଜଳରେ ଅଗୁର, ଚନ୍ଦନ, ଚୁଆ, କେଶର ଓ ସୁବାସିତ ପୁଷ୍ପ ମିଶାଇ ଠାକୁରାଣୀଙ୍କ ମସ୍ତକରେ ଲାଗି କରିଥିଲେ। ପରେ ପଣା ଭୋଗ ହୋଇଥିଲା। ସନ୍ଧ୍ୟାରେ ଆସ୍ଥାନରୁ ଜଳ ନିଷ୍କାସନ କରାଯିବା ପରେ ମା'ଙ୍କୁ ଚନ୍ଦନ ବେଶରେ ସଜାଇ ସନ୍ଧ୍ୟା ଆଳତି କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ମା'ଙ୍କ ଜଳାଶାୟୀ ଓ ବେଶ ଦର୍ଶନ କରି ଆଶିଷ ଲାଭ କରିଥିଲେ। ରାତିରେ ମା'ଙ୍କୁ ବିଭିନ୍ନ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ ଭୋଗ ଲାଗି କରାଯାଇଥିଲା। ଏହି ଅବସରରେ ମନ୍ଦିରକୁ ଆଲୋକମାଳାରେ ସଜା ଯାଇଥିଲା। ମା' ରାମଚଣ୍ଡୀ ଠାକୁରାଣୀ ପରିଚାଳନା କମିଟି ସମ୍ପାଦକ ମାଗୁଣି ପୃଷ୍ଟି, ସହସମ୍ପାଦକ ରାଜେନ୍ଦ୍ର ପାତ୍ର, ଗୋବିନ୍ଦ ଦତ୍ତ ଏବଂ କୋଷାଧ୍ୟକ୍ଷ ବୁଲୁ ପଢ଼ିଆରୀ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ।

# ଭୋଟ ଗଣତି ପାଇଁ ପୁରୀରେ କାଉଣ୍ଟିଂ ଅବ୍‌ଜରଭର

ପୁରୀ,୨।୬(ଅଜିତ୍ କୁମାର ମହାନ୍ତି)

ଚଳିତ ସାଧାରଣ ନିର୍ବାଚନରେ ହୋଇଥିବା ମତଦାନର ଗଣତି ଚଳିତ ମାସ ୪ ତାରିଖରେ ଅନୁଷ୍ଠିତ ହେବ। ଗଣତି ପାଇଁ ଭାରତର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଗଣତି ପର୍ଯ୍ୟବେକ୍ଷକ ବା କାଉଣ୍ଟିଂ ଅବ୍‌ଜରଭରମାନେ ରବିବାର ପୁରୀରେ ପହଞ୍ଚିଛନ୍ତି। ଗଣତି ପର୍ଯ୍ୟବେକ୍ଷକ ବା କାଉଣ୍ଟିଂ ଅବ୍‌ଜରଭରଙ୍କ ଉପସ୍ଥିତିରେ ଗଣତି ପ୍ରକ୍ରିୟା ଅନୁଷ୍ଠିତ ହେବ। ୧୦୫ନଂ. କାକଟପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଏଚ୍. ଜେ. ଦେଶାଇ, ୧୦୬ନଂ. ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ସୋନାପା ୟାମ୍‌ଗାର, ୧୦୭ନଂ. ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀ ସକାଶେ ସୌମ୍ୟକେତୁ ମିଶ୍ର, ୧୦୮ନଂ. ବ୍ରହ୍ମଗିରି ଓ ୧୧୦ ନଂ. ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଡ. କୁନାଲ ପ୍ରକାଶ ଖେମନାର ଏବଂ ୧୦୯ ନଂ. ସତ୍ୟବାଦୀ ବିଧାନସଭା ନିର୍ବାଚନମଣ୍ଡଳୀ ଲାଗି ରାମସୁରେଶ ବର୍ମା କାଉଣ୍ଟିଂ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ରହିଛନ୍ତି। ଗଣତି ପାଇଁ ମାଇକ୍ରୋ ଅବ୍‌ଜରଭର, କାଉଣ୍ଟିଂ ସୁପରଭାଇଜର, କାଉଣ୍ଟିଂ ଆସିଷ୍ଟାଣ୍ଟମାନଙ୍କୁ ନିଯୁକ୍ତି ଓ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି ବୋଲି ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଜୁନ ୪ରେ ପୁରୀ ଓ ସତ୍ୟବାଦୀ ନିର୍ବାଚନମଣ୍ଡଳୀର ଭୋଟଗଣତି କେନ୍ଦ୍ରୀୟ ବିଦ୍ୟାଳୟ ଏବଂ କାକଟପୁର, ନିମାପଡ଼ା, ବ୍ରହ୍ମଗିରି ଓ ପିପିଲି ନିର୍ବାଚନମଣ୍ଡଳୀର ଭୋଟଗଣତି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ।

# 'ଶିକ୍ଷୟିତ୍ରୀ ଶିକ୍ଷକ ସ୍ମୃତି ସ୍ୱରୂପ ଚାରା ରୋପଣ କରନ୍ତୁ'

ସାକ୍ଷୀଗୋପାଳ, ୨।୬
(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକ କାଦୁଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଶାନ୍ତି ହୋତାଙ୍କ ଅବସରକାଳୀନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ଭବମ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷୟିତ୍ରୀ ହୋତାଙ୍କ ଛାତ୍ରୀଛାତ୍ରଙ୍କ ପ୍ରତି ସ୍ନେହ ଓ ଶିକ୍ଷାଦାନ ସହ ଶୃଙ୍ଖଳିତ ପରିଚାଳନା ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ଯେଭଳି ନିଜ ଶିକ୍ଷକତା ସମୟରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିଥାନ୍ତି, ସେହିଭଳି ସେମାନେ ନିଜ ଅବସର ସମୟରେ ସ୍ମୃତି ସ୍ୱରୂପ ବିଦ୍ୟାଳୟ ପରିସରରେ ଚାରା ରୋପଣ କରିବା ପାଇଁ ବ୍ଲକ ଶିକ୍ଷାଧିକାରୀ ପ୍ରଧାନ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଦରିଦ୍ର ନାରାୟଣ ସେବା ସଂଘ ସମ୍ପାଦକ ପ୍ରମୋଦ କୁମାର ମହାନ୍ତି, ଅନ୍ୟତମ ଅତିଥି ଭାବେ ବ୍ଲକ ସହଶିକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର କରଣ, କୁମୁଦିନୀ ମିଶ୍ର, ଆଲୁମ୍‌ନି କମିଟି ସଭାପତି ରଞ୍ଜନ ସ୍ୱାଇଁ ଏବଂ ପରିଚାଳନା କମିଟି ସଭାପତି ମଧୁସୂଦନ ମହାପାତ୍ର ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ସୁଜାତା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ କଳ୍ପନା ବେହେରା ଧନ୍ୟବାଦ ଦେଇଥିଲେ। ସତ୍ୟବାଦୀ ବ୍ଲକରେ ଏହି ଶିକ୍ଷାନୁଷ୍ଠାନ ନିକଟରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଓ ମୁଖ୍ୟମନ୍ତ୍ରୀ ପ୍ରଧାନ ଶିକ୍ଷକ ପୁରସ୍କାର ପାଇ ଅଞ୍ଚଳରେ ଗୌରବ ସୃଷ୍ଟି କରିଛି।



ବ୍ଲକ ଶିକ୍ଷାଧିକାରୀ ଭବନ ପ୍ରଧାନ ଚାରା ରୋପଣ କରୁଛନ୍ତି।

# ଚିଲିକା ଉପକୂଳରେ ନିଶା ଔଷଧ ଦେଇ ପକ୍ଷୀ ଶିକାର

କଣାସ,୨।୬(ବିଭୂତି ଭୂଷଣ ତ୍ରିପାଠୀ):

କଣାସ ବ୍ଲକର ଶେଷ ସୀମା ଚିଲିକା ଦୟାନଦୀର ମୁହାଁଣଠାରୁ ମକରାନଦୀ ମୁହାଁଣ ଦେଇ ଭୁଷଣ୍ଡପୁର ପର୍ଯ୍ୟନ୍ତ ଚିଲିକା ଉପକୂଳରେ ଦେଶୀ ଓ ବିଦେଶୀ ପକ୍ଷୀମାନଙ୍କୁ ନିଶା ଔଷଧ ଦେଇ ଶିକାରୀମାନେ ଦୈନନ୍ଦିନ ଧରିନେଉଥିଲେ ମଧ ବନ ବିଭାଗ ନିଦାବିଷ୍ଣୁ ସାଜିଛି। ଶୀତଋତୁ ଆସିଲେ ବିଭିନ୍ନ ଦେଶରୁ ଲକ୍ଷାଧିକ ପକ୍ଷୀ ଚିଲିକାକୁ ଚାଲିଆସନ୍ତି ଏବଂ ଗ୍ରୀଷ୍ମର ଆଗମନ ହେବା ପରେ ନିଜ ଦେଶକୁ ଫେରିଯାଆନ୍ତି। ତେବେ କିଛି ବର୍ଷ ହେଲା ଅନେକ ବିଦେଶୀ ଓ ଦେଶୀ ପକ୍ଷୀ ଚିଲିକା ଉପକୂଳର ଗାଁଗଣ୍ଡାରେ ଧାନ ଖାଇବା ପାଇଁ ରହିଯାଉଛନ୍ତି। ବର୍ତ୍ତମାନ ବିଭିନ୍ନ ପ୍ରଜାତିର ପକ୍ଷୀ ଚିଲିକା ଉପକୂଳ ଗ୍ରାମ ଗୋପୀନାଥପୁର, ପାଇକମରା, ସାନଓରା, ବଡଓରା, ଓଗାଳପୁର, ଗଙ୍ଗାଧରପୁର, ଦୋଛିଁଆ, ଆଳିପଡ଼ା, ନୂଆଗାଁ, ଦେଇପୁର ମୌଜାର ଧାନଜମିରେ ଧାନ ଓ ପୋକଜୋକ ଖାଉଥିବା ଦେଖିବାକୁ ମିଳୁଛି। ସେହିପରି



ଚିଲିକା ଉପକୂଳରେ ଜମା ହୋଇଥିବା କଲିକତି ଦଳ ଓ କଇଁଫୁଲ କେଶରକୁ ମଧ୍ୟ ଖାଦ୍ୟ ରୂପେ ଗ୍ରହଣ କରୁଛନ୍ତି। ତେଣୁ ଶିକାରୀମାନେ ଧାନଜମିରେ ଛିଟିକିଣି ବସାଇବା ସହିତ କଇଁଫୁଲ କେଶରରେ ସିରିଞ୍ଜ ମାଧ୍ୟମରେ ନିଶାଯୁକ୍ତ ଔଷଧ ପୂରାଇ ଏବଂ ମାଛରେ ବିଷ ଦେଇ ପକ୍ଷୀମାନଙ୍କୁ ଶିକାର କରୁଛନ୍ତି। ଶୀତଋତୁରେ ବିଦେଶୀ ପକ୍ଷୀଙ୍କ ସୁରକ୍ଷା ପାଇଁ ଟାଙ୍ଗୀ ବନ ବିଭାଗ, ସାତପଡ଼ା ଓ ବାଲୁଗାଁ ପକ୍ଷୀ ସୁରକ୍ଷା ବିଭାଗ ପକ୍ଷରୁ କଡ଼ାକଡ଼ି ବ୍ୟବସ୍ଥା କରାଯାଇଥାଏ। କିନ୍ତୁ ବର୍ତ୍ତମାନ କୌଣସି ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଶିକାରୀମାନେ ଦୈନନ୍ଦିନ ଶହ ଶହ ପକ୍ଷୀ ଶିକାର କରି ନିର୍ବିଘ୍ନରେ ଫେରିଯାଉଛନ୍ତି। ପକ୍ଷୀ ସୁରକ୍ଷା ପ୍ରତି ବନ ବିଭାଗ ଦୃଷ୍ଟି ଦେବା ପାଇଁ ପକ୍ଷୀପ୍ରେମୀ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ପୃଥକ୍ ଦୁର୍ଘଟଣା: ୬ ଆହତ

ଖୁଣ୍ଟୁଣୀ,୨।୬(ସଚ୍ଚିଦାନନ୍ଦ ପଣ୍ଡା)

୫୫ ନମ୍ବର ଜାତୀୟ ରାଜପଥର କପୁରସିଂହଠାରେ ରବିବାର ୨ଟି ଦୁର୍ଘଟଣା ଘଟିଛି। ଏଥିରେ ୬ ଜଣ ଆହତ ହୋଇଛନ୍ତି। ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ଖୁଣ୍ଟୁଣୀ ପଟୁ ଏକ କାର ରାସ୍ତାର ଡାହାଣ ପାର୍ଶ୍ୱରେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରକ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ କାର ଭାଙ୍ଗିରୁଜି ଯିବା ସହ ଏଥିରେ ଥିବା ୪ ଜଣ ଆହତ ହୋଇଛନ୍ତି। ଗୁରୁଡିଝାଟିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଆମ୍ବୁଲାନ୍ସରେ କଟକ ବଡ ଡାକ୍ତରଖାନା ପଠାଇଥିଲା। ଏଥିସହ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରି ଥାନାକୁ ନେଇଥିଲା। ସେହିପରି ଅପରାହ୍ନ ସାଢେ ୪ଟାରେ କପୁରସିଂହ ଗ୍ରାମର ଅକ୍ଷୟ ସାମଲ ନାମକ ଯୁବକ ଜଣେ ମହିଳାଙ୍କୁ ବାଇକ୍‌ରେ ବସାଇ କଟକରୁ ଘରକୁ ଫେରୁଥିଲେ। ଏହି ସମୟରେ ବାଇକ୍ ଆଗରେ ଯାଉଥିବା ଏକ ଟ୍ରକ୍ ହଠାତ ବ୍ରେକ୍ ମାରିଥିଲା। ଫଳରେ ଭାରସାମ୍ୟ ହରାଇ ଟ୍ରକ ପଛରେ ବାଇକ୍ ପିଟି ହୋଇଯିବାରୁ ଅକ୍ଷୟ ଓ ମହିଳା ଗୁରୁତର ହୋଇଥିଲେ। ସ୍ଥାନୀୟ ଯୁବକମାନେ ତୁରନ୍ତ ସେମାନଙ୍କୁ କଟକର ଘରୋଇ ହସ୍ପିଟାଲକୁ ନେଇଯାଇଥିଲେ।

### ପାଲେଷ୍ଟାଇନରେ ଶାନ୍ତି ପ୍ରତିଷ୍ଠା ପାଇଁ ଗଣପ୍ରତିବାଦ

ଭୁବନେଶ୍ୱର,୨।୬(ଅନୁରାଧା ମହାରଣା)

ସାମ୍ରାଜ୍ୟବାଦୀ ଇସ୍ରାଏଲର ପାଲେଷ୍ଟାଇନରେ ଗଣହତ୍ୟା ବନ୍ଦ, ଦୀର୍ଘ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା, ପାଲେଷ୍ଟାଇନକୁ ରାଷ୍ଟ୍ର ମାନ୍ୟତା ଦାବିରେ ରବିବାର ଭାରତରେ ଗଣ ପ୍ରତିବାଦ କରାଯାଇଛି। ଏହି କ୍ରମରେ ଭୁବନେଶ୍ୱରରେ ବାମପନ୍ଥୀ ଧର୍ମନିରପେକ୍ଷ ଦଳଗୁଡ଼ିକ ପକ୍ଷରୁ ଧାରଣା ଦିଆଯାଇ ଗଣପ୍ରତିବାଦ କରାଯାଇଥିଲା। ଏହି ପ୍ରତିବାଦ ସଭାରେ ଭାରତ ସରକାର ତୁରନ୍ତ ଜାତିସଂଘ ସାଧାରଣ ପରିଷଦରେ ପାଲେଷ୍ଟାଇନକୁ ସାର୍ବଭୌମ ରାଷ୍ଟ୍ର ମାନ୍ୟତା ପ୍ରଦାନ, ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ନିମନ୍ତେ ସହମତି ପ୍ରକାଶ ପାଇଁ ଦାବି କରାଯାଇଥିଲା। ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍‌ଏଲ୍) ଲିବରେଶନ, ଫରୱାର୍ଡ ବ୍ଲକ୍, ସମାଜବାଦୀ ପାର୍ଟିର ବରିଷ୍ଠ ନେତୃବୃନ୍ଦ ଏହି ଗଣଧାରଣାରେ ସାମିଲ ହୋଇଥିଲେ।



ବର୍ଷାରେ କଟକ କେନାଲ ରୋଡ୍ ବକ୍ସଡ୍ରେନ ଉପରେ ବର୍ଷାଜଳ ଲହଡ଼ି ଭାଙ୍ଗୁଛି।



ମେରିଆ ବଜାର ଅଞ୍ଚଳ ରାସ୍ତାରେ ବର୍ଷାପାଣିର ସୁଅ।

# ବର୍ଷାରେ କଟକ ଜଳମଗ୍ନ

**କଟକଚଣ୍ଡୀ ମନ୍ଦିର ପରିସରରେ ପାଣି**

କଟକ,୨।୬(ଶିଳ୍ପା ପ୍ରିୟଦର୍ଶିନୀ)

ବର୍ଷାରେ କଟକ ସହର ଜଳାର୍ଣ୍ଣବ ହୋଇଛି। ରବିବାର ରାତିରେ ପ୍ରାୟ ଦେଢ଼ଘଣ୍ଟା ଧରି ବର୍ଷା ହେବା ଫଳରେ ସହର ତଳି ଅଞ୍ଚଳର ଲୋକଙ୍କ ଘରେ ପାଣି ପଶିଯାଇଛି। ସେହିପରି କେଶରପୁର, ଥୋରିଆ ସାହି, ପ୍ରଫେସରପଡ଼ା, ଫ୍ରେଣ୍ଡସ୍ କଲୋନୀ, ମହମ୍ମଦିଆ ବଜାର, ମକରବାଗ ସାହି, ପଚ୍ଚାପୋଲ, ସୂତାହାଟ, ମେରିଆବଜାର, ବକ୍ସିବଜାର, ହାତୀପୋଖରୀ, ରାଜାବାଗିଚା ଲେବର କଲୋନୀ, ରକ୍ସିଲେନ୍, ବାଦାମବାଡ଼ି, ଖାନ୍‌ନଗର, ତୁଳସୀପୁର, ନନ୍ଦିସାହି ସମେତ ଅନ୍ୟ ଅଞ୍ଚଳରେ ଆଣ୍ଠୁଏ ଉଚ୍ଚର ପାଣି ଜମିରହିଛି। ଫଳରେ ଲୋକମାନେ ଯାତାୟାତ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବର୍ଷାପାଣି ସହ ନର୍ଦ୍ଦମା ଜଳ ମିଶି ଏକାକାର ହୋଇଥିଲା। ଏପରି କି ବକ୍ସଡ୍ରେନ୍ ଉପରେ ୧ ଫୁଟ ଉଚ୍ଚର ପାଣି ଚାଲୁଥିବା ଦେଖିବାକୁ ମିଳିଛି। ସେହିପରି କଟକ ଚଣ୍ଡୀମନ୍ଦିର ପରିସର ଜଳମଗ୍ନ ହୋଇଥିବାବେଳେ ମା’ଙ୍କ ଗର୍ଭଗୃହ ପର୍ଯ୍ୟନ୍ତ ପାଣି ଯାଇଥିବା ଦେଖିବାକୁ ମିଳିଛି। ରିପୋର୍ଟ ଲେଖାଯିବାବେଳକୁ ବିଭିନ୍ନ ସ୍ଥାନରେ ଜଳ ନିଷ୍କାସନ ପାଇଁ ସିଏମ୍‌ସି ପକ୍ଷରୁ ପମ୍ପ ବ୍ୟବସ୍ଥା କରାଯାଇ ନ ଥିବା ଜଣାପଡିଛି। ସେହିପରି ବର୍ଷା ଯୋଗୁ ସହରର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ନ ଥିବାରୁ ଲୋକମାନେ ଅନ୍ଧାରରେ ରହିଥିଲେ।



ସୂତାହାଟ ତେଲୁଗୁ ଷ୍ଟ୍ରିଟ୍ ରାସ୍ତାରେ ବର୍ଷାପାଣିର ସୁଅ।



ପଚ୍ଚାପୋଲ ଅଞ୍ଚଳରେ ଜମି ରହିଥିବା ବର୍ଷାପାଣି।



କଟକ ଚଣ୍ଡୀମନ୍ଦିର ପରିସରରେ ବର୍ଷାଜଳ।



ମକରବାଗ୍ ସାହି ରାସ୍ତାରେ ବର୍ଷାପାଣି।

# ସଚେତନ ହେଲେ କର୍କଟ ରୋଗ ଦୂରେଇ ହେବ




ଏସ୍‌ସିବି ମେଡିକାଲ ପୁରୁଣା ଅଡିଟୋରିୟମଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୨।୬(ଶିଳ୍ପା ପ୍ରିୟଦର୍ଶିନୀ)

**ବିଶ୍ୱ କର୍କଟ ଯୋଦ୍ଧା ଦିବସ ପାଳିତ**

ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ ଓ କ୍ରିୟା ଫାଉଣ୍ଡେଶନର ମିଳିତ ଉଦ୍ୟମରେ ରବିବାର ଏସ୍‌ସିବି ମେଡିକାଲ ପୁରୁଣା ଅଡିଟୋରିୟମଠାରେ ବିଶ୍ୱ କର୍କଟ ଯୋଦ୍ଧା ଦିବସ ପାଳିତ ହୋଇଯାଇଛି। କ୍ରିୟା ଫାଉଣ୍ଡେଶନ ପ୍ରତିଷ୍ଠାତା ଲିଲି ଜେନାମଣୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଏସ୍‌ସିବି ମେଡିକାଲ ସୁପ୍ରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର, ଆଚାର୍ଯ୍ୟ ହରିହର କର୍କଟ ରୋଗ ଅନୁଷ୍ଠାନର ଆସିଷ୍ଟାଣ୍ଟ ପ୍ରଫେସର ପ୍ରଶାନ୍ତ କୁମାର ପରିଡା, ସ୍ତ୍ରୀ ଓ ପ୍ରସୂତି ବିଭାଗର ମୁଖ୍ୟ ଡା. ଭାଗ୍ୟଲକ୍ଷ୍ମୀ ନାୟକ, ଆନାସ୍ଥେସିଆ ବିଭାଗର ମୁଖ୍ୟ ପ୍ରଫେସର ଡା. ସୁମିତା ମହାନ୍ତି, ଏଚ୍‌ସିଜି ପଣ୍ଡା ହସ୍ପିଟାଲର ପ୍ରତିଷ୍ଠାତା ଡା. କୃପାସିନ୍ଧୁ ପଣ୍ଡା, ଏସ୍‌ସିବି ମେଡିକାଲ ଆନେସ୍ଥେସିଆ ବିଭାଗର ଅବସରପ୍ରାପ୍ତ ଡା. ଅନଙ୍ଗ ତ୍ରିପାଠୀ ଯୋଗଦେଇଥିଲେ। ଅନ୍ୟ ଦେଶ ତୁଳନାରେ ଭାରତରେ କର୍କଟ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ଏବଂ ଯୋଦ୍ଧାଙ୍କ ସଂଖ୍ୟା କମ୍ ରହିଛି। ମହିଳାଙ୍କଠାରେ କର୍କଟ ରୋଗ ଅଧିକ ଚିହ୍ନଟ ହୋଇଛି। କର୍କଟ ରୋଗକୁ ନ ଲୁଚାଇ ପ୍ରତିକାର ବ୍ୟବସ୍ଥା କଲେ ଜୀବନ ବଞ୍ଚାଇହେବ। ସଚେତନ ହେଲେ କର୍କଟ ରୋଗ ଦୂରେଇ ହେବ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୧୦୦ରୁ ଊର୍ଦ୍ଧ୍ୱ କର୍କଟ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଫାଉଣ୍ଡେଶନର ସହ ପ୍ରତିଷ୍ଠାତା ମନୋଜ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରଜ ଉତ୍ସବ ପ୍ରସ୍ତୁତି ବୈଠକ

କଣ୍ଟାପଡା, ୨।୬(ସୁରନାରାୟଣ ସାହୁ)

କଣ୍ଟାପଡା ବ୍ଲକ ଅଧୀନ ସାଇଲୋ ବଡବିଲି ଗୋପବନ୍ଧୁ ବିଦ୍ୟା ମନ୍ଦିର ପୁରାତନ ଛାତ୍ର ସଂସଦ ପକ୍ଷରୁ ଆସନ୍ତା ୧୪ରୁ ୩ ଦିନ ବ୍ୟାପୀ ରଜ ଉତ୍ସବ ପାଳନ କରାଯିବ। ଏହି ଉପଲକ୍ଷେ ଦୋଳି, ପୋଡପିଠା, ପୁଞ୍ଚି, ମୁରୁଜ, ହୁଳହୁଳି, ନୃତ୍ୟ, କୁଇଜ୍ ପ୍ରତିଯୋଗୀତା ଅନୁଷ୍ଠିତ ହେବ। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ଗୋପବନ୍ଧୁ ବିଦ୍ୟା ମନ୍ଦିର ପରିସରରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଛାତ୍ର ସଂସଦର କାର୍ଯ୍ୟକାରୀ ସଭାପତି ପ୍ରିୟନାଥ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅବନୀ ବେହେରା, ସୁରେନ୍ଦ୍ର ପାତ୍ର, ଅତିଶ ରାଉତ, ସୁବ୍ରତ ଆଚାର୍ଯ୍ୟ, ସୁକାନ୍ତ ବେହେରା, ପୁନାନନ୍ଦ ପାତ୍ର, ଅଭିଜିତ୍ ଆଚାର୍ଯ୍ୟ, ନିତ୍ୟାନନ୍ଦ ଦାଶ, ବିଶ୍ୱଜିତ୍ କାନୁନ୍‌ଗୋ, ଅକ୍ଷୟ ରାଉତରାୟ, ସଞ୍ଜୟ ରାଉତରାୟ, ବିଶ୍ୱମ୍ଭର ରାଉତରାୟଙ୍କ ସମେତ ଅନେକ ପୁରାତନ ଛାତ୍ର ଯୋଗଦେଇଥିଲେ।

# ବସ୍ ଧକ୍କାରେ ବାଇକ୍ ଚାଳକ ମୃତ, ଉତ୍ତେଜନା

କଟକ,୨।୬(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମଧୁପାଟଣା ଟ୍ରାଫିକ୍ ଛକରେ ରବିବାର ବସ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ନେତାଜୀ ନଗରର ପ୍ରଦୀପ କୁମାର ଓଝା। ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୦ଟାରେ କଟକ ପ୍ରେସ୍‌ଛକ ଅଞ୍ଚଳରୁ ପ୍ରଦୀପ ମାଛ କିଣି ବାଇକ୍‌ରେ ଘରକୁ ଫେରୁଥିବାବେଳେ କୋଲକାତାରୁ ବାଦାମବାଡି ଆସୁଥିବା ଏକ ବସ୍ ପଛରୁ ତାଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡିଯିବାରୁ ବସ୍ ଚକ ତାଙ୍କ ଉପରେ ମାଡି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ବସ୍‌କୁ ଘେରିଯିବା ସହ ଚାଳକଙ୍କୁ ଟାଣି ଆଣି ଆକ୍ରମଣ କରିବାକୁ ଉଦ୍ୟମ କରୁଥିଲେ। ପୋଲିସ ସେଠାରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାରୁ ପରିସ୍ଥିତି ଶାନ୍ତ ହୋଇଥିଲା। ଏହାପରେ ପୋଲିସ ଦୁର୍ଘଟଣା ଘଟାଇଥିବା ବସ୍‌କୁ ଜବତ କରିବା ସହ ଚାଳକ ଗଞ୍ଜାମ ବୁଗୁଡ଼ା ଅଞ୍ଚଳର ଶ୍ୟାମବାବୁ ଜେନାଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।



କଟକ ଝାଞ୍ଜିରୀମଙ୍ଗଳାସ୍ଥିତ ପ୍ରଭୁ ସମର୍ପଣ ଭବନରେ ବ୍ରହ୍ମାକୁମାରୀ ପକ୍ଷରୁ ଅନୁଷ୍ଠିତ ସାରସ୍ୱତ ସମ୍ବର୍ଦ୍ଧନା ଓ ଲେଖକ ସମ୍ମିଳନୀକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

# ବକ୍ସଡ୍ରେନ୍ ମ୍ୟାନ୍‌ହୋଲ୍‌ରୁ ପଙ୍କୋଦ୍ଧାର

କଟକ,୨।୬(ଶିଳ୍ପା ପ୍ରିୟଦର୍ଶିନୀ)



ମେୟର ଓ କର୍ପୋରେଟରଙ୍କ ଉପସ୍ଥିତିରେ ବକ୍ସଡ୍ରେନ୍ ମ୍ୟାନ୍‌ହୋଲ୍‌ରୁ ପଙ୍କୋଦ୍ଧାର କରାଯାଉଛି।

କଟକ ମହାନଗର ନିଗମ(ସିଏମ୍‌ସି)ର ୧୭ ନମ୍ବର ୱାର୍ଡ ଅଧୀନ ପଚ୍ଚାପୋଲ ଅଞ୍ଚଳରେ ନିର୍ମିତ ବକ୍ସଡ୍ରେନ୍ ମ୍ୟାନ୍‌ହୋଲ୍‌ରୁ ରବିବାର ପଙ୍କୋଦ୍ଧାର କରାଯାଇଛି। ସିଏମ୍‌ସି ମେୟର ସୁବାସ ସିଂଙ୍କ ନେତୃତ୍ୱରେ ଏହା କରାଯାଇଛି। ଉକ୍ତ ୱାର୍ଡର କର୍ପୋରେଟର ତଥା ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଏ. ଶ୍ରୀଦେବୀ, ସିଏମ୍‌ସି ଅଧିକାରୀ ଓ ବିଭାଗୀୟ ଯନ୍ତ୍ରୀ ଉକ୍ତ ଅଞ୍ଚଳରେ ପହଞ୍ଚି ପାଣି ଜମିବାର ସ୍ଥିତି ତଦାରଖ କରିଥିଲେ। ବିଭିନ୍ନ ସ୍ଥାନରେ ଥିବା ବାଲିବସ୍ତା କଢ଼ାଯିବା ସହ ପଙ୍କୋଦ୍ଧାର କରାଯାଇଥିଲା। ଏନେଇ ମେୟର ସିଂ କହିଛନ୍ତି, ବକ୍ସଡ୍ରେନ୍ ନିର୍ମାଣ ସମ୍ପୂର୍ଣ୍ଣ ହେବା ପରେ ଜଳ ସମସ୍ୟା ଦୂର ହେବ। ବକ୍ସଡ୍ରେନ୍ ମ୍ୟାନ୍‌ହୋଲ ଓ କିଛି ସ୍ଥାନରେ ବାଲିବସ୍ତା ଥିବାରୁ ପାଣି ଜମିଥିଲା। ତାହାକୁ କଢାଯାଇଛି।

# ଆସନ୍ତା ସପ୍ତାହରେ କଟକରେ ଲାଗିବ ରଙ୍ଗ୍ ରାଇଡ୍ ବ୍ୟାରିୟର

କଟକ,୨।୬(ଶିଳ୍ପା ପ୍ରିୟଦର୍ଶିନୀ)

ଟ୍ରାଫିକ୍ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ବିଭିନ୍ନ ଅତ୍ୟାଧୁନିକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ କଟକରେ ପ୍ରଥମଥର ପାଇଁ ଟ୍ରାଫିକ୍ ପୋଲିସ ପକ୍ଷରୁ ରଙ୍ଗ୍ ରାଇଡ୍ ବ୍ୟାରିୟର ଲଗାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଗତ ୭ ଦିନ ମଧ୍ୟରେ ସହରରେ ଯାନବାହନ ଯାଞ୍ଚବେଳେକ ରଙ୍ଗ୍ ସାଇଡ୍‌ରେ ଯାତାୟାତ କରୁଥିବା ୨୦୦ରୁ ଊର୍ଦ୍ଧ୍ୱ ବାଇକ୍ ଓ ୬୦ରୁ ଅଧିକ କାର୍‌କୁ ଜବତ କରାଯାଇଛି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି କଟକରେ ରଙ୍ଗ୍ ରାଇଡ୍ ବ୍ୟାରିୟର ବ୍ୟବସ୍ଥା କରାଯିବ। ଏହି ବ୍ୟାରିୟରରେ ମୁନିଆଁ ଲୁହାଯୁକ୍ତ କଣ୍ଟା ଲଗାଯିବ। ଯଦି କୌଣସି ଚାଳକ ଯାଞ୍ଚ ସମୟରେ ଖସିଯିବାକୁ ଚେଷ୍ଟା କରି ୟୁଟର୍ନ ନିଅନ୍ତି ଓ ବ୍ୟାରିୟର୍ ତଥା କଣ୍ଟାଯୁକ୍ତ ହମ୍ପରେ ବାଇକ୍ ଚଢାଇ ଦିଅନ୍ତି, ତା’ହେଲେ ଗାଡିଟି ଲିକ୍ ହୋଇଯିବ। ଫଳରେ ଚାଳକ ଜଣଙ୍କ ଖସି ଯାଇପାରିବେ ନାହିଁ। ଫୋରମ୍ ଫର୍ ପ୍ରିଭେନ୍ସନ୍ ଫର୍ ରୋଡ୍ ଆକ୍ସିଡେଣ୍ଟ ସଂସ୍ଥା ପକ୍ଷରୁ ବାଦାମବାଡି ଟ୍ରାଫିକ୍ ଛକ, ଖାନ୍‌ନଗର ଟ୍ରାଫିକ୍ ଛକ, ବେଲଭ୍ୟୁ ଟ୍ରାଫିକ୍ ଛକ, ବଜ୍ରକବାଟୀ ଟ୍ରାଫିକ୍ ଛକ, ରାଣୀହାଟ ଘଣ୍ଟାଘର ଟ୍ରାଫିକ୍ ଛକ ଓ କଲେଜ ଛକସ୍ଥିତ ଟ୍ରାଫିକ୍ ପୋଷ୍ଟରେ ଏହି ସର୍ଭେ କରାଯାଇଥିଲା। ଉକ୍ତ ସର୍ଭେ ରିପୋର୍ଟ ଅନୁସାରେ, ଯାନବାହନର ବେଗ ନିୟନ୍ତ୍ରଣ ପାଇଁ କୌଣସି ସଙ୍କେତ ବ୍ୟବସ୍ଥା ନ ଥିବା ନଜରକୁ ଆସିଥିଲା। ସେହିପରି ଉପରୋକ୍ତ ୬ଟି ଟ୍ରାଫିକ୍ ପୋଷ୍ଟରେ ଯେବ୍ରାକ୍ରସିଂ, ସ୍ପିଡ୍ ହମ୍ପ କି ରମ୍ବଲର୍ସ ନ ଥିବା ଜଣାପଡ଼ିଛି। ଏହି ଛକଗୁଡ଼ିକରେ ଅସୁରକ୍ଷିତ ଭାବେ ପଥଚାରୀମାନେ ରାସ୍ତା ଅତିକ୍ରମ କରୁଥିବା ଦେଖିବାକୁ ମିଳିଛି। ଏହି ଛକଗୁଡ଼ିକରେ ଯାନବାହନଗୁଡ଼ିକର ବେଗ ଘଣ୍ଟା ପ୍ରତି ୫୦କିମିରୁ ଅଧିକ ରହୁଥିବା ନଜରକୁ ଆସିଛି। ସାଧାରଣତଃ ଟ୍ରାଫିକ୍ ଛକରେ ଗାଡିର ବେଗ ଘଣ୍ଟାପ୍ରତି ୩୦ କିମିରୁ କମ୍ ହେବା ଜରୁରୀ। କିନ୍ତୁ ବେପରୁଆ ଟ୍ରାଫିକ୍ ପରିଚାଳନା ହେତୁ ଛକଗୁଡ଼ିକରେ ଗାଡିର ବେଗ ସର୍ବାଧିକ ରହିଥିବା ଜଣାପଡିଛି। ତେଣୁ ଏଭଳି ସମସ୍ୟାର ସମାଧାନ ପାଇଁ କଟକରେ ରଂଗ ରାଇଡ୍ ବ୍ୟାରିୟର ଲଗାଯିବା ପାଇଁ କଟକ ଟ୍ରାଫିକ୍ ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯାଉଛି। ଏନେଇ କଟକ ଟ୍ରାଫିକ୍ ଏସିପି ସୁଶାନ୍ତ କୁମାର ସିଂ କହିଛନ୍ତି, ଆସନ୍ତା ସପ୍ତାହରୁ କଟକ ସହରର ରଙ୍ଗ ରାଇଡ୍ ବ୍ୟାରିୟର୍ ଲଗାଯିବ।

ସୂଚନାଯୋଗ୍ୟ, ସହରର ପ୍ରମୁଖ ଛକଗୁଡ଼ିକରେ ହେଉଥିବା ବ୍ଲକିଂ/ଚେକିଂ ସ୍ଥାନରେ ଏହି ରଙ୍ଗ ରାଇଡ୍ ବ୍ୟାରିୟର୍ ଲଗାଯିବ। ଟ୍ରାଫିକ୍ ନିୟମ ମାନୁ ନ ଥିବା ବ୍ୟକ୍ତିମାନେ ଚେକିଂ ହେଉଥିବା ଦେଖିଲେ ୟୁଟର୍ନ ନେଇ ଖସି ଯାଉଛନ୍ତି। ଫଳରେ କଣ୍ଟାଯୁକ୍ତ ବ୍ୟାରିୟର୍ ଲଗାଗଲେ ଅମାନିଆ ଗାଡିଚାଳକ ଖସିପାରିବେ ନାହିଁ।

# ବସ୍ ଧକ୍କାରେ ବାଇକ୍ ଚାଳକ ମୃତ, ଉତ୍ତେଜନା

କଟକ,୨।୬(ଶିଲ୍ପା ପ୍ରିୟଦର୍ଶିନୀ)

କଟକ ମଧୁପାଟଣା ଟ୍ରାଫିକ୍ ଛକରେ ରବିବାର ବସ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ନେତାଜୀ ନଗରର ପ୍ରଦୀପ କୁମାର ଓଝା। ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୦ଟାରେ କଟକ ପ୍ରେସ୍‌ଛକ ଅଞ୍ଚଳରୁ ପ୍ରଦୀପ ମାଛ କିଣି ବାଇକ୍‌ରେ ଘରକୁ ଫେରୁଥିବାବେଳେ କୋଲକାତାରୁ ବାଦାମବାଡି ଆସୁଥିବା ଏକ ବସ୍ ପଛରୁ ତାଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡିଯିବାରୁ ବସ୍ ଚକ ତାଙ୍କ ଉପରେ ମାଡି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ବସ୍‌କୁ ଘେରିଯିବା ସହ ଚାଳକଙ୍କୁ ଟାଣି ଆଣି ଆକ୍ରମଣ କରିବାକୁ ଉଦ୍ୟମ କରୁଥିଲେ। ପୋଲିସ ସେଠାରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାରୁ ପରିସ୍ଥିତି ଶାନ୍ତ ହୋଇଥିଲା। ଏହାପରେ ପୋଲିସ ଦୁର୍ଘଟଣା ଘଟାଇଥିବା ବସ୍‌କୁ ଜବତ କରିବା ସହ ଚାଳକ ଗଞ୍ଜାମ ବୁଗୁଡ଼ା ଅଞ୍ଚଳର ଶ୍ୟାମବାବୁ ଜେନାଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ସିରିଜ୍ ଦୁର୍ଘଟଣା, ମହିଳାଙ୍କ ସମେତ ୨ ଆହତ





ସିରିଜ୍ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ଦୁଇ କାର। ଦୁର୍ଘଟଣା ଘଟାଇଥିବା ବସ୍।

ଭୁବନେଶ୍ୱର,୨।୬ (ସୂର୍ଯ୍ୟକାନ୍ତ ବେହେରା)

## ଗାଡ଼ି ଜବତ କରି ପୋଲିସର ତଦନ୍ତ ଜାରି

ରାଜଧାନୀ ଭୁବନେଶ୍ୱର ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥ ସତ୍‌ସଙ୍ଗ ବିହାର ଓଭରବ୍ରିଜ ନିକଟରେ ରବିବାର ସକାଳ ପ୍ରାୟ ସାଢେ ୮ଟାରେ ଏକ ସିରିଜ ଦୁର୍ଘଟଣା ଘଟିଛି। କଟକ ଆଡୁ ଭୁବନେଶ୍ୱର ଆସୁଥିବା ଏକ ଘରୋଇ ବସ୍ ଏକ କାରକୁ ପ୍ରଥମେ ଧକ୍କା ଦେବାରୁ ଉକ୍ତ ଗାଡିଟି ଆଗରେ ଥିବା ଏକ କ୍ରେଟା କାରକୁ ଧକ୍କା ଦେବା ସହ ମଝିରେ ଚାପିହୋଇଯାଇଥିଲା। ଦୁର୍ଘଟଣାରେ ଅଲ୍ଟୋ କାର ଚାଳକ ଓ ସେଥିରେ ବସିଥିବା ଜଣେ ମହିଳା ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ଆହତଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକେ ମେଡିକାଲ ପଠାଇଥିଲେ। ଆହତ ମହିଳାଙ୍କ ନାମ ସୁପ୍ରିୟା ମହାନ୍ତି ବୋଲି ଜଣାପଡିଛି । ସେହିପରି ଏହି ଦୁର୍ଘଟଣାରେ ଗୋଟିଏ କାର ଭାଙ୍ଗିରୁଜି ଯାଇଥିବା ବେଳେ ଅନ୍ୟ ଏକ କାରର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଛି। ଦୁର୍ଘଟଣା ଯୋଗୁ ରାସ୍ତା ଜାମ ହୋଇଥିଲା। ଖବର ପାଇ ଶହୀଦନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ କାର ଓ ବସକୁ ଜବତ କରି ଥାନାକୁ ନେଇଥିଲା। ଏଥିସହ ରାସ୍ତାରୁ ଦୁର୍ଘଟଣା ଗାଡି ହଟାଯିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଏନେଇ ଅଧିକ ତଦନ୍ତ ଜାରି ରଖିଛି ଶହୀଦନଗର ଥାନା ପୋଲିସ।

ସୂଚନାନୁସାରେ, ସତ୍‌ସଙ୍ଗ ବିହାର ନିକଟ ଅପରପାର୍ଶ୍ୱରେ ଏକ ବୋଲେରୋ ଛିଡା ହୋଇ ରହିଥିଲା। ଏହାର ଡ୍ରାଇଭର ଜଣେ ବାଇକ ଚାଳକଙ୍କ ସହ କଥା ହେଉଥିଲେ। ପ୍ରଥମେ କଟକରୁ ବରମୁଣ୍ଡା ଅଭିମୁଖେ ଯାଉଥିବା ଓଡି୦୨ସି୦୭୦୫୧ ନମ୍ବର ବିଶିଷ୍ଟ ଏକ ହୁଣ୍ଡାଇ କାର୍‌ଟି ତାହା ପଛକୁ ଅଟକି ରହିଥିଲା। ଫଳରେ ଏହା ପଛରେ ଆସୁଥିବା ଓଆର୦୫ଆର୦୧୦୯ ଅଲ୍ଟୋ କାର୍‌ଟି ମଧ୍ୟ ଅଟକିଯାଇଥିଲା। ଏହି ସମୟରେ କଟକରୁ ବାଣୀବିହାର ଦେଇ ବରମୁଣ୍ଡା ଯାଉଥିବା ଗୋପୀନାଥ ନାମକ ଏକ ଘରୋଇ ବସ୍‌ର ଚାଳକ ଭାରସାମ୍ୟ ହରାଇ ପ୍ରଥମେ ଅଲ୍ଟୋକୁ ଧକ୍କା ଦେବାରୁ ଉକ୍ତ ଗାଡିଟି ଆଗରେ ଥିବା ହୁଣ୍ଡାଇ କାରରେ ଜୋରରେ ପିଟି ହୋଇଥିଲା। ଫଳରେ ବସ୍ ଓ ହୁଣ୍ଡାଇ କାର ମଝିରେ ଅଲ୍ଟୋ କାରଟି ଚାପି ହୋଇଥିଲା। ଅନ୍ୟପଟେ ହୁଣ୍ଡାଇ ଗାଡିର ସମ୍ମୁଖ ଭାଗ ଭାଙ୍ଗି ଯାଇଥିବା ବେଳେ ଛିଡା ହୋଇଥିବା ବୋଲେରୋ ଘଟଣାସ୍ଥଳରୁ ପଳାଇଥିଲା।

# ମୋ ବସ୍ କଣ୍ଡକ୍ଟର-ଯାତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ

ଭୁବନେଶ୍ୱର,୨।୬ (ସୂର୍ଯ୍ୟକାନ୍ତ ବେହେରା)

## ଥାନାରେ ଉଭୟ ପକ୍ଷରୁ ଏତଲା

ଭୁବନେଶ୍ୱରରେ ଚାଲୁଥିବା ମୋ-ବସର କଣ୍ଡକ୍ଟର ଓ ଯାତ୍ରୀଙ୍କ ମଧ୍ୟରେ ରବିବାର ମାରପିଟ ଘଟଣା ସାମ୍ନାକୁ ଆସିଛି। ଆକ୍ରମଣ ପଛର କାରଣ ଜଣାପଡି ନ ଥିବା ବେଳେ ଘଟଣା ପରେ ମାଷ୍ଟରକ୍ୟାଣ୍ଟିନସ୍ଥିତ ମୋ ବସ ଷ୍ଟାଣ୍ଡରେ ଉତ୍ତେଜନା ପରିସ୍ଥିତି ଦେଖାଦେଇଥିଲା। ଆକ୍ରମଣ କରିଥିବା ଯାତ୍ରୀ ଓ ତାଙ୍କ ସଂପର୍କୀୟମାନେ ମୋ ବସ ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ଗାଳିଗୁଲଜ କରିବାରୁ ସମସ୍ତ ଡ୍ରାଇଭର ଓ କଣ୍ଡକ୍ଟର କିଛି ସମୟ ଆନ୍ଦୋଳନ କରିଥିଲେ। ଏହି ପ୍ରତିବାଦରେ ମୋ ବସ ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ଯେ ପର୍ଯ୍ୟନ୍ତ ସୁରକ୍ଷା ନ ମିଳିଛି, ସେ ପର୍ଯ୍ୟନ୍ତ ବସ୍ ନ ଚଳାଇବାକୁ ସେମାନେ ଦାବି କରିଥିଲେ। ଖବର ପାଇ କ୍ୟାପିଟାଲ ଥାନା ପୋଲିସ ବୁଝାଶୁଝା କରିବା ପରେ ମୋ ବସ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏନେଇ ଉଭୟ ପକ୍ଷରୁ କ୍ୟାପିଟାଲ ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ୨ ଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସେହିପରି ୨ ଜଣଙ୍କୁ ଅଟକ ରଖିଥିବା ସୂଚନାମିଳିଛି। ସୂଚନାନୁସାରେ ପୂର୍ବାହ୍ନ ସାଢେ ୧୦ ସମୟରେ ସୁମିତ୍ରା ଦାସ ୧୬ ନମ୍ବର ମୋ ବସରେ ସ୍ୱାମୀ ଓ ଝିଅଙ୍କ ସହିତ ହାଇଟେକ ମେଡିକାଲ ଯାଉଥିଲେ। ହେଲେ ଉକ୍ତ ବସର କଣ୍ଡକ୍ଟର ମହିଳାଙ୍କ ସ୍ୱାମୀଙ୍କୁ ହାଇଟେକ ଛକରେ ଓହ୍ଲେଇ ଦେଇଥିଲେ। ହେଲେ ମହିଳା ଓ ତାଙ୍କ ଝିଅ ଗାଡିରୁ ଓହ୍ଲେଇପାରି ନ ଥିଲେ। ଫଳରେ ପରବର୍ତ୍ତୀ ଷ୍ଟପେଜରେ ଗାଡି ଅଟକାଇବାରୁ ସୁମିତ୍ରା ଓ ତାଙ୍କ ଝିଅ ଓହ୍ଲେଇଥିଲେ। ଏହାପରେ ମହିଳା ଜଣଙ୍କ କାମ ସାରି ସ୍ୱାମୀଙ୍କୁ ଧରି ମାଷ୍ଟରକ୍ୟାଣ୍ଟିନସ୍ଥିତ ବସ ଷ୍ଟାଣ୍ଡକୁ ଆସି କଣ୍ଡକ୍ଟରଙ୍କ ସହ ଯୁକ୍ତିତର୍କ କରିଥିଲେ। ବାସ ଏତିକିରେ ପରସ୍ପର ମାଡ଼ଗୋଳ ହୋଇଥିଲେ।



ମାଷ୍ଟରକ୍ୟାଣ୍ଟିନସ୍ଥିତ ମୋ ବସ୍ ଷ୍ଟାଣ୍ଡ୍‌ରେ ଗଣ୍ଡଗୋଳ ସମୟର ଦୃଶ୍ୟ।




ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରଫେସର ପ୍ରାଣକୃଷ୍ଣ ପରିଜାଙ୍କ ୪୬ତମ ଶ୍ରାଦ୍ଧ ଦିବସ ପାଳନ ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିଜା ପାଠାଗାର ସମ୍ମୁଖ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# ରାଜଧାନୀରେ ୪ ଦିନରେ ୪୦୦ ଗାଡ଼ି ଜବତ

ଭୁବନେଶ୍ୱର,୨।୬ (ସତ୍ୟଜିତ୍ ରାଉତ)







ପୋଲିସ ଜବତ କରିଥିବା ଦୁଇ କାର୍।

ରାଜଧାନୀରେ 'ସେଫ୍ ସିଟି ଡ୍ରାଇଭ୍' ଜରିଆରେ କମିଶନରେଟ୍ ପୋଲିସ ଅମାନିଆ ଗାଡି ଚାଳକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ମଦ୍ୟପାନ କରି ଗାଡି ଚଳାଇବା, ରଙ୍ଗ୍ ରୁଟ୍‌ରେ ଗାଡି ଚାଳନା, ଗାଡି ଚଳାଇବା ବେଳେ ମୋବାଇଲ ବ୍ୟବହାର କରିବା ଘଟଣାରେ ଚାଳକଙ୍କୁ ଧରୁଛି ପୋଲିସ। ଏସବୁ ନିୟମ ଉଲ୍ଲଂଘନ ଅଭିଯୋଗରେ ୪ ଦିନରେ ୪୦୦ ଗାଡି (ଦୁଇଚକିଆ/୪ ଚକିଆ) ଜବତ କରାଯାଇଥିବା ରବିବାର ପୋଲିସ କମିଶନର ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି। ଗତ ଗୁରୁବାରଠାରୁ ଭୁବନେଶ୍ୱରର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡିକରେ ଏହି ଚେକିଂ ଜାରି ରହିଛି। ତେବେ ଗାଡି ଚାଳନାବେଳେ ମୋବାଇଲ ବ୍ୟବହାର କରିବା ଯୋଗୁ ଦୁର୍ଘଟଣା ଅଧିକ ହେଉଥିବାରୁ ଏହି ଦିଗରେ ପୋଲିସ ଅଧିକ ଗୁରୁତ୍ୱ ଦେଇଛି। କମିଶନର ପଣ୍ଡା କହିଛନ୍ତି, ଗାଡି ଜବତ କରାଯାଇଥିବା ନିୟମ ଉଲ୍ଲଂଘନକାରୀଙ୍କ ଡ୍ରାଇଭର ଲାଇସେନ୍ସ (ଡିଏଲ୍) ବାତିଲ କରିବାକୁ ଆର୍‌ଟିଓଙ୍କୁ ଚିଠି ଲେଖାଯାଇଛି। ଅନ୍ୟପକ୍ଷରେ କୋର୍ଟରେ ଜରିମାନା ଦାଖଲ କରି ସେମାନେ ଗାଡ଼ି ନେଇପାରିବେ। ଏନ୍‌ଫୋର୍ସମେଣ୍ଟ ଟିମ୍ ଚେକିଂ ବେଳେ ୟୁ ଟର୍ନ କରି ଯାଉଥିବା ଚାଳକଙ୍କ ପାଇଁ ମଧ୍ୟ ନୂଆ ଯୋଜନା କରିଛି ପୋଲିସ। ଏଥିପାଇଁ ଚେକିଂ ହେଉଥିବା ସ୍ଥାନରେ ଡ୍ରାଇଭିଂୱେ ସ୍ପାଇକ୍ ବ୍ୟବହାର କରାଯାଉଛି। ତେବେ ଦୁର୍ଘଟଣା ରୋକିବାକୁ ଏହି ଅଭିଯାନ ଅଧିକ ବ୍ୟାପକ କରାଯିବ ବୋଲି କମିଶନର କହିଛନ୍ତି। ତେବେ ସ୍ପାଇକ୍ ଦ୍ୱାରା ୧୦ରୁ ଅଧିକ ଗାଡି ଲିକ୍ ହୋଇଥିବା ସୂଚନା ଦିଆଯାଇଛି। ତେବେ ମୋବାଇଲ ବ୍ୟବହାର କରି ଗାଡି ଚଳାଉଥିବା ଚାଳକଙ୍କ ବିରୋଧରେ ପୋଲିସ ଆଗକୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବ। ସେମାନଙ୍କ ଗାଡି ସହ ମୋବାଇଲ ମଧ୍ୟ ଜବତ କରାଯିବ ବୋଲି ସୂଚନା ଦିଆଯାଇଛି।

## କମିଶନରେଟ୍ ପୋଲିସର ସେଫ୍ ସିଟି ଡ୍ରାଇଭ୍

# ଇକୋର୍ସା ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ

ଭୁବନେଶ୍ୱର,୨।୬(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ କ୍ରୀଡା ସଂଗଠନ (ଇକୋର୍ସା) ପକ୍ଷରୁ ମାସେ ଧରି ଚାଲିଥିବା ଗ୍ରୀଷ୍ମକାଳୀନ ଶିବିର ରବିବାର ରେଳପଥ ଇନ୍‌ଡୋର୍ ଷ୍ଟାଡିୟମଠାରେ ଉଦ୍‌ଯାପିତ ହୋଇଯାଇଛି। ସମାରୋହରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ତମ ପ୍ରଦର୍ଶନ କରିଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପିଲାମାନଙ୍କର ଶାରୀରିକ, ମାନସିକ ଓ ନୈତିକ ବିକାଶ ଉଦ୍ଦେଶ୍ୟରେ ଏହି ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ପିଲାମାନଙ୍କୁ କ୍ରିକେଟ, ଭଲିବଲ, ବାସ୍କେଟ ବଲ, ସୁଇମିଂ ଓ ଟେନିସ ଆଦି କ୍ରୀଡ଼ାର ପ୍ରଶିକ୍ଷଣ ଦିଆଯାଇଥିଲା। ରେଳ କର୍ମଚାରୀଙ୍କ ପିଲାମାନଙ୍କ ସମେତ ମୋଟ ୧୩୦ଜଣ ଏହି ଶିବିରରେ ଯୋଗଦେଇଥିଲେ। ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ମହେଶ କୁମାର ବେହେରା, ଇକୋର୍ସା ସଭାପତି ଭି. ଆର. ଲେନିନ ଏବଂ ସମ୍ପାଦକ ଏ. କେ. ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଇକୋର୍ସା ଗ୍ରୀଷ୍ମକାଳୀନ ଶିବିରରେ ଜଣେ କୃତି ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ଉଦ୍ଭିଦ ବିଜ୍ଞାନରେ ପରିଜାଙ୍କ ଗବେଷଣାତ୍ମକ ତଥ୍ୟ ନୂତନ ଦିଗ୍‌ଦର୍ଶନ

ଭୁବନେଶ୍ୱର,୨।୬(ଶର୍ମିଷ୍ଠା ପାଣିଗ୍ରାହୀ)

ବିଶ୍ୱର ଲବ୍ଧପ୍ରତିଷ୍ଠ ବୈଜ୍ଞାନିକ, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ପ୍ରାଣକୃଷ୍ଣ ପରିଜାଙ୍କ ୪୬ତମ ପୁଣ୍ୟତିଥି ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରସ୍ଥ ପରିଜା ପାଠାଗାର ସମ୍ମୁଖସ୍ଥ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗବେଷିକା ସୁଦୀକ୍ଷା ଲେଙ୍କା, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଅଶ୍ୱିନୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅବିଭକ୍ତ କଟକ ଜିଲା ଅଧୁନା ଜଗତ୍‌ସିଂହପୁର ଜିଲାର ବାଲିକୁଦା ଅଞ୍ଚଳରେ ଜନ୍ମହୋଇ କଟକ ରେଭେନ୍ସା କଲେଜିଏଟ୍ ସ୍କୁଲ୍, ରେଭେନ୍ସା ମହାବିଦ୍ୟାଳୟ ଓ ବିଦେଶରେ ଉଚ୍ଚଶିକ୍ଷା ପ୍ରାପ୍ତ ହୋଇ ସେ ଅଧ୍ୟାପନା ଓ ଗବେଷଣାକୁ ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରି ଶିକ୍ଷାଦାନରେ ନିଜକୁ ନିୟୋଜିତ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ । ୧୯୫୨ ମସିହାରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ବାଲିକୁଦା ନିର୍ବାଚନମଣ୍ଡଳୀରୁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ଉଦ୍ଭିଦ ବିଜ୍ଞାନରେ ତାଙ୍କର ଗବେଷଣାତ୍ମକ ତଥ୍ୟ ବିଜ୍ଞାନ କ୍ଷେତ୍ରରେ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରିଆସିଛି । ଏହି ବରପୁତ୍ରଙ୍କୁ ଜନ୍ମ ଦେଇ ଉତ୍କଳ ଜନନୀ ନିଜ ମାତୃତ୍ୱକୁ ସାର୍ଥକ କରିଛି ବୋଲି ବକ୍ତାମାନେ ମତଦେଇଥିଲେ। ରାଜ୍ୟ ପ୍ରତ୍ନତତ୍ତ୍ୱ ସଂସ୍ଥାର ଅଧିକ୍ଷକ ଅଶ୍ୱିନୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସାହିତ୍ୟିକ ଅଟକିଗଲେ ସାହିତ୍ୟ ଅଟକିଯାଏ

ଭୁବନେଶ୍ୱର,୨।୬ (ଶର୍ମିଷ୍ଠା ପାଣିଗ୍ରାହୀ)

## ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ୬୬ତମ ଅଧିବେଶନ

ଅଙ୍ଗୀକାରବଦ୍ଧ ମଣିଷ ଭଲ ପାଇବା ଜାଣେ। ଭଲ ପାଉଥିବା ମଣିଷ ମଧ୍ୟ ଅନ୍ୟର ଭଲ ପାଇବାରେ ଭାଜନ ହୋଇଥାଏ। ଲେଖକଙ୍କ ଚିନ୍ତନରେ ଦୁଇଟି ପାର୍ଶ୍ୱ ରହିଥାଏ। ଗୋଟିଏ ପାର୍ଶ୍ୱରେ ରହିଥାଏ ଅଭିଯୋଗ, ନିଃସଙ୍ଗତା ଓ ସଂଶୟ ଏବଂ ଅପରପାର୍ଶ୍ୱରେ ରହିଥାଏ ଅଙ୍ଗୀକାରବଦ୍ଧତା। ସାହିତ୍ୟିକ ଅଟକି ଗଲେ ସାହିତ୍ୟ ଅଟକିଯାଏ। ଅଙ୍ଗୀକାରବଦ୍ଧତା ମଧ୍ୟ ଅଟକିଯାଏ। ସତ୍ୟର ଉଦ୍‌ଘାଟନ ମାର୍ଗ ମଧ୍ୟ ବନ୍ଦ ହୋଇଯାଇଥାଏ ବୋଲି ରବିବାର ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ୬୬ତମ ଅଧିବେଶନରେ ମତ ପ୍ରକାଶ ପାଇଛି। ବିଶିଷ୍ଟ ପ୍ରାବନ୍ଧିକ ଡ. ନଗେନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ 'ସାହିତ୍ୟରେ ଅଙ୍ଗୀକାରବଦ୍ଧତା' ଶୀର୍ଷକ ଆଲୋଚନାଚକ୍ରରେ ଆଲୋଚକ ଭାବରେ ଇଂ. ଶଶିଭୂଷଣ ରଥ, ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା-ସାହିତ୍ୟ ବିଭାଗର ମୁଖ୍ୟ ଡ. ରମେଶଚନ୍ଦ୍ର ମଲ୍ଲିକ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ହିନ୍ଦୀ ଭାଷା ସାହିତ୍ୟ ବିଭାଗୀୟ ମୁଖ୍ୟ ଡ. ଅଞ୍ଜୁମନ ଆରା ଓ ଜନବାଦୀର ସମ୍ପାଦକ ଚକ୍ରଧର ପ୍ରଧାନ ଯୋଗ ଦେଇଥିଲେ। ସଂସଦର ମାସିକ ସାହିତ୍ୟ ବୁଲେଟିନ 'ଆମ ସାହିତ୍ୟ ଆସର' ଏବଂ ମାସିକ ୱେବ୍ ସାହିତ୍ୟ ପତ୍ରିକା ଲୋକାର୍ପିତ ହେବା ସହ ଏହାର ସମ୍ପାଦିକା ଅନ୍ନଦା ମିଶ୍ର ଓ ସମ୍ପାଦକ ସରୋଜ କୁମାର ଶତପଥୀ ବକ୍ତବ୍ୟ ରଖିଥିଲେ। ସଂସଦର ସମ୍ପାଦକ କବି ବସନ୍ତ ମାଝି ସ୍ୱାଗତ ଅଭିଭାଷଣ ଏବଂ ସମ୍ପାଦକୀୟ ରିପୋର୍ଟ ପ୍ରଦାନ କରିଥିଲେ। ଡ. ଜୟଶ୍ରୀ ନନ୍ଦଙ୍କ ସଭାପତିତ୍ୱରେ ଏକ କବିତା ପାଠୋତ୍ସବ ଡ. ରଶ୍ମି କର, ଆଶୁତୋଷ ଦାଶ, ପ୍ରଭାତ କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଡ. କୃତ୍ତିବାସ ନାୟକ, ଗାଳ୍ପିକ ଆର୍ଯ୍ୟଯଜ୍ଞ ଦତ୍ତ, ଡ. ଶ୍ରୀଜୟା ଦାସ, ଖଗେଶ୍ୱର ମହତାବ, ଶଶାଙ୍କ ଶେଖର ମିଶ୍ର, ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ, ପ୍ରଫେସର ପ୍ରେମ୍ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ସାରସ୍ୱତ ସମାଜର ମାସିକ ଆଲୋଚନାଚକ୍ର

ଭୁବନେଶ୍ୱର,୨।୬(ଅନୁରାଧା ମହାରଣା)

ସାରସ୍ୱତ ସମାଜର ମାସିକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। କଣ୍ଠଶିଳ୍ପୀ ଭାରତୀ ଭୂଷଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ୟୁନିଟ ୩ ସ୍ଥିତ ଗୋଦାବରୀଶ ସାହିତ୍ୟ ସଂସଦ ସଭାଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁସାହିତ୍ୟିକା ଉଷାରାଣୀ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କବି ଓ କବୟିତ୍ରୀମାନଙ୍କ ହୃଦୟରେ ଆତ୍ମାରେ ଅହରହ ଉଦ୍‌ଭାସିତ ହେଉଥାଏ ବୋଲି ଉଷାରାଣୀ କହିଥିଲେ। ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ କହିଥିଲେ, ପୂର୍ବସୂରୀମାନଙ୍କର ଆଶୀର୍ବାଦରେ କବିର ପ୍ରଚେଷ୍ଟା, ନିଷ୍ଠା, ଉଦ୍ୟମ ଓ ସାହସ କଳ୍ପନାରୁ କଳ୍ପବଟଯାଏ ପ୍ରଲମ୍ବିତ ହେଉ ବୋଲି କହିଥିଲେ। ସୁସାହିତ୍ୟିକା ସୌଦାମିନୀ ସାମନ୍ତରାୟ ଓ କବୟିତ୍ରୀ ଗୀତାଞ୍ଜଳି ମହାନ୍ତିଙ୍କ ସଂଯୋଜନାରେ ୨୫ରୁ ଅଧିକ କବି କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଉପ ସଭାପତି ନିଖିଳ କୁମାର ବଳବନ୍ତରାୟ ଆସର ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ପାଲେଷ୍ଟାଇନରେ ଶାନ୍ତି ପ୍ରତିଷ୍ଠା ପାଇଁ ଗଣପ୍ରତିବାଦ

ଭୁବନେଶ୍ୱର,୨।୬(ଅନୁରାଧା ମହାରଣା)

ସାମ୍ରାଜ୍ୟବାଦୀ ଇସ୍ରାଏଲର ପାଲେଷ୍ଟାଇନରେ ଗଣହତ୍ୟା ବନ୍ଦ, ଦୀର୍ଘ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା, ପାଲେଷ୍ଟାଇନକୁ ରାଷ୍ଟ୍ର ମାନ୍ୟତା ଦାବିରେ ରବିବାର ଓଡ଼ିଶା ସମେତ ସାରା ଭାରତରେ ଗଣ ପ୍ରତିବାଦ କରାଯାଇଛି। ଏହି କ୍ରମରେ ଭୁବନେଶ୍ୱରରେ ବାମପନ୍ଥୀ ଧର୍ମନିରପେକ୍ଷ ଦଳଗୁଡ଼ିକ ପକ୍ଷରୁ ଧାରଣା ଦିଆଯାଇ ଗଣପ୍ରତିବାଦ କରାଯାଇଥିଲା। ଏହି ପ୍ରତିବାଦ ସଭାରେ ଭାରତ ସରକାର ତୁରନ୍ତ ଜାତିସଂଘ ସାଧାରଣ ପରିଷଦରେ ପାଲେଷ୍ଟାଇନକୁ ସାର୍ବଭୌମ ରାଷ୍ଟ୍ର ମାନ୍ୟତା ପ୍ରଦାନ, ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ନିମନ୍ତେ ସହମତି ପ୍ରକାଶ ପାଇଁ ଦାବି କରାଯାଇଥିଲା। ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍ଏଲ୍) ଲିବରେଶନ, ଫରୱାର୍ଡ ବ୍ଲକ, ସମାଜବାଦୀ ପାର୍ଟିର ବରିଷ୍ଠ ନେତୃବୃନ୍ଦ ଏହି ଗଣଧାରଣାରେ ସାମିଲ ହୋଇଥିଲ। ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ଏହି ପ୍ରତିବାଦର ସଂଯୋଜନା କରିଥିଲେ।




ମାଷ୍ଟରକ୍ୟାଣ୍ଟିନ ଛକରେ ବାମପନ୍ଥୀ ଧର୍ମନିରପେକ୍ଷ ଦଳଗୁଡିକ ପକ୍ଷରୁ ଗଣପ୍ରତିବାଦ।

# ଜୁଲାଇ ୨୦ରେ ଓଡ଼ିଶା କୁଇନ୍‌ର ଚତୁର୍ଥ ସଂସ୍କରଣ

ଭୁବନେଶ୍ୱର,୨।୬ (ଶର୍ମିଷ୍ଠା ପାଣିଗ୍ରାହୀ)

ଆର୍ ଆର୍ ଇଭେଣ୍ଟସ୍ ପକ୍ଷରୁ ଓଡ଼ିଶା କୁଇନ୍‌ର ଚତୁର୍ଥ ସଂସ୍କରଣ ଆସନ୍ତା ଜୁଲାଇ ୨୦ରେ ଅନୁଷ୍ଠିତ ହେବ। ଏଥରର ମୁଖ୍ୟ ଆକର୍ଷଣ ରହିଛନ୍ତି ବଲିଉଡ୍ ଅଭିନେତ୍ରୀ ମଲାଇକା ଆରୋରା। ଏହା ପୂର୍ବରୁ ଓଡିଶାର ବିଭିନ୍ନ ଅଞ୍ଚଳରେ ପ୍ରତିଯୋଗୀଙ୍କ ପାଇଁ ଅଡିଶନ ଅନୁଷ୍ଠିତ ହେବ। ବ୍ରହ୍ମପୁରରେ ଜୁନ ୧୯, ବାଲେଶ୍ୱରରେ ଜୁନ ୨୨, ରାଉରକେଲାରେ ଜୁନ ୨୮, ସମ୍ବଲପୁରରେ ଜୁନ ୩୦ରେ, କଟକରେ ଜୁଲାଇ ୩ ଏବଂ ଭୁବନେଶ୍ୱରଠାରେ ଜୁଲାଇ ୫ ଦିନ ଅଡିଶନ ହେବ। ୧୮ ରୁ ୨୮ ବର୍ଷ ପର୍ଯ୍ୟନ୍ତ ଝିଅମାନେ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିପାରିବେ।

ବିଭିନ୍ନ ପର୍ଯ୍ୟାୟରେ ପ୍ରତିଯୋଗିତା ହେବା ପରେ ସର୍ବଶ୍ରେଷ୍ଠ ୨୦ଜଣ ପ୍ରତିଯୋଗିନୀ ଫାଇନାଲ ମଞ୍ଚରେ ପ୍ରବେଶ କରିବେ। ଶ୍ରେଷ୍ଠ ପ୍ରତିଯୋଗିନୀ ଅଭିନେତ୍ରୀ ମଲାଇକଙ୍କ ହାତରୁ ବିଜୟିନୀ ମୁକୁଟ ପିନ୍ଧିବେ। ରବିବାର ସ୍ଥାନୀୟ ଏକ ହୋଟେଲରେ ଏ ନେଇ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଫିଲ୍ମ ପ୍ରଯୋଜକ ରମେଶ ବାରିକ ସୂଚନା ଦେଇଥିଲେ। କ୍ରିଏଟିଭ ହେଡ୍ ଶ୍ୟାମା ପ୍ରସାଦ ମିଶ୍ର , ଅଭିନେତ୍ରୀ ଅର୍ଚ୍ଚିତା ସାହୁ , ଶୀତଲ ପାତ୍ର, ଅଭିନେତା ସୁବାଶିଷ ଶର୍ମା, ସ୍ୱପ୍ନା ପ୍ରିୟଦର୍ଶିନୀ, ସୁପର ମଡେଲ ସାଞ୍ଜି ଅମିତ୍ କୁମାର ଘୋଷ, ଶୁଭସ୍ମିତା, ଶାଶ୍ୱତୀ ପତି, ଜହିଦା ଅହମ୍ମଦ, ଆଲେମ ଅହମ୍ମଦ, ଡ଼ ଅମ୍ରିତ ପାଟଜୋଷୀ ପ୍ରମୁଖ ଉପସ୍ଥିତ ଥିଲେ।




ଓଡ଼ିଶା କୁଇନ୍‌ର ଚତୁର୍ଥ ସଂସ୍କରଣ ସମ୍ପର୍କରେ ସୂଚନା ଦିଆଯାଉଛି।

## ଆକର୍ଷଣ ସାଜିବେ ମଲାଇକା ଆରୋରା

## ସଂକ୍ଷେପରେ

### ୪ ଦିନରେ ୪୦୦ ଗାଡ଼ି ଜବତ

ଭୁବନେଶ୍ୱର,୨।୬(ସତ୍ୟଜିତ୍ ରାଉତ): ରାଜଧାନୀରେ 'ସେଫ୍ ସିଟି ଡ୍ରାଇଭ୍' ଜରିଆରେ କମିଶନରେଟ୍ ପୋଲିସ ଅମାନିଆ ଗାଡି ଚାଳକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ମଦ୍ୟପାନ କରି ଗାଡି ଚଳାଇବା, ରଙ୍ଗ୍ ରୁଟ୍‌ରେ ଗାଡି ଚାଳନା, ଗାଡି ଚଳାଇବା ବେଳେ ମୋବାଇଲ ବ୍ୟବହାର କରିବା ଘଟଣାରେ ଚାଳକଙ୍କୁ ଧରୁଛି ପୋଲିସ। ଏସବୁ ନିୟମ ଉଲ୍ଲଂଘନ ଅଭିଯୋଗରେ ୪ ଦିନରେ ୪୦୦ ଗାଡି (ଦୁଇଚକିଆ/୪ ଚକିଆ) ଜବତ କରାଯାଇଥିବା ରବିବାର ପୋଲିସ କମିଶନର ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି। ଗତ ଗୁରୁବାରଠାରୁ ଭୁବନେଶ୍ୱରର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡିକରେ ଏହି ଚେକିଂ ଜାରି ରହିଛି। ଗାଡି ଚାଳନାବେଳେ ମୋବାଇଲ ବ୍ୟବହାର ଯୋଗୁ ଦୁର୍ଘଟଣା ଅଧିକ ହେଉଥିବାରୁ ଏହି ଦିଗରେ ପୋଲିସ ଅଧିକ ଗୁରୁତ୍ୱ ଦେଇଛି। କମିଶନର ପଣ୍ଡା କହିଛନ୍ତି, ଗାଡି ଜବତ କରାଯାଇଥିବା ନିୟମ ଉଲ୍ଲଂଘନକାରୀଙ୍କ ଡ୍ରାଇଭର ଲାଇସେନ୍ସ (ଡିଏଲ୍) ବାତିଲ କରିବାକୁ ଆର୍‌ଟିଓଙ୍କୁ ଚିଠି ଲେଖାଯାଇଛି।

# ରେଭେନ୍ସା କ୍ୟାମ୍ପସରେ କଡ଼ା ସୁରକ୍ଷାରେ ଇଭିଏମ୍

### ୪ରେ ଭୋଟ ଗଣତି

କଟକ,୨।୬(ଶିଳ୍ପା ପ୍ରିୟଦର୍ଶିନୀ)

ରାଜ୍ୟରେ ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ଶନିବାର ଶେଷ ହୋଇଛି। ବିଭିନ୍ନ ବୁଥ୍‌ରୁ ଇଭିଏମ୍ ଓ ଭିଭିପିଏଟିକୁ ଆଣି ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି। ଏହି ପରିପ୍ରେକ୍ଷୀରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସ ଷ୍ଟ୍ରଙ୍ଗ୍‌ରୁମ୍‌ରେ କଡ଼ା ସୁରକ୍ଷାବଳରେ ଇଭିଏମ୍ ରଖାଯାଇଛି। ଏଥିସହ ସେଠାରେ ସିସିଟିଭି ଲଗାଯାଇଥିବାବେଳେ କେନ୍ଦ୍ରୀୟ ଫୋର୍ସ ମୁତୟନ ହୋଇଛନ୍ତି। ଆସନ୍ତା ୪ ତାରିଖ ସକାଳ ୭ଟାରୁ ଭୋଟ୍ ଗଣତି ଆରମ୍ଭ ହେବ। ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର, ମାହାଙ୍ଗା, ସାଲେପୁର, ନିଆଳି ନିର୍ବାଚନମଣ୍ଡଳୀର ଭୋଟ୍ ଗଣତି ଏଠାରେ କରାଯିବ। କଟକ ଅତିରିକ୍ତ ଜିଲାପାଳ ଶିବ ଟପ୍ପୋଙ୍କ



ରେଭେନ୍ସା ବିଶ୍ୱବିଦ୍ୟାଳୟ ମହାନଦୀ କ୍ୟାମ୍ପସରେ ହୋଇଥିବା ଷ୍ଟ୍ରଙ୍ଗରୁମ୍‌କୁ ପୋଲିସ ଜଗି ରହିଛି।

ସୂଚନା ଅନୁଯାୟୀ, ପ୍ରତି ବିଧାନସଭା ଓ ଲୋକ ସଭା କ୍ଷେତ୍ର ପାଇଁ ମୋଟ୍ ୧୦ଟି ଲେଖାଏ ଟେବୁଲ୍ କରାଯାଇଛି। ଏହାସହ ୨୫ରୁ ୨୬ ରାଉଣ୍ଡ ଭୋଟ୍ ଗଣତି କରାଯିବ। ୧୦ଟି ଟେବୁଲ୍‌ରେ ଉକ୍ତ ବିଧାନସଭା କ୍ଷେତ୍ରର ବିଧାୟକଙ୍କ ପାଇଁ ଥିବା ଇଭିଏମ୍ ଖୋଲାଯିବ। ସେହିପରି ୧୦ଟି ଟେବୁଲ୍‌ରେ ଲୋକ ସଭା କ୍ଷେତ୍ର ପାଇଁ ଇଭିଏମ୍ ଖୋଲାଯିବ। ଭୋଟ୍ ଗଣତିକୁ ଶାନ୍ତିଶୃଙ୍ଖଳାରେ ଶେଷ କରିବା ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭୋଟ୍ ଗଣତି କେନ୍ଦ୍ର ଭିତରକୁ ଅନୁମତିପତ୍ର ଥିବା ବ୍ୟକ୍ତି ଯାଇପାରିବେ। ଭୋଟ୍ ଗଣତି କେନ୍ଦ୍ର ବାହାରେ ପୋଲିସ ରହିବେ। ସେହିପରି ଭୋଟ ଗଣତି ହଲ୍ ଭିତର ଓ ଇଭିଏମ୍ ନେବା ଆଣିବା ସମୟରେ କେନ୍ଦ୍ରୀୟ ଫୋର୍ସ ରହିବେ। ଇଭିଏମ୍ ସୁରକ୍ଷା ପାଇଁ କେନ୍ଦ୍ରୀୟ ଫୋର୍ସ ରେଭେନ୍ସା ଦ୍ୱିତୀୟ କ୍ୟାମ୍ପସରେ ନିୟୋଜିତ ରହିଛନ୍ତି। ସୁରକ୍ଷା ଦୃଷ୍ଟିରୁ ୩ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯିବ। ସେଥିମଧ୍ୟରେ ଗଣତି କେନ୍ଦ୍ର ଭିତରେ ଗୋଟିଏ, କେନ୍ଦ୍ର ପରିସରରେ ଗୋଟିଏ ଓ କ୍ୟାମ୍ପସ ପାଚେରୀ ବାହାରେ ଅର୍ଥାତ୍ ନରାଜ ବେଲଭ୍ୟୁ ରାସ୍ତା ପାଖରେ ଗୋଟିଏ ପ୍ଲାଟୁନ ପୋଲିସ ରହିବେ। ସେହିପରି ଗଣତି କେନ୍ଦ୍ରର ସୁରକ୍ଷା ପାଇଁ ଜଣେ ଡିସିପି, ୪ ଅତିରିକ୍ତ ଡିସିପି, ୫ ଏସିପି, ୧୫ ଇନ୍ସପେକ୍ଟର, ୩୦ ଜଣ ଏସ୍ଆଇ ଏବଂ ଏଏସ୍ଆଇ ନିୟୋଜିତ ରହିବେ। ଭୋଟ୍ ଗଣତି ସମୟରେ ରେଭେନ୍ସା କ୍ୟାମ୍ପସ ବାହାରେ ଟ୍ରାଫିକ୍ ପରିଚାଳନା ପାଇଁ ଟ୍ରାଫିକ୍ ଏସିପି, ଦୁଇ ଜଣ ଇନ୍ସପେକ୍ଟର ଓ ୨୫ ଜଣ କନ୍‌ଷ୍ଟେବଲ୍ ନିୟୋଜିତ ରହିବେ।

# ଦୁର୍ଗାବାହିନୀର ଶୌର୍ଯ୍ୟ ପ୍ରଶିକ୍ଷଣ ବର୍ଗ ଉଦ୍‌ଘାଟିତ



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଦୁର୍ଗାବାହିନୀର ସଦସ୍ୟା ଓ ଅନ୍ୟମାନେ।

ସାଲେପୁର,୨।୬(ଅରବିନ୍ଦ ଭୂୟାଁ)

ରାଷ୍ଟ୍ରର ସୁରକ୍ଷା, ଧର୍ମରକ୍ଷା, ଜ୍ଞାନରେ ନିପୁଣତା ଓ ସଂସ୍କୃତି ସମ୍ପନ୍ନତାର ଲକ୍ଷ୍ୟ ନେଇ ବିଶ୍ୱ ହିନ୍ଦୁ ପରିଷଦ ଦୁର୍ଗାବାହିନୀ ଓଡ଼ିଶା ପକ୍ଷରୁ ଏକ ପ୍ରାନ୍ତୀୟ ଶୌର୍ଯ୍ୟ ପ୍ରଶିକ୍ଷଣ ବର୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ମାନସ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମହାମଣ୍ଡଳେଶ୍ୱର ପୂଜ୍ୟ ଶଙ୍କରାନନ୍ଦ ଗିରି ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ ବିଶ୍ୱ ହିନ୍ଦୁ ପରିଷଦର ଉପସଭାପତି ପ୍ରଶାନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥିଭାବେ ଜ୍ୟୋତିପ୍ରକାଶ ମିଶ୍ର ଯୋଗଦେଇଥିଲେ। ଧର୍ମାଚାର୍ଯ୍ୟ ପ୍ରମୁଖ ଅଜୟ କୁମାର ଦାସ, ପ୍ରାନ୍ତ ସଙ୍ଗଠନ ସମ୍ପାଦକ ଶରତ କୁମାର ପ୍ରଧାନ, ପ୍ରାନ୍ତଃ ସମ୍ପର୍କ ପ୍ରମୁଖ ମାନସ ମହାନ୍ତି ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଅମିତା ସାହାଣୀ, ପବିତ୍ର କୁମାର ଦାଶ, ପଣ୍ଡିତ ବିଭୂତିଭୂଷଣ କର, ଅଳକା ଦଳାଇ, ବଜରଙ୍ଗ ଦଳ ପ୍ରମୁଖ ବିଶାଳ ମହାପାତ୍ର, ଆଚାର୍ଯ୍ୟ ଦେବେନ୍ଦ୍ର କୁମାର ନାୟକ, ଦିବାକର ପ୍ରଧାନ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ। ପୂର୍ବ ଓଡ଼ିଶାର ବହୁ ଦୁର୍ଗାବାହିନୀର ଭଉଣୀମାନେ ଯୋଗଦେଇ ଧର୍ମରକ୍ଷା, ସୁରକ୍ଷା ଓ ସଂସ୍କୃତି ପାଇଁ ଶିକ୍ଷା ଗ୍ରହଣ କରିଥିଲେ। ସିପ୍ରା ରାଉତ ଏହାକୁ ସଞ୍ଚାଳନ କରିଥିଲେ।

# ସିରିଜ୍ ଦୁର୍ଘଟଣା, ମହିଳାଙ୍କ ସମେତ ୨ ଆହତ



ସିରିଜ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ହୋଇଥିବା କାର୍।

ଭୁବନେଶ୍ୱର,୨।୬ (ସୂର୍ଯ୍ୟକାନ୍ତ ବେହେରା) :

ରାଜଧାନୀ ଭୁବନେଶ୍ୱର ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥ ସତ୍‌ସଙ୍ଗ ବିହାର ଓଭରବ୍ରିଜ ନିକଟରେ ରବିବାର ସକାଳ ପ୍ରାୟ ସାଢେ ୮ଟାରେ ଏକ ସିରିଜ ଦୁର୍ଘଟଣା ଘଟିଛି। କଟକ ଆଡୁ ଭୁବନେଶ୍ୱର ଆସୁଥିବା ଏକ ଘରୋଇ ବସ୍ ଏକ କାରକୁ ପ୍ରଥମେ ଧକ୍କା ଦେବାରୁ ଉକ୍ତ ଗାଡିଟି ଆଗରେ ଥିବା ଏକ କ୍ରେଟା କାରକୁ ଧକ୍କା ଦେବା ସହ ମଝିରେ ଚାପିହୋଇଯାଇଥିଲା। ଦୁର୍ଘଟଣାରେ ଅଲ୍ଟୋ କାର ଚାଳକ ଓ ସେଥିରେ ବସିଥିବା ଜଣେ ମହିଳା ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ଆହତଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକେ ମେଡିକାଲ ପଠାଇଥିଲେ। ଆହତ ମହିଳାଙ୍କ ନାମ ସୁପ୍ରିୟା ମହାନ୍ତି ବୋଲି ଜଣାପଡିଛି । ସେହିପରି ଏହି ଦୁର୍ଘଟଣାରେ ଗୋଟିଏ କାର ଭାଙ୍ଗିରୁଜି ଯାଇଥିବା ବେଳେ ଅନ୍ୟ ଏକ କାରର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଛି। ଦୁର୍ଘଟଣା ଯୋଗୁ ରାସ୍ତା ଜାମ ହୋଇଥିଲା। ଖବର ପାଇ ଶହୀଦନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ କାର ଓ ବସକୁ ଜବତ କରି ଥାନାକୁ ନେଇଥିଲା। ଏଥିସହ ରାସ୍ତାରୁ ଦୁର୍ଘଟଣା ଗାଡି ହଟାଯିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା । ଏନେଇ ଅଧିକ ତଦନ୍ତ ଜାରି ରଖିଛି ଶହୀଦନଗର ଥାନା ପୋଲିସ।

ସୂଚନାନୁସାରେ, ସତ୍‌ସଙ୍ଗ ବିହାର ନିକଟ ଅପରପାର୍ଶ୍ୱରେ ଏକ ବୋଲେରୋ ଛିଡା ହୋଇ ରହିଥିଲା। ଏହାର ଡ୍ରାଇଭର ଜଣେ ବାଇକ ଚାଳକଙ୍କ ସହ କଥା ହେଉଥିଲେ। ପ୍ରଥମେ କଟକରୁ ବରମୁଣ୍ଡା ଅଭିମୁଖେ ଯାଉଥିବା ଓଡି୦୨ସି୭୦୫୧ ନମ୍ବର ବିଶିଷ୍ଟ ଏକ ହୁଣ୍ଡାଇ କାର୍‌ଟି ତାହା ପଛକୁ ଅଟକି ରହିଥିଲା। ଫଳରେ ଏହା ପଛରେ

### ଗାଡ଼ି ଜବତ କରି ପୋଲିସର ତଦନ୍ତ ଜାରି

ଆସୁଥିବା ଓଆର୦୫ଆର୦୧୦୯ ଅଲ୍ଟୋ କାର୍‌ଟି ମଧ୍ୟ ଅଟକିଯାଇଥିଲା। ଏହି ସମୟରେ କଟକରୁ ବାଣୀବିହାର ଦେଇ ବରମୁଣ୍ଡା ଯାଉଥିବା ଗୋପୀନାଥ ନାମକ ଏକ ଘରୋଇ ବସ୍‌ର ଚାଳକ ଭାରସାମ୍ୟ ହରାଇ ପ୍ରଥମେ ଅଲ୍ଟୋକୁ ଧକ୍କା ଦେବାରୁ ଉକ୍ତ ଗାଡିଟି ଆଗରେ ଥିବା ହୁଣ୍ଡାଇ କାରରେ ଜୋରରେ ପିଟି ହୋଇଥିଲା। ଫଳରେ ବସ୍ ଓ ହୁଣ୍ଡାଇ କାର ମଝିରେ ଅଲ୍ଟୋ କାରଟି ଚାପି ହୋଇଥିଲା। ଅନ୍ୟପଟେ ହୁଣ୍ଡାଇ ଗାଡିର ସମ୍ମୁଖ ଭାଗ ଭାଙ୍ଗି ଯାଇଥିବା ବେଳେ ଛିଡା ହୋଇଥିବା ବୋଲେରୋ ଘଟଣାସ୍ଥଳରୁ ପଳାଇଥିଲା।

# ଥାନା ଘେରିବାକୁ ଭାଜପାର ଚେତାବନୀ

### ମାଳଶାସନରେ ନିର୍ବାଚନୀ ହିଂସା ଘଟଣା

■ ୪୮ ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଦାବି

ସାଲେପୁର,୨।୬(ଅରବିନ୍ଦ ଭୂୟାଁ)

ମାଳ ପଞ୍ଚାୟତରେ ଭୋଟ୍ ଚାଲିଥିବାବେଳେ ଭାଜପା ବିଧାୟକ ପ୍ରାର୍ଥୀ ଅରିନ୍ଦମ୍ ରାୟଙ୍କ ନିର୍ବାଚନ ପ୍ରତିନିଧି ଓ ଭାଜପା କର୍ମୀମାନଙ୍କୁ ଶନିବାର ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ୪୮ ଘଣ୍ଟା ମଧ୍ୟରେ ଗିରଫ କରା ନ ଗଲେ ଭାଜପା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଭାଜପା ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟ ଚେତାବନୀ ଦେଇଛନ୍ତି। ସାଲେପୁର ବ୍ଲକ୍‌ର ପାଗାଠାରେ ଥିବା ଏକ ମଣ୍ଡପ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅରିନ୍ଦମ କହିଛନ୍ତି, ମାଳ ପଞ୍ଚାୟତରେ ଯେଉଁଭଳି ବିଧାୟକଙ୍କ ନିର୍ବାଚନ ଏଜେଣ୍ଟ ସଞ୍ଜୟ ରାଉତ ଓ କର୍ମୀ ଅଭିଷେକ ପଣ୍ଡାଙ୍କୁ ମରଣାନ୍ତକ ଆକ୍ରମଣ କରାଗଲା ତାହା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ସେ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ସମ୍ମିଳନୀରେ କଟକ ଜିଲା ଭାଜପା ସଭାପତି ରାମନାରାୟଣ ମହାନ୍ତି, କଟକ ଜିଲା ଭାଜପାର ପୂର୍ବତନ ସଭାପତି ହେମନ୍ତ କୁମାର ସାହୁ, ସତ୍ୟବାଦୀ ଚଇନି, ଯୁବ ଭାଜପା ନେତା ରଶ୍ମିରଞ୍ଜନ ଲେଙ୍କା, ହିମାଂଶୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଭାଜପା ବିଧାୟକ ପ୍ରାର୍ଥୀ ଅରବିନ୍ଦ ରାୟ ଏବଂ ଅନ୍ୟମାନେ।

ଅପରପକ୍ଷେ ଏହି ହିଂସାକାଣ୍ଡ ଘଟଣାରେ ରବିବାର ସାଲେପୁର ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ମାଳଶାସନ ଗ୍ରାମର ଜ୍ଞାନରଞ୍ଜନ ବେହେରା। ପୋଲିସ ସୂତ୍ରରୁ ପ୍ରକାଶ, ଶନିବାର ମାଳଶାସନ ପଞ୍ଚାୟତରେ ମାଳ ୟୁଜିଏମ୍‌ଇ ସ୍କୁଲ ପରିସରରେ ଥିବା ଭୋଟଦାନ କେନ୍ଦ୍ରରେ ମତଦାନ ଚାଲିଥିବାବେଳେ ସେଠାରେ ଉପସ୍ଥିତ ଥିବା ଭାଜପା ବିଧାୟକ ପ୍ରାର୍ଥୀଙ୍କ ନିର୍ବାଚନ ଏଜେଣ୍ଟ ସଞ୍ଜୟ ଓ ଯୁବ ଭାଜପା କର୍ମୀ ଅଭିଷେକଙ୍କୁ ପନିକି ଓ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ଆକ୍ରମଣରେ ଅଭିଷେକଙ୍କ ମୁଣ୍ଡ ଫାଟିବା ସହ ସଞ୍ଜୟ ଆହତ ହୋଇଥିଲେ। ଏନେଇ ସଞ୍ଜୟ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ସାଲେପୁର ପୋଲିସ ଏକ ମାମଲା (ନଂ. ୨୩୭/୨୪) ରୁଜୁ କରିଥିଲା। ଏହି ଆକ୍ରମଣ ଘଟଣାରେ ସମ୍ପୃକ୍ତ ଅନ୍ୟ ଆକ୍ରମଣକାରୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସାଲେପୁର ଆଇଆଇସି ମନୋଜ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।

# ବରିଷ୍ଠ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଧାଡି ବ୍ୟବସ୍ଥା ଦାବି

ବାଙ୍କୀ,୨।୬ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ବରିଷ୍ଠ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ି ବ୍ୟବସ୍ଥା କରିବାକୁ ବୟୋଜ୍ୟେଷ୍ଠ ନାଗରିକ ସଂଘ ପକ୍ଷରୁ ଦାବି କରାଯାଇଛି। ଏନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ସଂଘ ସଭାପତି ବିରଞ୍ଚି ନାରାୟଣ ଦାସ ଲିଖିତଭାବେ ଦାବିପତ୍ର ଦେଇଛନ୍ତି।

ସେଥିରେ ସେ ଦର୍ଶାଇଛନ୍ତି ଯେ, ବରିଷ୍ଠ ନାଗରିକମାନଙ୍କୁ ଅଗ୍ରାଧିକାର

### ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ

ଭିତ୍ତିରେ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ଚିକିତ୍ସାଳୟଗୁଡ଼ିକର ବହିଃର୍ବିଭାଗରେ ସ୍ୱତନ୍ତ୍ର ଧାଡି ବ୍ୟବସ୍ଥା କରିବା ପାଇଁ ସରକାର ଆଇନ କରିଛନ୍ତି। ମାତ୍ର ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଏହି ବ୍ୟବସ୍ଥା ପାଳନ କରାଯାଉନାହିଁ। ଫଳରେ ବରିଷ୍ଠ ନାଗରିକମାନେ ଏପରିକି ୮୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧମାନେ ବାଡି ଧରି ଡାକ୍ତର ବାବୁଙ୍କ ଚିକିତ୍ସା ପରାମର୍ଶ ଚିଠା ପାଇଁ ଡାକ୍ତରଖାନା ବାରଣ୍ଡାରେ ଧାଡିରେ ଛିଡ଼ାହେବାକୁ ବାଧ ହେଉଛନ୍ତି। ଏନେଇ ଅନେକ ସମୟରେ ସେମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଉଛି। ଡାକ୍ତରଖାନାରେ ନିଯୁକ୍ତ ସୁରକ୍ଷାକର୍ମୀମାନେ ମଧ୍ୟ ବୃଦ୍ଧାବୃଦ୍ଧ ରୋଗୀମାନଙ୍କ ପାଇଁ କୌଣସି ଅନୁକମ୍ପା ଅବା ସହାନୁଭୂତି ଦେଖାଉନାହାନ୍ତି। ଏହି ସମସ୍ୟାର ଦୂରୀକରଣ ପାଇଁ ବାଙ୍କୀ ବୟୋଜ୍ୟେଷ୍ଠ ନାଗରିକ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

# ଅପରାଧମୁକ୍ତ ସମାଜ ଗଠନ ପାଇଁ ନିଶା ସେବନର ମୂଳୋତ୍ପାଟନ ଅନିବାର୍ଯ୍ୟ



ନିଶା ନିବାରଣ କେନ୍ଦ୍ରରେ ଆୟୋଜିତ ସତ୍‌ସଙ୍ଗରେ ଯୋଗଦେଇଥିବା ଯୁବକମାନେ।

### ନିଶା ନିବାରଣ କେନ୍ଦ୍ରରେ ସତ୍‌ସଙ୍ଗ

ବାଙ୍କୀ,୨।୬ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ନିଶା ଆମ ସମାଜ ପାଇଁ ଏକ ପାପ। ଏହା ଏପରି ଏକ ଗମ୍ଭୀର ସମସ୍ୟା, ଯାହା ବ୍ୟକ୍ତିର ଶାରୀରିକ, ମାନସିକ ଓ ସାମାଜିକ ଜୀବନ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଆଜିର ଯୁବପିଢୀ ବହୁତ କମ୍ ବୟସରେ ନିଶା ସେବନ ଭଳି କୁଅଭ୍ୟାସର ଶିକାର ହୋଇ ଆଜୀବନ କଷ୍ଟ ଭୋଗ କରୁଛନ୍ତି। ଆଧୁନିକ ସମାଜରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଁ କେବଳ ନିଶା ହିଁ ଦାୟୀ। ତେଣୁ ଏକ ସୁସ୍ଥ, ସମୃଦ୍ଧ ଓ ଅପରାଧମୁକ୍ତ ସମାଜ ଗଠନ ପାଇଁ ନିଶା ସେବନର ମୂଳୋତ୍ପାଟନ ଅନିବାର୍ଯ୍ୟ। ଏହି ପରିପ୍ରେକ୍ଷୀରେ ସନ୍ଥ ରାମପାଲ୍ ଜୀ ମହାରାଜାଙ୍କ ତତ୍ତ୍ୱାବଧାନରେ ବାଙ୍କୀ କଲେଜ ରୋଡସ୍ଥିତ ନିଶାମୁକ୍ତି କେନ୍ଦ୍ରରେ ଏକ ଆଧ୍ୟାତ୍ମିକ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ମୁନୀନ୍ଦ୍ର, ଧର୍ମାର୍ଥ ଟ୍ରଷ୍ଟର ରାଜ୍ୟ ସହସଂଯୋଜକ ନିରଞ୍ଜନ ମାଝୀଙ୍କ ସମେତ କଟକ ଜିଲା ସଂଯୋଜକ ଅର୍ଜୁନ ମହାରଣା, ଜ୍ଞାନରଞ୍ଜନ ସାହୁ, ବ୍ରଜେନ୍ଦ୍ର ରାଓ ଓ ସୋସିଆଲ ମିଡିଆର ସଂଯୋଜକ ଅମୂଲ୍ୟ ମହାରଣା ଯୋଗଦେଇ ସତ୍‌ସଙ୍ଗ ମାଧ୍ୟମରେ ଅନ୍ତେବାସୀମାନଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ଶ୍ରବଣ ମାଝୀ, ଗଜେନ୍ଦ୍ର ହାତୀ ସହଯୋଗ କରିଥିଲେ ।

# ବିଶ୍ୱ ତମାଖୁ ବର୍ଜନ ଦିବସରେ ଡାକ୍ତରୀ କର୍ମଶାଳା

ଭୁବନେଶ୍ୱର,୨।୬(ଅନୁରାଧା ମହାରଣା)

ଏଚ୍‌ସିଜି ପଣ୍ଡା କ୍ୟାନ୍ସର ହସ୍ପିଟାଲ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ଏଅବସରରେ ମୁଣ୍ଡ ଓ ବେକ ରେ କର୍କଟ ରୋଗ ସମ୍ପର୍କିତ ଏକ ନିରନ୍ତର ଡାକ୍ତରୀ ଶିକ୍ଷା କର୍ମଶାଳା ଆୟୋଜିତ ହୋଇଯାଇଛି। ସ୍ଥାନୀୟ ପ୍ରମୋଦ କନ୍‌ଭେନସନ ଆଣ୍ଡ କ୍ଲବରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମେଡିକାଲ ଡାଇରେକ୍ଟର ପ୍ରଫେସର ଡାକ୍ତର କୃପାସିନ୍ଧୁ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ତମାଖୁ ସେବନ କିପରି କର୍କଟ ରୋଗର କାରଣ ହୋଇପାରେ ସେ ସମ୍ପର୍କରେ ଆଲୋଚନା କରିବା ସହ ଏହାକୁ ତୁରନ୍ତ ବର୍ଜନ କରିବାକୁ ପରାମର୍ଶ ଦେଇଥିଲେ। ହସ୍ପିଟାଲ ପକ୍ଷରୁ ଅଙ୍କୋଲୋଜିଷ୍ଟ ରଣଜିତ କର, ସର୍ଜିକାଲ ଅଙ୍କୋଲୋଜିଷ୍ଟ ଜ୍ୟୋତିରଞ୍ଜନ ସ୍ୱାଇଁ, ମେଡିକାଲ ଅଙ୍କୋଲୋଜିଷ୍ଟ ପ୍ରଶାନ୍ତ କୁମାର ପରିଡ଼ା ପ୍ରମୁଖ ମୁଣ୍ଡ ଓ ବେକ ସମ୍ପର୍କରେ ଆଲୋଚନା କରିବା ସହିତ ସହିତ ଏହାର କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ।




କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ଡାକ୍ତର ଯୋଗଦେଇଥିବାବେଳେ ମୁଖ୍ୟ କାର୍ଯ୍ୟନିର୍ବାହୀ ଶାନ୍ତନୁ ଦାସ, ରେଡିଏଶନ ଅଙ୍କୋଲୋଜିଷ୍ଟ ସିଦ୍ଧାର୍ଥ ପଟ୍ଟନାୟକ, ନ୍ୟୁକ୍ଲିୟର ମେଡିସିନର ଡାକ୍ତର ତୁଷାର ମହାପାତ୍ର, ରେଡିଏଶନ ଅଙ୍କୋଲୋଜିଷ୍ଟ ପ୍ରକାଶ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଶୁଭ୍ରମ ପାଣି ଧନ୍ୟବାଦ ଦେଇଥିଲେ।

# 'ପିଲାଙ୍କୁ ତମାଖୁ ବ୍ୟବସାୟରେ ହସ୍ତକ୍ଷେପଠାରୁ ଦୂରେଇ ରଖିବା'

ଭୁବନେଶ୍ୱର,୨।୬(ଅନୁରାଧା ମହାରଣା)

ଗୁଟ୍‌କା, ବିଡି, ସିଗାରେଟ କର୍କଟ ପରି ଦୁରାରୋଗ୍ୟକୁ ନିମନ୍ତ୍ରଣ କରିଥାଏ। ମାତ୍ର ଆଜିର ଯୁବସମାଜ ବିଭିନ୍ନ ପ୍ରକାରର ଚେତାବନୀକୁ ଅଣଦେଖା କରି ଦାୟିତ୍ୱହୀନ ହୋଇ ତମାଖୁ ସେବନ କରୁଛନ୍ତି । କେବଳ ଯୁବସମାଜ ନୁହେଁ ସମାଜର ସମସ୍ତ ବର୍ଗ ନାଗରିକମାନଙ୍କୁ ତମାଖୁ ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ କଟକ ଜଗତ୍‌ପୁରସ୍ଥିତ ସଦ୍‌ଗୁରୁ ହସ୍ପିଟାଲ ପକ୍ଷରୁ ବିଶ୍ୱତମାଖୁ ବର୍ଜନ ଦିବସ ପାଳନ କରାଯାଇଛି। ଏହିକ୍ରମରେ ଭୁବନେଶ୍ୱରସ୍ଥିତ ଉମିଁଦେ ସେବାଗୃହରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉମିଁଦେର ଚେୟାରମ୍ୟାନ ନିତାଇ ପାଣିଗ୍ରାହୀ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଚଳିତବର୍ଷର ବିଷୟବସ୍ତୁ 'ପିଲାମାନଙ୍କୁ ତମାଖୁ ବ୍ୟବସାୟର ହସ୍ତକ୍ଷେପଠାରୁ ଦୂରେଇ ରଖିବା' ରହିଛି। ଏହି ସଚେତନତା କାର୍ଯ୍ୟକ୍ରମରେ ରୋଟାରି କ୍ଲବ ଗୋଲ୍‌ଡେନ ଷ୍ଟାର



ଭୁବନେଶ୍ୱରସ୍ଥିତ ଉମିଁଦେ ସେବାଗୃହରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ।

ପକ୍ଷରୁ ବିପିନ ପଣ୍ଡା, ବିରଜା ପ୍ରସାଦ ସ୍ୱାଇଁ, ସମିରନ ପଟ୍ଟନାୟକ, ଦିଲୀପ ପଟ୍ଟନାୟକ, ସତ୍ୟଜିତ ସାହ ଓ ଅଭିଷେକ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ହସପିଟାଲର ପରିଚାଳନା ନିର୍ଦ୍ଦେଶକ ଡାକ୍ତର ପ୍ରଦୀପ କୁମାର ମହାନ୍ତି, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ସମିତା ମହାନ୍ତି, ବରିଷ୍ଠ କିଡ୍‌ନୀରୋଗ ବିଶେଷଜ୍ଞ ଡାକ୍ତର ଶଶୀଭୂଷଣ ରାଉତ, କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ସୌମ୍ୟରଞ୍ଜନ ମିଶ୍ର ଓ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ସୁଲଗ୍ନା ମହାନ୍ତି କାର୍ଯ୍ୟକ୍ରମରେ ଯୋଗଦେଇ ଉମିଁଦେ ସେବାଗୃହରେ ଚିକିତ୍ସିତ ହେଉଥିବା କର୍କଟରୋଗ ପୀଡ଼ିତ ଶିଶୁ ଏବଂ ସେମାନଙ୍କ ମା'ବାପାମାନଙ୍କୁ ତମାଖୁ ସେବନର କୁପରିଣାମ ସମ୍ପର୍କରେ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ୪୦ଜଣ ସଦସ୍ୟ ଯୋଗ ଦେଇଥିବାବେଳ କାର୍ଯ୍ୟକ୍ରମକୁ ସଦଗୁରୁ ହସ୍ପିଟାଲର ମାର୍କେଟିଂ ମ୍ୟାନେଜର ଶୁଭାଶିଷ ପ୍ରସାଦ ବେହେରା ପରିଚାଳନା କରିଥିଲେ ।

## ସଂକ୍ଷେପରେ

### ଜୁଲାଇ ୨୦ରେ ଓଡ଼ିଶା କୁଇନ୍‌ର ଚତୁର୍ଥ ସଂସ୍କରଣ

ଆକର୍ଷଣ ସାଜିବେ ମଲାଇକା ଆରୋରା

ଭୁବନେଶ୍ୱର,୨।୬(ଶର୍ମିଷ୍ଠା ପାଣିଗ୍ରାହୀ) ଆର୍ ଆର୍ ଇଭେଣ୍ଟସ୍ ପକ୍ଷରୁ ଓଡ଼ିଶା କୁଇନ୍‌ର ଚତୁର୍ଥ ସଂସ୍କରଣ ଆସନ୍ତା ଜୁଲାଇ ୨୦ରେ ଅନୁଷ୍ଠିତ ହେବ। ଏଥରର ମୁଖ୍ୟ ଆକର୍ଷଣ ରହିଛନ୍ତି ବଲିଉଡ୍ ଅଭିନେତ୍ରୀ ମଲାଇକା ଆରୋରା। ଏହା ପୂର୍ବରୁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପ୍ରତିଯୋଗୀଙ୍କ ପାଇଁ ଅଡିଶନ ଅନୁଷ୍ଠିତ ହେବ। ବ୍ରହ୍ମପୁରରେ ଜୁନ ୧୯, ବାଲେଶ୍ୱରରେ ଜୁନ ୨୨, ରାଉରକେଲାରେ ଜୁନ ୨୮, ସମ୍ବଲପୁରରେ ଜୁନ ୩୦ରେ, କଟକରେ ଜୁଲାଇ ୩ ଏବଂ ଭୁବନେଶ୍ୱରଠାରେ ଜୁଲାଇ ୫ ଦିନ ଅଡିଶନ ହେବ। ୧୮ ରୁ ୨୮ ବର୍ଷ ପର୍ଯ୍ୟନ୍ତ ଝିଅମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବ। ବିଭିନ୍ନ ପର୍ଯ୍ୟାୟରେ ପ୍ରତିଯୋଗିତା ହେବା ପରେ ସର୍ବଶ୍ରେଷ୍ଠ ୨୦ଜଣ ପ୍ରତିଯୋଗିନୀ ଫାଇନାଲ ମଞ୍ଚରେ ପ୍ରବେଶ କରିବେ। ଶ୍ରେଷ୍ଠ ପ୍ରତିଯୋଗିନୀ ଅଭିନେତ୍ରୀ ମଲାଇକଙ୍କ ହାତରୁ ବିଜୟିନୀ ମୁକୁଟ ପିନ୍ଧିବେ। ରବିବାର ସ୍ଥାନୀୟ ଏକ ହୋଟେଲରେ ଏ ନେଇ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଫିଲ୍ମ ପ୍ରଯୋଜକ ରମେଶ ବାରିକ ସୂଚନା ଦେଇଥିଲେ। କ୍ରିଏଟିଭ ହେଡ୍ ଶ୍ୟାମା ପ୍ରସାଦ ମିଶ୍ର , ଅଭିନେତ୍ରୀ ଅର୍ଚ୍ଚିତା ସାହୁ , ଶୀତଲ ପାତ୍ର, ଅଭିନେତା ସୁବାଶିଷ ଶର୍ମା, ସ୍ୱପ୍ନା ପ୍ରିୟଦର୍ଶିନୀ, ସୁପର ମଡେଲ ସାଞ୍ଜ ଅମିତ୍ କୁମାର ଘୋଷ, ଶୁଭସ୍ମିତା, ଶାଶ୍ୱତୀ ପତି, ଜହିଦା ଅହମ୍ମଦ, ଆଲେମ ଅହମ୍ମଦ, ଡ଼ ଅମ୍ରିତ ପାଟଜୋଷୀ ପ୍ରମୁଖ ଉପସ୍ଥିତ ଥିଲେ।

### ସେକ୍ସନ ଅଫିସରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

ପୁରୀ,୨।୬(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାପରିଷଦ କାର୍ଯ୍ୟାଳୟର ସେକ୍ସନ ଅଫିସର ଲୋକନାଥ ମହାନ୍ତିଙ୍କ ପରଲୋକରେ ରବିବାର ଏକ ସ୍ମୃତିଚାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ପ୍ରଶାସନ) ରାଜୀବ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ସ୍ୱର୍ଗତ ମହାନ୍ତି ରାଜସ୍ୱ ବିଭାଗର କର୍ମଚାରୀ ଥିବାବେଳେ ଡେପୁଟେଶନରେ ଜିଲାପରିଷଦର ସେକ୍ସନ ଅଫିସର ଭାବେ କାର୍ଯ୍ୟ କରୁଥିଲେ। ସେ ମିଷ୍ଟଭାଷୀ ଓ ମେଳାପୀ ଥିଲେ। ତାଙ୍କ ବିୟୋଗ ପରିବାର ପାଇଁ ବିରାଟ କ୍ଷତି ବୋଲି ବେହେରା କହିବା ସହ ତାଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଜଳକ୍ରୀଡ଼ା ନୀତି

ପୁରୀ,୨।୬(ଅଜିତ୍ କୁମାର ମହାନ୍ତି)

ଜ୍ୟେଷ୍ଠ ମାସ କୃଷ୍ଣପକ୍ଷ ଏକାଦଶୀ ତଥା ଜଳକ୍ରୀଡ଼ା ଏକାଦଶୀ ତିଥି ରବିବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଜଳକ୍ରୀଡ଼ା ନୀତି ସମ୍ପନ୍ନ ହୋଇଛି। ପବିତ୍ର ଅକ୍ଷୟତୃତୀୟାଠାରୁ ୨୧ଦିନ ବ୍ୟାପୀ ଚାଲିଥିବା ବାହାର ଚନ୍ଦନ ଯାତ୍ରା ହଳଦୀପାଣି ଦିନ ସରିଛି। ଶୁକ୍ରବାରଠାରୁ ଶ୍ରୀମନ୍ଦିରରେ ଭିତର ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ରବିବାର ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ସହ ଜଳକ୍ରୀଡ଼ା ନୀତି ସମ୍ପନ୍ନ କରାଯାଇଛି। ଭୋରୁ ଶ୍ରୀମନ୍ଦିର ଦ୍ୱାରଫିଟା ପରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି, ମଇଲମ, ଅବକାଶ ପୂଜା ପରେ ଅନ୍ୟାନ୍ୟ ନୀତି ବଢ଼ି ଆଳଟ ଲାଗି, ଚନ୍ଦନ ଲାଗି ପରେ ବେଶ ବଢିଥିଲା। ଯାତ ଭୋଗ ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ ଏବଂ ଶ୍ରୀଦେବୀ ଆଜ୍ଞାମାଳ ପାଇ ମହାଜନ ସେବକଙ୍କ ହାତରେ ପାଲିଙ୍କିକୁ ବିଜେ ହୋଇଥିଲେ। ପରେ ଶ୍ରୀମନ୍ଦିର ପରିସରରେ ଥିବା ରୋହିଣୀ କୁଣ୍ଡ ନିକଟସ୍ଥ ତଥା ନୃସିଂହ ମନ୍ଦିର ପଶ୍ଚାତ୍ ଭାଗରେ ଥିବା ଜଳକ୍ରୀଡ଼ା ମଣ୍ଡପକୁ ବିଜେ କରିଥିଲେ। ମଣ୍ଡପ ମଧ୍ୟଭାଗରେ ଏକ ପ୍ରସ୍ତର ନିର୍ମିତ କୁଣ୍ଡ ରହିଛି। ଏହି କୁଣ୍ଡରେ ସୁବାସିତ ଜଳପୂର୍ଣ୍ଣ ହୋଇ ରହିଥିଲା। ଶ୍ରୀମଦନମୋହନ ଏବଂ ଶ୍ରୀଦେବୀ ଏହି ସୁବାସିତ ଜଳପୂର୍ଣ୍ଣ କୁଣ୍ଡରେ ବିଜେ କରିଥିଲେ। ପରେ ମୁଦିରସ୍ତ ଠାକୁର ଓ ଠାକୁରାଣୀଙ୍କୁ ପ୍ରସାଦ ଲାଗି କରିଥିଲେ। ଚନ୍ଦନପାଣି ପିଚ୍‌କାରି ନୀତି ସମ୍ପନ୍ନ ପରେ ଠାକୁର ଓ ଠାକୁରାଣୀଙ୍କ ନିକଟରେ ପଞ୍ଚ ଉପଚାରରେ ଶୀତଳ ଭୋଗ ମଣୋହୀ କରାଯାଇଥିଲା। ଠାକୁର, ଠାକୁରାଣୀଙ୍କୁ ଜଳରୁ ଅଣାଯାଇ ଶ୍ରୀଅଙ୍ଗ ପୋଛାଯାଇ ମଇଲମ କରାଯାଇଥିଲା। ମାଳଫୁଲ ଲାଗି କରାଯିବା ସହ ବେଶ ବଢିଥିଲା। ବନ୍ଦାପନା ନୀତି ପରେ ଠାକୁର ଓ ଠାକୁରାଣୀ ପାଲିଙ୍କିରେ ବାହୁଡ଼ା ବିଜେ କରିଥିଲେ। ଭିତର ଚନ୍ଦନ ସମୟରେ ଜଳକ୍ରୀଡ଼ା ମଣ୍ଡପରେ ମହାପ୍ରଭୁଙ୍କର ୪ଥର ଜଳକ୍ରୀଡ଼ା ନୀତି ଅନୁଷ୍ଠିତ ହୋଇଥାଏ। ଜଳକ୍ରୀଡ଼ା ଏକାଦଶୀ, ସାବିତ୍ରୀ ଅମାବାସ୍ୟା, ଶୀତଳଷଷ୍ଠୀ ଏବଂ ଜ୍ୟେଷ୍ଠ ଏକାଦଶୀ ବା ରୁକ୍ମିଣୀହରଣ ଏକାଦଶୀରେ ମହାପ୍ରଭୁଙ୍କର ଏହି ଜଳକ୍ରୀଡ଼ା ନୀତି ଅନୁଷ୍ଠିତ ହୋଇଥାଏ।



ବାଣ ବିସ୍ଫୋରଣରେ ମୃତକଙ୍କ ଆତ୍ମାର ସଦ୍‌ଗତି ଓ ଆହତଙ୍କ ଆଶୁ ଆରୋଗ୍ୟ କାମନା କରି ଶ୍ରୀକ୍ଷେତ୍ର ବିକାଶ ମଞ୍ଚ ପକ୍ଷରୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ।

## ଶ୍ରୀକ୍ଷେତ୍ର ବିକାଶ ମଞ୍ଚ ପକ୍ଷରୁ ଦୀପଦାନ

ପୁରୀ,୨।୬(ଅଜିତ୍ କୁମାର ମହାନ୍ତି)

ଶ୍ରୀକ୍ଷେତ୍ର ବିକାଶ ମଞ୍ଚ ପକ୍ଷରୁ ରବିବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ କରାଯାଇଛି। ନରେନ୍ଦ୍ର ପୋଖରୀ ବାଣ ବିସ୍ଫୋରଣ ଘଟଣାରେ ମୃତକମାନଙ୍କ ଅମର ଆତ୍ମାର ସଦ୍‌ଗତି ଏବଂ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରାଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସମୂହ ଦୀପଦାନ ସହ ପ୍ରାର୍ଥନା କରାଯାଇଛି। କାର୍ଯ୍ୟକ୍ରମରେ ମଞ୍ଚର ସଭାପତି ବିନୋଦ କୁମାର ପଣ୍ଡା, ସମ୍ପାଦକ ଲକ୍ଷ୍ମୀନାରାୟଣ ପୃଷ୍ଟି, ଅନନ୍ତ ପ୍ରଧାନ, ଶଙ୍ଖମିତ୍ର ସିଂହାରୀ, ଗୌରହରି ପ୍ରଧାନ, ନନ୍ଦକିଶୋର ପଣ୍ଡା, ସୁରେନ୍ଦ୍ର କୁମାର ନାୟକ, ସୁରେଶ କୁମାର ବାରିକ, ସାଗର ପାତ୍ର, ହରେକୃଷ୍ଣ ସୁଆର, ଅବିନାଶ ଭଞ୍ଜ, ଶୁଭମ୍ ସାହୁଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ସହରର ବହୁ ଲୋକ ଅଂଶଗ୍ରହଣ କରିଥିଲେ।

## ରଥଖଳାରୁ...

# ୩ ରଥର ୩୨ ଚକ ନିର୍ମାଣ ଶେଷ



ପୁରୀ,୨।୬(ଅଜିତ୍ କୁମାର ମହାନ୍ତି): ପୁରୀ ବଡ଼ଦାଣ୍ଡରେ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ରବିବାର ସନ୍ଧ୍ୟା ସୁଦ୍ଧା ୩ ରଥର ୪୨ଟି ଚକ ମଧ୍ୟରୁ ୩୨ଟି ଚକର ନିର୍ମାଣ ଶେଷ ହୋଇଛି। ୩୨ଟି ଚକ ନିର୍ମାଣ ଶେଷ ହୋଇ ରଥଚାଳିରେ ୩ ରଥର ଅନ୍ୟାନ୍ୟ ଆବଶ୍ୟକ ଅଂଶ ମଧ୍ୟରୁ ଓରା, ଓରାଖମ୍ଭି, ଭୂଇଁ, ଚଉତା ଆଦିର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତାଳଧ୍ୱଜ ରଥର ମୋଟ ୧୪ଟି ଚକ ନିର୍ମାଣ ପାଇଁ ଆସିଥିବା ପଇ ମଧ୍ୟରୁ ଶେଷ ୩ ଚକ ପାଇଁ ରହିଥିବା ପଇ ଉପଯୋଗୀ ନ ଥିବାରୁ କଟିଂ ପଇ ଅତିଶୀଘ୍ର ଖପୁରିଆ ସ’ ମିଲ୍‌ରୁ ଆସିବାକୁ ବନ୍ଦୋବସ୍ତ କରାଯାଇଛି। ୮ଟି ଭୂଇଁ ଖାମ୍ବୀର ଚଉପଟ ସହ ସାଲ କାର୍ଯ୍ୟ ଶେଷ ହୋଇ ୧୨ଟି ଭୂଇଁ ଚଉତାରୁ ୨ଟି ଚଉତାର ଚଉପଟ କାର୍ଯ୍ୟ ଶେଷ ହୋଇଛି। ୧୬ଟି ଯୋକାରୁ ୫ଟି ଯୋକାର ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୬ଟି ଅଖ ମଧ୍ୟରୁ ୨ଟି ସାନ ଉଛୁଳା ଅଖର ୨ ପାର୍ଶ୍ୱ ଗୋଲେଇ କାର୍ଯ୍ୟ ଶେଷ ହୋଇ ୪ଟି ଓରାରୁ ୨ଟି ଓରା ଚଉପଟ ଶେଷ ହୋଇଛି। ଦର୍ପଦଳନ ରଥର ୯ଟି ଚକ ନିର୍ମାଣ ଶେଷ ହୋଇ ୧୦ମ, ଏକାଦଶ ଚକ ତୁମ୍ବରେ ସିଙ୍ଗଡ଼ା ବାଡ଼ିଆ ଶେଷ ହୋଇ ପଇ କଳସା ଶେଷ ହୋଇ ୪ଟି ଓରାରୁ ୩ଟି ଓରାର ଚଉପଟ ଶେଷ ହୋଇଛି। ୨ଟି ସାନ ଉଛୁଳା ଅଖର ଚଉପଟ ଶେଷ ହୋଇ ୧୨ଟି ଯୋକା ମଧ୍ୟରୁ ୮ଟି ଯୋକା ନିର୍ମାଣ ଶେଷ ହୋଇଛି। ସେହିପରି ନନ୍ଦିଘୋଷ ରଥର ୧୩ଟି ଚକର ନିର୍ମାଣ ଶେଷ ହୋଇ ୧୪ ନଂ. ଚକର ତୁମ୍ବ ଅରରେ ପଇ ସଂଯୋଗ ଶେଷ ହୋଇ ପଇ କଳସା ପାଇଁ ମାପ ଚିହ୍ନ ପଡ଼ିଛି। ୪ଟି ମୁହାଁଟରୁ ୩ଟି ଶେଷ ହୋଇ ତୃତୀୟ ମୁହାଁଟର ଚଉପଟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୮ଟି ଖାମ୍ବୀର ଚଉପଟ ଶେଷ ହୋଇ ୧୬ଟି ଯୋକାରୁ ୫ଟି ଯୋକାର ନିର୍ମାଣ ଶେଷ ହୋଇଛି। ୪ଟି ଓରାର ଚଉପଟ ଶେଷ ହୋଇ ୨ଟି ସାନ ଉଛଳା ଅଖର ଉଭୟ ପଟ ଗୋଲେଇ ଶେଷ ହୋଇ ବାକି ୫ଟି ଅଖର ଉଭୟ ପାର୍ଶ୍ୱ ଗୋଲେଇ କାର୍ଯ୍ୟ ଜାରି ରହିଛି। ରୂପକାର ସେବକମାନେ ୩ ରଥର ଗୁଜରେ ରୂପ ଖୋଦେଇ ସହ ଖୋଦେଇ ଶେଷ ହୋଇଥିବା ରୂପଗୁଡ଼ିକର ପଲିସ କାର୍ଯ୍ୟ ଜାରି ରହିଛି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ୩ ରଥର ଅଖ ଦଣ୍ଡା ବିଡିଆ ଏବଂ ଚଉରସ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

# ରାଜଧାନୀରେ ୪ ଦିନରେ ୪୦୦ ଗାଡ଼ି ଜବତ

ଭୁବନେଶ୍ୱର,୨।୬(ସତ୍ୟଜିତ୍ ରାଉତ)

**କମିଶନରେଟ୍ ପୋଲିସର ସେଫ୍ ସିଟି ଡ୍ରାଇଭ୍**

ରାଜଧାନୀରେ ‘ସେଫ୍ ସିଟି ଡ୍ରାଇଭ୍’ ଜରିଆରେ କମିଶନରେଟ୍ ପୋଲିସ ଅମାନିଆ ଗାଡି ଚାଳକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ମଦ୍ୟପାନ କରି ଗାଡି ଚଳାଇବା, ରଙ୍ଗ୍ ରୁଟ୍‌ରେ ଗାଡି ଚାଳନା, ଗାଡି ଚଳାଇବା ବେଳେ ମୋବାଇଲ ବ୍ୟବହାର କରିବା ଘଟଣାରେ ଚାଳକଙ୍କୁ ଧରୁଛି ପୋଲିସ। ଏସବୁ ନିୟମ ଉଲ୍ଲଂଘନ ଅଭିଯୋଗରେ ୪ ଦିନରେ ୪୦୦ ଗାଡି (ଦୁଇଚକିଆ/୪ ଚକିଆ) ଜବତ କରାଯାଇଥିବା ରବିବାର ପୋଲିସ କମିଶନର ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି। ଗତ ଗୁରୁବାରଠାରୁ ଭୁବନେଶ୍ୱରର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡିକରେ ଏହି ଚେକିଂ ଜାରି ରହିଛି। ତେବେ ଗାଡି ଚାଳନାବେଳେ ମୋବାଇଲ ବ୍ୟବହାର କରିବା ଯୋଗୁ ଦୁର୍ଘଟଣା ଅଧିକ ହେଉଥିବାରୁ ଏହି ଦିଗରେ ପୋଲିସ ଅଧିକ ଗୁରୁତ୍ୱ ଦେଇଛି। କମିଶନର ପଣ୍ଡା କହିଛନ୍ତି, ଗାଡି ଜବତ କରାଯାଇଥିବା ନିୟମ ଉଲ୍ଲଂଘନକାରୀଙ୍କ ଡ୍ରାଇଭର ଲାଇସେନ୍ସ (ଡିଏଲ୍) ବାତିଲ କରିବାକୁ ଆର୍‌ଟିଓଙ୍କୁ ଚିଠି ଲେଖାଯାଇଛି। ଅନ୍ୟପକ୍ଷରେ କୋର୍ଟରେ ଜରିମାନା ଦାଖଲ କରି ସେମାନେ ଗାଡ଼ି ନେଇପାରିବେ। ଏନ୍‌ଫୋର୍ସମେଣ୍ଟ ଟିମ୍ ଚେକିଂ ବେଳେ ୟୁ ଟର୍ନ କରି ଯାଉଥିବା ଚାଳକଙ୍କ ପାଇଁ ମଧ୍ୟ ନୂଆ ଯୋଜନା କରିଛି ପୋଲିସ। ଏଥିପାଇଁ ଚେକିଂ ହେଉଥିବା ସ୍ଥାନରେ ଡ୍ରାଇଭିଂୱେ ସ୍ପାଇକ୍ ବ୍ୟବହାର କରାଯାଉଛି। ତେବେ ଦୁର୍ଘଟଣା ରୋକିବାକୁ ଏହି ଅଭିଯାନ ଅଧିକ ବ୍ୟାପକ କରାଯିବ ବୋଲି କମିଶନର କହିଛନ୍ତି। ତେବେ ସ୍ପାଇକ୍ ଦ୍ୱାରା ୧୦ରୁ ଅଧିକ ଗାଡି ଲିକ୍ ହୋଇଥିବା ସୂଚନା ଦିଆଯାଇଛି। ତେବେ ମୋବାଇଲ ବ୍ୟବହାର କରି ଗାଡି ଚଳାଉଥିବା ଚାଳକଙ୍କ ବିରୋଧରେ ପୋଲିସ ଆଗକୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବ। ସେମାନଙ୍କ ଗାଡି ସହ ମୋବାଇଲ ମଧ୍ୟ ଜବତ କରାଯିବ ବୋଲି ସୂଚନା ଦିଆଯାଇଛି।

## ବସ୍ ଧକ୍କାରେ ବାଇକ୍ ଚାଳକ ମୃତ, ଉତ୍ତେଜନା

କଟକ,୨।୬(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମଧୁପାଟଣା ଟ୍ରାଫିକ୍ ଛକରେ ରବିବାର ବସ୍ ଧକ୍କାରେ ଜଣେ ବାଇକ୍‌ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ନେତାଜୀ ନଗରର ପ୍ରଦୀପ କୁମାର ଓଝା। ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୦ଟାରେ କଟକ ପ୍ରେସ୍‌ଛକ ଅଞ୍ଚଳରୁ ପ୍ରଦୀପ ମାଛ କିଣି ବାଇକ୍‌ରେ ଘରକୁ ଫେରୁଥିବାବେଳେ କୋଲକାତାରୁ ବାଦାମବାଡି ଆସୁଥିବା ଏକ ବସ୍ ପଛରୁ ତାଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡିଯିବାରୁ ବସ୍ ଚକ ତାଙ୍କ ଉପରେ ମାଡି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ବସ୍‌କୁ ଘେରିଯିବା ସହ ଚାଳକଙ୍କୁ ଟାଣି ଆଣି ଆକ୍ରମଣ କରିବାକୁ ଉଦ୍ୟମ କରୁଥିଲେ। ପୋଲିସ ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାରୁ ପରିସ୍ଥିତି ଶାନ୍ତ ହୋଇଥିଲା। ଏହାପରେ ପୋଲିସ ଦୁର୍ଘଟଣା ଘଟାଇଥିବା ବସ୍‌କୁ ଜବତ କରିବା ସହ ଚାଳକ ଗଞ୍ଜାମ ବୁଗୁଡ଼ା ଅଞ୍ଚଳର ଶ୍ୟାମବାବୁ ଜେନାଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ସଚେତନ ହେଲେ କର୍କଟ ରୋଗ ଦୂରେଇ ହେବ



ଏସ୍‌ସିବି ମେଡିକାଲ ପୁରୁଣା ଅଡିଟୋରିୟମଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୨।୬(ଶିଳ୍ପା ପ୍ରିୟଦର୍ଶିନୀ)

**ବିଶ୍ୱ କର୍କଟ ଯୋଦ୍ଧା ଦିବସ ପାଳିତ**

ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ ଓ କ୍ରିୟା ଫାଉଣ୍ଡେଶନର ମିଳିତ ଉଦ୍ୟମରେ ରବିବାର ଏସ୍‌ସିବି ମେଡିକାଲ ପୁରୁଣା ଅଡିଟୋରିୟମଠାରେ ବିଶ୍ୱ କର୍କଟ ଯୋଦ୍ଧା ଦିବସ ପାଳିତ ହୋଇଯାଇଛି। କ୍ରିୟା ଫାଉଣ୍ଡେଶନ ପ୍ରତିଷ୍ଠାତା ଲିଲି ଜେନାମଣୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଏସ୍‌ସିବି ମେଡିକାଲ ସୁପ୍ରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର, ଆଚାର୍ଯ୍ୟ ହରିହର କର୍କଟ ରୋଗ ଅନୁଷ୍ଠାନର ଆସିଷ୍ଟାଣ୍ଟ ପ୍ରଫେସର ପ୍ରଶାନ୍ତ କୁମାର ପରିଡା, ସ୍ତ୍ରୀ ଓ ପ୍ରସୂତି ବିଭାଗର ମୁଖ୍ୟ ଡା. ଭାଗ୍ୟଲକ୍ଷ୍ମୀ ନାୟକ, ଆନେସ୍ଥେସିଆ ବିଭାଗର ମୁଖ୍ୟ ପ୍ରଫେସର ଡା. ସୁମିତା ମହାନ୍ତି, ଏଚ୍‌ସିଜି ପଣ୍ଡା ହସ୍ପିଟାଲର ପ୍ରତିଷ୍ଠାତା ଡା. କୃପାସିନ୍ଧୁ ପଣ୍ଡା, ଏସ୍‌ସିବି ମେଡିକାଲ ଆନେସ୍ଥେସିଆ ବିଭାଗର ଅବସରପ୍ରାପ୍ତ ଡା. ଅନଙ୍ଗ ତ୍ରିପାଠୀ ଯୋଗଦେଇଥିଲେ। ଅନ୍ୟ ଦେଶ ତୁଳନାରେ ଭାରତରେ କର୍କଟ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ଏବଂ ଯୋଦ୍ଧାଙ୍କ ସଂଖ୍ୟା କମ୍ ରହିଛି। ମହିଳାଙ୍କଠାରେ କର୍କଟ ରୋଗ ଅଧିକ ଚିହ୍ନଟ ହୋଇଛି। କର୍କଟ ରୋଗକୁ ନ ଲୁଚାଇ ପ୍ରତିକାର ବ୍ୟବସ୍ଥା କଲେ ଜୀବନ ବଞ୍ଚାଇହେବ। ସଚେତନ ହେଲେ କର୍କଟ ରୋଗ ଦୂରେଇ ହେବ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୧୦୦ରୁ ଊର୍ଦ୍ଧ୍ୱ କର୍କଟ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଫାଉଣ୍ଡେଶନର ସହ ପ୍ରତିଷ୍ଠାତା ମନୋଜ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସାହିତ୍ୟିକ ଅଟକିଗଲେ ସାହିତ୍ୟ ଅଟକିଯାଏ

ଭୁବନେଶ୍ୱର,୨।୬(ଶର୍ମିଷ୍ଠା ପାଣିଗ୍ରାହୀ)

**ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ୬୬ତମ ଅଧିବେଶନ**

ଅଙ୍ଗୀକାରବଦ୍ଧ ମଣିଷ ଭଲ ପାଇବା ଜାଣେ। ଭଲ ପାଉଥିବା ମଣିଷ ମଧ୍ୟ ଅନ୍ୟର ଭଲ ପାଇବାରେ ଭାଜନ ହୋଇଥାଏ। ଲେଖକଙ୍କ ଚିନ୍ତନରେ ଦୁଇଟି ପାର୍ଶ୍ୱ ରହିଥାଏ। ଗୋଟିଏ ପାର୍ଶ୍ୱରେ ରହିଥାଏ ଅଭିଯୋଗ, ନିଃସଙ୍ଗତା ଓ ସଂଶୟ ଏବଂ ଅପରପାର୍ଶ୍ୱରେ ରହିଥାଏ ଅଙ୍ଗୀକାରବଦ୍ଧତା। ସାହିତ୍ୟିକ ଅଟକି ଗଲେ ସାହିତ୍ୟ ଅଟକିଯାଏ। ଅଙ୍ଗୀକାରବଦ୍ଧତା ମଧ୍ୟ ଅଟକିଯାଏ। ସତ୍ୟର ଉଦ୍‌ଘାଟନ ମାର୍ଗ ମଧ୍ୟ ବନ୍ଦ ହୋଇଯାଇଥାଏ ବୋଲି ରବିବାର ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ୬୬ତମ ଅଧିବେଶନରେ ମତ ପ୍ରକାଶ ପାଇଛି। ବିଶିଷ୍ଟ ପ୍ରାବନ୍ଧିକ ଡ. ନଗେନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ‘ସାହିତ୍ୟରେ ଅଙ୍ଗୀକାରବଦ୍ଧତା’ ଶୀର୍ଷକ ଆଲୋଚନାଚକ୍ରରେ ଆଲୋଚକ ଭାବରେ ଇଂ. ଶଶିଭୂଷଣ ରଥ, ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା-ସାହିତ୍ୟ ବିଭାଗର ମୁଖ୍ୟ ଡ. ରମେଶଚନ୍ଦ୍ର ମଲ୍ଲିକ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ହିନ୍ଦୀ ଭାଷା ସାହିତ୍ୟ ବିଭାଗୀୟ ମୁଖ୍ୟ ଡ. ଅଞ୍ଜମନ ଆରା ଓ ଜନବାଦୀର ସମ୍ପାଦକ ଚକ୍ରଧର ପ୍ରଧାନ ଯୋଗ ଦେଇଥିଲେ। ସଂସଦର ମାସିକ ସାହିତ୍ୟ ବୁଲେଟିନ ‘ଆମ ସାହିତ୍ୟ ଆସର’ ଏବଂ ମାସିକ ୱେବ୍ ସାହିତ୍ୟ ପତ୍ରିକା ଲୋକାର୍ପିତ ହେବା ସହ ଏହାର ସମ୍ପାଦିକା ଅନନ୍ଦା ମିଶ୍ର ଓ ସମ୍ପାଦକ ସରୋଜ କୁମାର ଶତପଥୀ ବକ୍ତବ୍ୟ ରଖିଥିଲେ। ସଂସଦର ସମ୍ପାଦକ କବି ବସନ୍ତ ମାଝି ସ୍ୱାଗତ ଅଭିଭାଷଣ ଏବଂ ସମ୍ପାଦକୀୟ ରିପୋର୍ଟ ପ୍ରଦାନ କରିଥିଲେ। ଡ. ଜୟଶ୍ରୀ ନନ୍ଦଙ୍କ ସଭାପତିତ୍ୱରେ ଏକ କବିତା ପାଠୋତ୍ସବ ଡ. ରଶ୍ମି କର, ଆଶୁତୋଷ ଦାଶ, ପ୍ରଭାତ କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଡ. କୃତ୍ତିବାସ ନାୟକ, ଗାଳ୍ପିକ ଆର୍ଯ୍ୟଯଜ୍ଞ ଦତ୍ତ, ଡ. ଶ୍ରୀଜୟା ଦାସ, ଖଗେଶ୍ୱର ମହତାବ, ଶଶାଙ୍କ ଶେଖର ମିଶ୍ର, ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ, ପ୍ରଫେସର ପ୍ରେମ୍ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ‘ଅନୁବାଦ ଓ ଅନ୍ୟାନ୍ୟ ଆଲୋଚନା’ ପୁସ୍ତକ ଲୋକାର୍ପିତ

ପୁରୁଣା ଭୁବନେଶ୍ୱର,୨।୬(ସୁବାସ ଚନ୍ଦ୍ର ପ୍ରଧାନ)




ଅନୁବାଦ କଳା ନା କାରିଗରୀ ସେ ନେଇ ସନ୍ଦେହ ଉପୁଜେ ସତ, ହେଲେ ସମଗ୍ର ବିଶ୍ୱ ସାହିତ୍ୟରେ ଅନୁବାଦ ବିଭାଗ ସର୍ବଦା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି ବୋଲି ମତପ୍ରକାଶ ପାଇଛି। ରବିବାର କେଦାରନାଥ ଗବେଷଣା ପ୍ରତିଷ୍ଠାନ ପରିସରରେ ଲିପିକା ପ୍ରକାଶନୀ ପକ୍ଷରୁ ପ୍ରକାଶିତ ଡ.ପ୍ରସନ୍ନ କୁମାର ନାୟକଙ୍କ ପ୍ରବନ୍ଧ ପୁସ୍ତକ ‘ଅନୁବାଦ ଓ ଅନ୍ୟାନ୍ୟ ଆଲୋଚନା’ ଲୋକାର୍ପଣ ସମାରୋହାରେ ଯୋଗଦେଇ ବହୁ ବିଶିଷ୍ଟ ବ୍ୟକ୍ତି ଏହି ମତପ୍ରକାଶ କରିବା ସହ ଅନୁବାଦ ଦ୍ୱାରା ଦୁଇଟି ଭାଷା ଓ ସଂସ୍କୃତି ମଧ୍ୟରେ ସେତୁ ସ୍ଥାପନ ହୁଏ ବୋଲି କହିଥିଲେ। ବରିଷ୍ଠ ପ୍ରଶାସକ ରଘୁନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଭାଷାବିଜ୍ଞାନୀ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟକ, ଶାସ୍ତ୍ରୀୟ ଓଡିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି, କେଦାରନାଥ ଗବେଷଣା ପ୍ରତିଷ୍ଠାନର ସମ୍ପାଦକ ଡ. ରମେଶ ଚନ୍ଦ୍ର ପାଣି ସମ୍ମାନିତ ଅତିଥି ଓ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ସହକାରୀ ପ୍ରଫେସର ଡ.ଦେବାଶିଷ ମହାପାତ୍ର ସମୀକ୍ଷକଭାବେ ଯୋଗଦେଇ ୯ଟି ଉପାଦେୟ ପ୍ରବନ୍ଧର ସମାହାର ଏହି ପୁସ୍ତକର ବିଭିନ୍ନ ଦିଗ ଉପରେ ଲୋକାର୍ପଣ କରି ସ୍ୱକୀୟା ପ୍ରୀତିକୁ ନେଇ ପ୍ରଥମେ କାବ୍ୟ କବିତାରେ ମାୟାଧର ମାନସିଂ ପ୍ରକାଶ କରିଥିବା ସହ ଓଡିଶାର ପ୍ରାକୃତିକ ଭୂଗୋଳ ରାଧାନାଥ ସାହିତ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ପୂର୍ଣ୍ଣଦର୍ଶନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ପଣ୍ଡିତ ବିରଞ୍ଚିନାରାୟଣ ମିଶ୍ର ବେଦପାଠ କରିଥିବା ବେଳେ ପ୍ରକାଶକ ଭିକାରୀ ଧଳ ସ୍ୱାଗତ ସୂଚନା ଦେଇଥିଲେ । ଲେଖକ ଡ.ପ୍ରସନ୍ନ କୁମାର ନାୟକ ପୁସ୍ତକ ସମ୍ପର୍କରେ ମତବ୍ୟକ୍ତ କରିଥିବା ବେଳେ ଡ. ବେଣୁଧର ଦାସ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲିଙ୍ଗରାଜ ରଥ, ସୂର୍ଯ୍ୟ ମିଶ୍ର, ସସ୍ମିତା କର, ମନୋଜ ଜେନା, ଶର୍ମିଷ୍ଠା ମହାପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ ।

# ସିରିଜ୍ ଦୁର୍ଘଟଣା: ୭ ଆହତ, ୩ ଗାଡ଼ି କ୍ଷତିଗ୍ରସ୍ତ

ନିମାପଡ଼ା,୨।୬(ବିଚିତ୍ରାନନ୍ଦ ସାହୁ)



କ୍ଷତିଗ୍ରସ୍ତ ହୋଇଥିବା ଗାଡ଼ି।

ପିପିଲି ନିମାପଡ଼ା ରାସ୍ତାର ରଟିଲୋ ଛକ ନିକଟରେ ରବିବାର ଏକ ସିରିଜ୍ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ୩ ଗାଡ଼ି ଭାଙ୍ଗିରୁଜି ଯାଇଥିବାବେଳେ ୭ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଛନ୍ତି। ଗାଡ଼ି ଚାଳକଙ୍କ ସମେତ ୩ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିଯିବାରୁ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ରଟିଲୋ ଛକ ନିକଟରେ ସୁକାନ୍ତ ନାୟକଙ୍କ ଘର ନିକଟ ରାସ୍ତା କଡ଼ରେ ତାଙ୍କର ଏକ ବୋଲେରୋ (ଓଆର୍ ୦୫ ଏଭି ୧୭୦୩), ଏକ କାର୍ (ଓଆର୍ ୦୨ ଏଟି ୬୯୩୩) ଓ ଏକ ମିନି ଟ୍ରକ୍ (ଓଡି୧୩ ସି ୨୩୯୫) ଛିଡ଼ା ହୋଇଥିଲେ। ଏକ ଟାଟା ମ୍ୟାଜିକ୍ (ଓଆର୍ ୦୨ ବିଏଫ୍ ୫୬୫୪) ୬ ଜଣ ଯାତ୍ରୀଙ୍କୁ ଧରି ଖେଲାର ପଟୁ ନୟାହାଟ ଅଞ୍ଚଳକୁ ଯାଉଥିଲା। ରଟିଲୋ ଛକଠାରେ ଛିଡ଼ା ହୋଇଥିବା ଉକ୍ତ ୩ ଗାଡ଼ିକୁ ଟାଟା ମ୍ୟାଜିକ୍ ଧକ୍କା ଦେଇଥିଲା। ଫଳରେ ଉକ୍ତ ୩ ଗାଡ଼ି ଭାଙ୍ଗିରୁଜି କ୍ଷତିଗ୍ରସ୍ତ ହୋଇଛି। ଏଥିରେ ୭ ଜଣ ଆହତ ହୋଇଛନ୍ତି। ଖବରପାଇ ନିମାପଡ଼ା ଥାନା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଟାଟା ମ୍ୟାଜିକ୍‌କୁ ଜବତ କରି ତଦନ୍ତ ଚଳାଇଛି। ରିପୋର୍ଟ ଲେଖାଯିବା ବେଳକୁ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ତେବେ ଚାଳକଙ୍କ ବେପରୁଆ ଗାଡ଼ିଚାଳନା ଯୋଗୁ ଏହି ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ଜଣାପଡ଼ିଛି।

## ସଂକ୍ଷେପରେ

### ବସ୍ ଧକ୍କାରେ ବାଇକ୍ ଚାଳକ ମୃତ, ଉତ୍ତେଜନା

କଟକ,୨।୬(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମଧୁପାଟଣା ଟ୍ରାଫିକ୍ ଛକରେ ରବିବାର ବସ୍ ଧକ୍କାରେ ଜଣେ ବାଇକ୍‌ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ନେତାଜୀ ନଗରର ପ୍ରଦୀପ କୁମାର ଓଝା। ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୦ଟାରେ କଟକ ପ୍ରେସ୍‌ଛକ ଅଞ୍ଚଳରୁ ପ୍ରଦୀପ ମାଛ କିଣି ବାଇକ୍‌ରେ ଘରକୁ ଫେରୁଥିବାବେଳେ କୋଲକାତାରୁ ବାଦାମବାଡି ଆସୁଥିବା ଏକ ବସ୍ ପଛରୁ ତାଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡିଯିବାରୁ ବସ୍ ଚକ ତାଙ୍କ ଉପରେ ମାଡି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ବସ୍‌କୁ ଘେରିଯିବା ସହ ଚାଳକଙ୍କୁ ଟାଣି ଆଣି ଆକ୍ରମଣ କରିବାକୁ ଉଦ୍ୟମ କରୁଥିଲେ। ପୋଲିସ ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାରୁ ପରିସ୍ଥିତି ଶାନ୍ତ ହୋଇଥିଲା। ଏହାପରେ ପୋଲିସ ଦୁର୍ଘଟଣା ଘଟାଇଥିବା ବସ୍‌କୁ ଜବତ କରିବା ସହ ଚାଳକ ଗଞ୍ଜାମ ବୁଗୁଡ଼ା ଅଞ୍ଚଳର ଶ୍ୟାମବାବୁ ଜେନାଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

### ପୃଥକ୍ ଦୁର୍ଘଟଣା: ୬ ଆହତ

ଖୁଣ୍ଟୁଣୀ, ୨।୬(ସଚ୍ଚିଦାନନ୍ଦ ପଣ୍ଡା

୫୫ ନମ୍ବର ଜାତୀୟ ରାଜପଥର କପୁରସିଂହଠାରେ ରବିବାର ୨ଟି ଦୁର୍ଘଟଣା ଘଟିଛି। ଏଥିରେ ୬ ଜଣ ଆହତ ହୋଇଛନ୍ତି। ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ଖୁଣ୍ଟୁଣୀ ପଟୁ ଏକ କାର ରାସ୍ତାର ଡାହାଣ ପାର୍ଶ୍ୱରେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରକ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ କାର ଭାଙ୍ଗିରୁଜି ଯିବା ସହ ଏଥିରେ ଥିବା ୪ ଜଣ ଆହତ ହୋଇଛନ୍ତି। ଗୁରୁଡିଝାଟିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଆମ୍ବୁଲାନ୍ସରେ କଟକ ବଡ ଡାକ୍ତରଖାନା ପଠାଇଥିଲା। ଏଥିସହ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରି ଥାନାକୁ ନେଇଥିଲା। ସେହିପରି ଅପରାହ୍ନ ସାଢେ ୪ଟାରେ କପୁରସିଂହ ଗ୍ରାମର ଅକ୍ଷୟ ସାମଲ ନାମକ ଯୁବକ ଜଣେ ମହିଳାଙ୍କୁ ବାଇକ୍‌ରେ ବସାଇ କଟକରୁ ଘରକୁ ଫେରୁଥିଲେ। ଏହି ସମୟରେ ବାଇକ୍ ଆଗରେ ଯାଉଥିବା ଏକ ଟ୍ରକ୍ ହଠାତ ବ୍ରେକ୍ ମାରିଥିଲା। ଫଳରେ ଭାରସାମ୍ୟ ହରାଇ ଟ୍ରକ ପଛରେ ବାଇକ୍ ପିଟି ହୋଇଯିବାରୁ ଅକ୍ଷୟ ଓ ମହିଳା ଗୁରୁତର ହୋଇଥିଲେ। ଲୋକେ ତାଙ୍କୁ ହସ୍ପିଟାଲ ନେଇଥିଲେ ।

### ଏଟିଏମ୍ ଲୁଟ୍ ଉଦ୍ୟମ ପଣ୍ଡ

ନିରାକାରପୁର,୨।୬
(ମାନସ ଚନ୍ଦ୍ର ପଟ୍ଟନାୟକ)

ଏଟିଏମ୍‌ରୁ ଟଙ୍କା ଲୁଟ କରିବାକୁ ଆସି ଖାଲି ହାତର ଫେରଛନ୍ତି ଲୁଟେରା। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ଜଙ୍କିଆ ବଜାରରେ ଦେଖିବାକୁ ମିଳିଛି। ସୂଚନା ମୁତାବକ, ଶନିବାର ବିଳମ୍ବିତ ରାତିରେ ୪ଜଣ ଲୁଟେରା ଲୁଟ୍ ଉଦ୍ଦେଶ୍ୟରେ ଜଙ୍କିଆ ବଜାରରେ ଥିବା ଏକ ଏଟିଏମ୍‌ରେ ପଶିଥିଲେ। ଏହି ସମୟରେ ଜଙ୍କିଆରେ ପଡିଥିବା ଅପେରାକୁ ଦେଖିବାକୁ କେତେଜଣ ଯୁବକ ଯାଉଥିବା ବେଳେ ପାଟି କରିଥିଲେ। ପାଟି ଶୁଣି ଲୁଟେରାମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

# ସିରିଜ୍ ଦୁର୍ଘଟଣା: ୭ ଆହତ, ୩ ଗାଡ଼ି କ୍ଷତିଗ୍ରସ୍ତ

ନିମାପଡ଼ା,୨।୬(ବିଚିତ୍ରାନନ୍ଦ ସାହୁ)

ପିପିଲି ନିମାପଡ଼ା ରାସ୍ତାର ରଟିଲୋ ଛକ ନିକଟରେ ରବିବାର ଏକ ସିରିଜ୍ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ୩ ଗାଡ଼ି ଭାଙ୍ଗିରୁଜି ଯାଇଥିବାବେଳେ ୭ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଛନ୍ତି। ଗାଡ଼ି ଚାଳକଙ୍କ ସମେତ ୩ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିଯିବାରୁ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ରଟିଲୋ ଛକ ନିକଟରେ ସୁକାନ୍ତ ନାୟକଙ୍କ ଘର ନିକଟ ରାସ୍ତା କଡ଼ରେ ତାଙ୍କର ଏକ ବୋଲେରୋ (ଓଆର୍ ୦୫ ଏଭି ୧୭୦୩), ଏକ କାର୍ (ଓଆର୍ ୦୨ ଏଟି ୬୯୩୩) ଓ ଏକ ମିନି ଟ୍ରକ୍ (ଓଡି୧୩ ସି ୨୩୯୫) ଛିଡ଼ା ହୋଇଥିଲେ। ଏକ ଟାଟା ମ୍ୟାଜିକ୍ (ଓଆର୍ ୦୨ ବିଏଫ୍ ୫୬୫୪) ୬ ଜଣ ଯାତ୍ରୀଙ୍କୁ ଧରି ଖେଲାର ପଟୁ ନୟାହାଟ ଅଞ୍ଚଳକୁ ଯାଉଥିଲା। ରଟିଲୋ ଛକଠାରେ ଛିଡ଼ା ହୋଇଥିବା ଉକ୍ତ ୩ ଗାଡ଼ିକୁ ଟାଟା ମ୍ୟାଜିକ୍ ଧକ୍କା ଦେଇଥିଲା। ଫଳରେ ଉକ୍ତ ୩ ଗାଡ଼ି ଭାଙ୍ଗିରୁଜି କ୍ଷତିଗ୍ରସ୍ତ ହୋଇଛି। ଏଥିରେ ୭ ଜଣ ଆହତ ହୋଇଛନ୍ତି। ଖବରପାଇ ନିମାପଡ଼ା ଥାନା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଟାଟା ମ୍ୟାଜିକ୍‌କୁ ଜବତ କରି ତଦନ୍ତ ଚଳାଇଛି। ରିପୋର୍ଟ ଲେଖାଯିବା ବେଳକୁ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ତେବେ ଚାଳକଙ୍କ ବେପରୁଆ ଗାଡ଼ିଚାଳନା ଯୋଗୁ ଏହି ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ଜଣାପଡ଼ିଛି।


ସିରିଜ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ଗାଡ଼ି ।

# ଭୋଳାନାଥ ବିଦ୍ୟାପୀଠରେ ସମସ୍ୟା ସମାଧାନ ହେଉନି

ପୁରୀ,୨।୬(ଅଜିତ୍ କୁମାର ମହାନ୍ତି)

**ଅଭିଯୋଗ ଆଣିଲେ ପୁରାତନ ଛାତ୍ର ସଂସଦର କାର୍ଯ୍ୟକାରୀ ସଦସ୍ୟ**

ଶରଧାବାଲିସ୍ଥିତ ଭୋଳାନାଥ ବିଦ୍ୟାପୀଠରେ ସମସ୍ୟା ସମାଧାନ ହେଉ ନ ଥିବା ନେଇ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର କାର୍ଯ୍ୟକାରୀ ସଦସ୍ୟ ବିଶ୍ୱନାଥ ଦାଶ ଅଭିଯୋଗ ଆଣି କ୍ଷୋଭ ପ୍ରକାଶ କରିଛନ୍ତି। ଦାଶ ଅଭିଯୋଗ ଆଣିଛନ୍ତି ଯେ, ଗତବର୍ଷ ରଥଯାତ୍ରା ସମୟରେ ଭୋଳାନାଥ ବିଦ୍ୟାପୀଠ ପରିସରରେ ପଲ୍ଲୀଶ୍ରୀ ମେଳା ପାଇଁ ହୋଇଥିବା ଅସ୍ଥାୟୀ ପାଇଖାନା ଏପର୍ଯ୍ୟନ୍ତ ହଟାଯାଇନାହିଁ। ଫଳରେ ଖେଳପଡ଼ିଆ ସଙ୍କୁଚିତ ହେବା ସହ ଅପରିଷ୍କାର ଏବଂ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି। ସରୀସୃପ ପ୍ରାଣୀଙ୍କ ବାସସ୍ଥାନରେ ମଧ ପରିଣତ ହୋଇଛି। ସେହିପରି ଅସୁରକ୍ଷିତ ଶ୍ରେଣୀଗୃହ ଭାଙ୍ଗିବା ପାଇଁ ପ୍ରାୟ ଏକବର୍ଷ ହେବ ସ୍କୁଲ କର୍ତ୍ତୃପକ୍ଷଙ୍କ ତରଫରୁ ଲିଖିତ ଅନୁରୋଧ ସତ୍ତ୍ୱେ ଏପର୍ଯ୍ୟନ୍ତ ପଦକ୍ଷେପ ନିଆଯାଇନାହିଁ। ତେଣୁ ଦୁର୍ଘଟଣାର ଆଶଙ୍କାକୁ ଏଡିଦେଇହେବ ନାହିଁ। ଭୋଳାନାଥ ବିଦ୍ୟାପୀଠର ଖେଳପଡ଼ିଆ ଓ ମିନି ପାର୍କ ନିର୍ମାଣ ପାଇଁ ୧୫ ଲକ୍ଷ ଟଙ୍କା ମୁକ୍ତା ଯୋଜନାରେ ବ୍ୟୟ ବରାଦ ହୋଇ ସଂପୃକ୍ତ ଠିକାଦାରଙ୍କୁ କାମ ଶେଷ ହୋଇଥିବା ଦର୍ଶାଇ ଟଙ୍କା ମଧ ପ୍ରଦାନ କରାଯାଇଛି। ମାତ୍ର ଖେଳପଡ଼ିଆ ଅସ୍ଥାୟୀ ପାଇଖାନା ଓ ସରୀସୃପଙ୍କ ବାସସ୍ଥାନ ସହ ନିଶାଖୋରଙ୍କ ଆଡ୍ଡାସ୍ଥଳ ପାଲଟିଛି ବୋଲି ଦାଶ ଅଭିଯୋଗ କରିଛନ୍ତି।

# ମାଣିକାଗୋଡ଼ାରେ ମାଙ୍କଡ଼ ଆତଙ୍କ, ୭ ଆହତ

ବୋଲଗଡ଼,୨।୬(ଦେବବ୍ରତ ହୋତା):

ବୋଲଗଡ଼ ବନଖଣ୍ଡ ଅଧୀନ ମାଣିକାଗୋଡ଼ା ଗ୍ରାମରେ ଏକ ପାଗଳ ମାଙ୍କଡ଼ଦଳ ନିକଟସ୍ଥ ବ୍ରାହ୍ମଣୀଦେବୀ ସଂରକ୍ଷିତ ଜଙ୍ଗଲରୁ ଆସି ଆତଙ୍କ ସୃଷ୍ଟି କରିଛନ୍ତି। ୩ଦିନ ମଧ୍ୟରେ ୭ଜଣଙ୍କୁ କାମୁଡି ଆହତ କରିଛନ୍ତି। ଆହତମାନେ ହେଲେ କୁମାରୀ ସାହୁ, ଶଶିରେଖା ବେହେରା, ରବୀନ୍ଦ୍ର କୁମାର ପୃଷ୍ଟି, ଲକ୍ଷ୍ମୀପ୍ରିୟା ସାହୁ, ଶ୍ରୀଚନ୍ଦନ ସାହୁ, ଶୁଭଶ୍ରୀ ପ୍ରିୟଦର୍ଶିନୀ, ଆନନ୍ଦ କୁମାର ସାହୁ। ଏମାନେ ନୟାଗଡ଼ ଜିଲା ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳର ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ଅନୁରୂପଭାବେ ଗତ ୬ମାସ ପୂର୍ବେ ମାଙ୍କଡ଼ କାମୁଡ଼ାରେ କଲେଜ ଛାତ୍ରୀମାନଙ୍କ ସମେତ ବହୁ ଗ୍ରାମବାସୀ ଆହତ ହୋଇଥିଲେ। ସେମାନେ କ୍ଷତିପୂରଣ ପାଇଁ ଆବେଦନ କରିଥିଲେ ମଧ ବନବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସହାୟତା ମିଳି ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ମାଙ୍କଡ଼ଦଳଙ୍କ ଦୌରାମ୍ୟ ଖବରପାଇ ବୋଲଗଡ଼ ବନପାଳ ପ୍ରଦୀପ ପଟ୍ଟନାୟକ ବନରକ୍ଷୀମାନଙ୍କ ସହ ମାଣିକାଗୋଡା ଗ୍ରାମରେ ପହଞ୍ଚି ମାଙ୍କଡ଼ଙ୍କୁ ଧରିବାକୁ ଚେଷ୍ଟା କରି ବିଫଳ ହୋଇଛନ୍ତି। ତେବେ ମାଙ୍କଡ଼ମାନଙ୍କ ଗତିବିଧି ଲକ୍ଷ୍ୟ କରି ଆଗାମୀ ଦିନରେ ସେମାନଙ୍କୁ ଟ୍ରାଙ୍କୁଲାଇଜ୍ କରି କିମ୍ବା ଜନ୍ତା ବସାଇ ଧରାଯିବ ବୋଲି ପଟ୍ଟନାୟକ କହିଛନ୍ତି। ମାଙ୍କଡ଼ମାନଙ୍କୁ ଧରି ଚିକିତ୍ସା କରିବା ସହିତ ଆହତଙ୍କୁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରିବା ଲାଗି ସାମାଜିକକର୍ମୀ ଇଂ.କର୍ପୁର ସାହୁ ବୋଲଗଡ଼ ବ୍ଲକ ପ୍ରଶାସନ ନିକଟରେ ଦାବି କରିଛନ୍ତି।



ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖା ପକ୍ଷରୁ ଆୟୋଜିତ ବାଲ୍ ସଂସ୍କାର ଶିବିରର ଅତିଥିଙ୍କ ସହ ପୁରସ୍କୃତ କୃତୀ ଛାତ୍ରୀଛାତ୍ର ।

# ଭାରତ ବିକାଶ ପରିଷଦର ବାଲ୍ ସଂସ୍କାର ଶିବିର

ପୁରୀ,୨।୬(ଅଜିତ ମହାନ୍ତି)

ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖା, ପୁରୀ ପକ୍ଷରୁ ପାଞ୍ଚଦିନିଆ ବାଲ୍ ସଂସ୍କାର ଶିବିର ସ୍ଥାନୀୟ ଉତ୍କଳ ବାଳାଶ୍ରମଠାରେ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏଥିରେ ଯୋଗଶିକ୍ଷା, ଶ୍ଳୋକ, ପ୍ରାର୍ଥନା, ଚିତ୍ରାଙ୍କନ, ଜଣାଅଜଣା, ପ୍ରାଥମିକ ଚିକିତ୍ସା, ମହାପୁରୁଷଙ୍କ ଜୀବନୀ, ବିଶେଷକରି ସାଂସ୍କୃତିକ ଆଧ୍ୟାତ୍ମିକ ଜୀବନଯାପନ ପ୍ରଣାଳୀ ସମ୍ପର୍କରେ ଶିକ୍ଷା ଦିଆଯାଇଥିଲା। ଉଦ୍‌ଘାଟନୀ ଦିବସରେ ଅତିଥି ଭାବେ ଶିକ୍ଷୋଦ୍ୟୋଗୀ ପୁଷ୍ପା ପାତ୍ର ଓ ରାଜକିଶୋର ପାତ୍ର ଯୋଗଦେଇଥିଲେ। ପ୍ରାନ୍ତୀୟ ମହିଳା ସହଭାଗିତା ସମ୍ପାଦକ ସୁପ୍ରୀତି ରଥ ମୁଖ୍ୟ ବକ୍ତା, ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷ ଅଜିତ ମହାପାତ୍ର, ଭାରତ ବିକାଶ ପରିଷଦର ସଭାପତି ଡ. ନାରାୟଣ ଚନ୍ଦ୍ର ଦାଶ, ସଚିବ ସନ୍ତୋଷ କୁମାର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ସୌମେନ୍ଦ୍ର ଦାସ, ମୀରା ମହାରଣା, ମମତା ପାତ୍ର, ଜୟନ୍ତୀ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ଦିବସରେ କ୍ଷେତ୍ରୀୟ ମହିଳା ସହଭାଗୀତା ସଚିବ ସୁପ୍ରୀତି ରଥ ମୁଖ୍ୟ ଅତିଥି, କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଓ ପ୍ରାନ୍ତୀୟ ମହାସଚିବ ସୌମେନ୍ଦ୍ର ଦାସ ମୁଖ୍ୟବକ୍ତା, ଯୁଗ୍ମ କଲ୍ୟାଣ କମିଟି ଅଧ୍ୟକ୍ଷ ଅଜିତ୍ ମହାପାତ୍ର ଏବଂ ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବାଲ୍ ସଂସ୍କାର ସଂଯୋଜିକା ଉର୍ମିଳା ସ୍ୱାଇଁ, ମମତା ପାତ୍ର, ବିଜୟଲକ୍ଷ୍ମୀ ମିଶ୍ର, ଜୟନ୍ତୀ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ବୋଲି ମିଡିଆ ପ୍ରଭାରୀ ଲାଲା ଅନନ୍ତ କୁମାର ସିଂହ ସୂଚନା ଦେଇଛନ୍ତି।

# ଅଧ୍ୟକ୍ଷ କୈଳାସ ଚନ୍ଦ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କୃଷ୍ଣପ୍ରସାଦ,୨।୬
(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କନ୍ଦାଖାଇ ବିଜ୍ଞାନ ଓ କଳା ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଅର୍ଥନୀତି ବିଭାଗର ବରିଷ୍ଠ ପ୍ରାଧ୍ୟାପକ କୈଳାସ ଚନ୍ଦ୍ର ବାରିକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗଣିତ ପ୍ରାଧ୍ୟାପକ ସୁରେଶ ଚନ୍ଦ୍ର ସୁବୁଦ୍ଧିରତ୍ନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଅଧ୍ୟକ୍ଷ ନୃସିଂହାନନ୍ଦ ପଣ୍ଡା, ସମ୍ମାନିତ ଅତିଥି ପ୍ରାଧ୍ୟାପକ ଡ.ପ୍ରଭାତ କୁମାର ଆଚାର୍ଯ୍ୟ, ରାଜ କିଶୋର ସାମନ୍ତରାୟ, ପୂର୍ବତନ ଅଧ୍ୟକ୍ଷ ନୀଳକଣ୍ଠ ତ୍ରିପାଠୀ, ଅଧ୍ୟାପକ ମଧୁସୂଦନ ସାହୁ, ଦିନେଶ କୁମାର ରଥ, ଅଧ୍ୟାପିକା ଚନ୍ଦନା ନାୟକ, ମୁଖ୍ୟ କିରାଣୀ ଦିଲ୍ଲୀପ କୁମାର ଦଳାଇ, ଗ୍ରନ୍ଥାଗାର ରମାନାଥ ପ୍ରଧାନ, ସୁକାନ୍ତ କୁମାର ଜେନା ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଅଧ୍ୟକ୍ଷଙ୍କ ଛାତ୍ରବତ୍ସଳତା, କାର୍ଯ୍ୟଦକ୍ଷତା, ସମୟାନୁବର୍ତ୍ତିତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଇଂଲିଶ ପ୍ରାଧ୍ୟାପକ ଚନ୍ଦ୍ରଶେଖର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାବିଦ୍ୟାଳୟ ପକ୍ଷରୁ ବିଦାୟୀ ଅଧ୍ୟକ୍ଷଙ୍କୁ ମାନପତ୍ର ସହିତ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# କଟକରେ ଲାଗିବ ରଙ୍ଗ୍ ରାଇଡ୍ ବ୍ୟାରିୟର

କଟକ,୨।୬(ଶିଳ୍ପା ପ୍ରିୟଦର୍ଶିନୀ)

ଟ୍ରାଫିକ୍ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ବିଭିନ୍ନ ଅତ୍ୟାଧୁନିକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ କଟକରେ ପ୍ରଥମଥର ପାଇଁ ଟ୍ରାଫିକ୍ ପୋଲିସ ପକ୍ଷରୁ ରଙ୍ଗ୍ ରାଇଡ୍ ବ୍ୟାରିୟର ଲଗାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଗତ ୭ ଦିନ ମଧ୍ୟରେ ସହରରେ ଯାନବାହାନ ଯାଞ୍ଚବେଳେ ରଙ୍ଗ୍ ସାଇଡ୍‌ରେ ଯାତାୟତ କରୁଥିବା ୨୦୦ରୁ ଊର୍ଦ୍ଧ୍ୱ ବାଇକ୍ ଓ ୬୦ରୁ ଅଧିକ କାର୍ ଜବତ କରାଯାଇଛି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି କଟକରେ ରଙ୍ଗ୍ ରାଇଡ୍ ବ୍ୟାରିୟର ବ୍ୟବସ୍ଥା କରାଯିବ। ଏହି ବ୍ୟାରିୟରରେ ମୁନିଆଁ ଲୁହାଯୁକ୍ତ କଣ୍ଟା ଲଗାଯିବ। ଯଦି କୌଣସି ଚାଳକ ଯାଞ୍ଚ ସମୟରେ ଖସିଯିବାକୁ ଚେଷ୍ଟା କରି ୟୁଟର୍ଣ୍ଣ ନିଅନ୍ତି ଓ ବ୍ୟାରିୟର୍ ତଥା କଣ୍ଟାଯୁକ୍ତ ହମ୍ପରେ ବାଇକ୍ ଚଢାଇ ଦିଅନ୍ତି, ତା'ହେଲେ ଗାଡିଟି ଲିକ୍ ହୋଇଯିବ। ଫଳରେ ଚାଳକ ଜଣଙ୍କ ଖସି ଯାଇପାରିବେ ନାହିଁ। ଫୋରମ୍ ଫର୍ ପ୍ରିଭେନ୍ସନ୍ ଫର୍ ରୋଡ୍ ଆକ୍ସିଡେଣ୍ଟ ସଂସ୍ଥା ପକ୍ଷରୁ ବାଦାମବାଡି ଟ୍ରାଫିକ୍ ଛକ, ଖାନ୍‌ନଗର ଟ୍ରାଫିକ୍ ଛକ, ବେଲଭ୍ୟୁ ଟ୍ରାଫିକ୍ ଛକ, ବଜ୍ରକବାଟୀ ଟ୍ରାଫିକ୍ ଛକ, ରାଣୀହାଟ ଘଣ୍ଟାଘର ଟ୍ରାଫିକ୍ ଛକ ଓ କଲେଜ ଛକସ୍ଥିତ ଟ୍ରାଫିକ୍ ପୋଷ୍ଟରେ ଏହି ସର୍ଭେ କରାଯାଇଥିଲା। ଉକ୍ତ ସର୍ଭେ ରିପୋର୍ଟ ଅନୁସାରେ, ଯାନବାହାନର ବେଗ ନିୟନ୍ତ୍ରଣ ପାଇଁ କୌଣସି ସଙ୍କେତ ବ୍ୟବସ୍ଥା ନ ଥିବା ନଜରକୁ ଆସିଥିଲା। ସେହିପରି ଉପରୋକ୍ତ ୬ଟି ଟ୍ରାଫିକ୍ ପୋଷ୍ଟରେ ଯେବ୍ରାକ୍ରସିଂ, ସ୍ପିଡ୍ ହମ୍ପ କି ରମ୍ବଲର୍ସ ନ ଥିବା ଜଣାପଡ଼ିଛି। ଏହି ଛକଗୁଡ଼ିକରେ ଅସୁରକ୍ଷିତ ଭାବେ ପଥଚାରୀମାନେ ରାସ୍ତା ଅତିକ୍ରମ କରୁଥିବା ଦେଖିବାକୁ ମିଳିଛି। ଏହି ଛକଗୁଡ଼ିକରେ ଯାନବାହାନଗୁଡ଼ିକର ବେଗ ଘଣ୍ଟା ପ୍ରତି ୫୦କିମିରୁ ଅଧିକ ରହୁଥିବା ନଜରକୁ ଆସିଛି। ସାଧାରଣତଃ ଟ୍ରାଫିକ୍ ଛକରେ ଗାଡିର ବେଗ ଘଣ୍ଟାପ୍ରତି ୩୦ କିମିରୁ କମ୍ ହେବା ଜରୁରୀ। କିନ୍ତୁ ବେପରୁଆ ଟ୍ରାଫିକ୍ ପରିଚାଳନା ହେତୁ ଛକଗୁଡ଼ିକରେ ଗାଡିର ବେଗ ସର୍ବାଧିକ ରହିଥିବା ଜଣାପଡିଛି। ତେଣୁ ଏଭଳି ସମସ୍ୟାର ସମାଧାନ ପାଇଁ କଟକରେ ରଂଗ ରାଇଡ୍ ବ୍ୟାରିୟର ଲଗାଯିବା ପାଇଁ କଟକ ଟ୍ରାଫିକ୍ ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯାଉଛି। ଏନେଇ କଟକ ଟ୍ରାଫିକ୍ ଏସିପି ସୁଶାନ୍ତ କୁମାର ସିଂ କହିଛନ୍ତି, ଆସନ୍ତା ସପ୍ତାହରୁ କଟକ ସହରର ରଙ୍ଗ ରାଇଡ୍ ବ୍ୟାରିୟର୍ ଲଗାଯିବ।

ସୂଚନାଯୋଗ୍ୟ, ସହରର ପ୍ରମୁଖ ଛକଗୁଡ଼ିକରେ ହେଉଥିବା ବ୍ଲକିଂ/ଚେକିଂ ସ୍ଥାନରେ ଏହି ରଙ୍ଗ ରାଇଡ୍ ବ୍ୟାରିୟର୍ ଲଗାଯିବ। ଟ୍ରାଫିକ୍ ନିୟମ ମାନୁ ନ ଥିବା ବ୍ୟକ୍ତିମାନେ ଚେକିଂ ହେଉଥିବା ଦେଖିଲେ ୟୁଟର୍ଣ୍ଣ ନେଇ ଖସି ଯାଉଛନ୍ତି। ଫଳରେ କଣ୍ଟାଯୁକ୍ତ ବ୍ୟାରିୟର୍ ଲଗାଗଲେ ଅମାନିଆ ଗାଡିଚାଳକ ଖସିପାରିବେ ନାହିଁ।

# ବିଜୟ ଉତ୍ସବ ପାଳନ ବେଳେ ବାଣଫୁଟା ଉପରେ କଟକଣା ଦାବି

ପୁରୀ,୨।୬(ଅଜିତ୍ କୁମାର ମହାନ୍ତି)

**ଡିଜିପିଙ୍କୁ ପତ୍ର ଲେଖିଲେ ମାନବାଧିକାର କର୍ମୀ**

ଗତ ୨୯ ତାରିଖରେ ଭଉଁରି ଅବସରରେ ପୁରୀ ନରେନ୍ଦ୍ର ପୁଷ୍କରିଣୀ ନିକଟରେ ଘଟିଥିବା ବାଣ ବିସ୍ଫୋରଣ ଘଟଣା ପରେ ସର୍ବସାଧାରଣଙ୍କ ନିରାପତ୍ତା ସମ୍ବନ୍ଧରେ ଜରୁରି ଆପତ୍ତି ଅଭିଯୋଗ ଶୁଣାଣି ନିମନ୍ତେ ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସ ରବିବାର ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ନିର୍ବାଚନରେ ବିଜୟୀ ପ୍ରାର୍ଥୀଙ୍କ ବିଜୟ ଉତ୍ସବ ବେଳେ ବାଣ ଫୁଟାଇବା ଉପରେ କଟକଣା ଜାରି ପାଇଁ ସେ ଦାବି କରିଛନ୍ତି। ଦାସ ତାଙ୍କ ପତ୍ରରେ ଦର୍ଶାଇଛନ୍ତି କି, ପୁରୀରେ ବାଣ ବିସ୍ଫୋରଣରେ ପିଲାଙ୍କ ସମେତ ୧୩ ଜଣଙ୍କ ଜୀବନ ହାନି ଘଟିଛି। ଏହି ଘଟଣା ଦାୟିତ୍ୱହୀନ କାର୍ଯ୍ୟର ଗୁରୁତର ପରିଣାମ। ଆସନ୍ତା ୪ ତାରିଖରେ ରାଜ୍ୟରେ ହୋଇଥିବା ସାଧାରଣ ନିର୍ବାଚନର ଫଳାଫଳ ପ୍ରକାଶ ପାଇବ। ଫଳାଫଳ ପ୍ରକାଶ ସମୟରେ ବିପଦ ଦେଖାଦେଇପାରେ। ନିର୍ବାଚନରେ ବିଜୟୀ ପ୍ରାର୍ଥୀ ଏବଂ ସେମାନଙ୍କ ସମର୍ଥକମାନେ ଉପଯୁକ୍ତ ଅନୁମତି ବିନା ବିଜୟ ଉତ୍ସବ ପାଳନ କରିବେ, ଯାହା ଜନସାଧାରଣଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଥାଏ। ତେଣୁ ପୁରୀ ବାଣ ବିସ୍ଫୋରଣ ଘଟଣାର ଯେପରି ପୁନରାବୃତ୍ତି ନ ହୁଏ ସେଥିପାଇଁ ତୁରନ୍ତ ଏବଂ ସକ୍ରିୟ ପଦକ୍ଷେପ ନିଆଯାଉ। ବାଣ ଫୁଟାଇବା ଉପରେ କଟକଣା, ବିଜେତା ପ୍ରାର୍ଥୀମାନେ କୌଣସି ଉତ୍ସବ ପାଳନ କରିବା ପୂର୍ବରୁ ଉପଯୁକ୍ତ ଅନୁମତି ନେବା, ଘଟଣାଗୁଡ଼ିକ ଉପରେ ପୋଲିସ ନଜର ରଖିବା ଏବଂ ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ପର୍ଯ୍ୟାପ୍ତ ସତର୍କତାମୂଳକ ପଦକ୍ଷେପ ନେବା ନିମନ୍ତେ ଦାସ ଉକ୍ତ ପତ୍ରରେ ଡିଜିପିଙ୍କୁ ଅନୁରୋଧ କରିଛନ୍ତି।

# ଜଳ ନିଷ୍କାସନରେ ବାଧକ ସାଜିଛି କଳିକତି ଦଳ

କଣାସ, ୨।୬(ବିଭୂତି ଭୂଷଣ ତ୍ରିପାଠୀ):

କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟା ଓ ମକରା ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିବା ଆଡ଼ିନଦୀ ଓ ଗାଁ ନାଳ କଳିକତି ଦଳରେ ପରିପୂର୍ଣ୍ଣ ହୋଇ ଧୀରେ ଧୀରେ ପୋତି ହୋଇପଡୁଛି। ଫଳରେ ବର୍ଷା ଓ ବନ୍ୟାଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଛି। କଉଡ଼ିଖଣି, ସାହାସପୁର, ଜାଗୁଳେଇପଦର, କଳାପଦର, ପାଇକମରା, ଗୋପୀନାଥପୁର, ସାନଓରା ଓ ବଡଓରା ମୌଜାର ବର୍ଷା ଓ ବନ୍ୟାଜଳ ନିଷ୍କାସନ ନ ହୋଇ ମାସ ମାସ ଧରି ଜମାହୋଇ ରହୁଥିବାରୁ ପ୍ରତ୍ୟେକ ବର୍ଷ ଉକ୍ତ ଗ୍ରାମର ବାସିନ୍ଦା ଶାରଦ ଧାନ ଫସଲ ହରାଇ ବସୁଛନ୍ତି। ଆଡ଼ି ନଦୀ ଓ ଗାଁ ନାଳ ଡ୍ରେନେଜ୍ ବିଭାଗ ଅଧୀନରେ ରହିଛି। ଏ ସଂକ୍ରାନ୍ତରେ ବିଭାଗୀୟ ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ଜେନା କହିଛନ୍ତି, ଦଳ ସଫା ପାଇଁ ଆମର କୌଣସି ବଜେଟ ନାହିଁ। ଗତବର୍ଷ ଗ୍ରାମବାସୀ ଏକତ୍ରିତ ହୋଇ ଖରାଟିଆ ଧାନଚାଷ କରିବା ପାଇଁ ଦଳ ସଫା କରି ମକରା ନଦୀରୁ ପାଣି ମଡ଼ାଇଥିଲେ। ଉକ୍ତ ନାଳ ଦ୍ୱୟ ଖନନ କରିବା ପାଇଁ ଗ୍ରାମବାସୀ ପୁରୀ ଜିଲାପାଳ ଓ ଡ୍ରେନେଜ୍ ବିଭାଗ ଅଧିକାରୀଙ୍କୁ ଦାବିପତ୍ର ଦେଇଛନ୍ତି।


ଆଡ଼ିନଦୀରେ କଳିକତି ଦଳ ପୂର୍ଣ୍ଣ।

# 'ପରିବେଶ ସୁରକ୍ଷାରେ ଆଧ୍ୟାତ୍ମିକ ଚିନ୍ତନ ଏକ ଶ୍ରେଷ୍ଠ ମାର୍ଗ'

ଅସ୍ତରଙ୍ଗ,୨।୬(ମମତା ଜେନା)

ପୁରୀ ସୁରକ୍ଷା ପରିଷଦ, ପୁରୀ ଆନୁକୂଲ୍ୟରେ ଚାଲିଥିବା ବିଶ୍ୱ ପରିବେଶ ସୁରକ୍ଷା ସପ୍ତାହର ୪ର୍ଥ ଦିବସ ଅବସରରେ କାକଟପୁରସ୍ଥିତ ଐତିହାସିକ ଦେଉଳି ମଠ ପରିସରରେ 'ଆମ ପରିବେଶ ଓ ତାର ନିରାପତ୍ତା' ଶୀର୍ଷକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। କୋଣାର୍କ ଭଗବତୀ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ତଥା ପୁରୀ ବରିଷ୍ଠ ନାଗରିକ ଫୋରମ ସଭାପତି ପ୍ରାଧ୍ୟାପକ ଡ. କାର୍ତ୍ତିକ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପରିବେଶ ସୁରକ୍ଷାରେ ଆଧ୍ୟାତ୍ମିକ ଚିନ୍ତନ ଏକ ଶ୍ରେଷ୍ଠ ମାର୍ଗ। ପଞ୍ଚଭୂତରେ ସୃଷ୍ଟ ଆମ ଶରୀର ପ୍ରକୃତିର ପଞ୍ଚତତ୍ତ୍ୱରେ ପ୍ରତିଷ୍ଠିତ। ତେଣୁ ପୃଥିବୀ, ବାୟୁ, ଜଳ, ଅଗ୍ନି ଓ ଆକାଶର ସମ୍ମିଶ୍ରଣ ଆମ ଦୈନନ୍ଦିନ ଜୀବନରେ ପ୍ରତିଫଳିତ। ଏହାର ସଂରକ୍ଷଣ ହେବା ବିଧେୟ ବୋଲି ମୁଖ୍ୟ ଅତିଥି ଦାସ କହିଥିଲେ। ଅନ୍ୟତମ ବିଶିଷ୍ଟ ବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ବ୍ୟାଙ୍କ ଅଧିକାରୀ କୈଳାସ ଚନ୍ଦ୍ର ସାହୁ, ସ୍ତମ୍ଭକାର ଗୁରୁଚରଣ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସାମାଜିକ କର୍ମୀ କାଳୀ ପ୍ରସାଦ ସ୍ୱାଇଁ, ପ୍ରଭାତ ଚନ୍ଦ୍ର ପୃଷ୍ଟି, ସନ୍ଦୀପ କର୍ମକାର, ତପନ ସେଠୀ, ଟି. ସୁନିତା ରାଓ, ସବିତା ମିଶ୍ର ପ୍ରମୁଖ ଯୋଗଦେଇ ନିଜ ନିଜର ମତ ରଖିଥିଲେ। ସମ୍ପାଦକ ଭାଗବତ ପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୋଗେଶ୍ୱର ପ୍ରହରାଜ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଦେଉଳି ମଠ ମାତୃମଣ୍ଡଳୀ ସଭ୍ୟା ଓ ଗ୍ରାମବାସୀ ଯୋଗ ଦେଇଥିଲେ।



ବିଶ୍ୱ ପରିବେଶ ସୁରକ୍ଷା ସପ୍ତାହ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।




୦୨।୦୬।୨୦୨୪

| ୬,୨୯, ୯୯୪ ଟଙ୍କା | |
|---|---|
| ସୁନା | ୪୨୦ ମିଲି ଗ୍ରାମ୍ |
| ରୁପା | ୮.୭୫୦ ଗ୍ରାମ୍ |

## ଡ୍ରେନ୍‌ରୁ ରାଜମିସ୍ତ୍ରିଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

**ଭୁବନେଶ୍ୱର,୨।୬(ସତ୍ୟଜିତ୍ ରାଉତ):** ଭୁବନେଶ୍ୱର ଘାଟିକିଆ ଚାଳସାହିସ୍ଥିତ ଡ୍ରେନ୍‌ରୁ ଜଣେ ଯୁବକଙ୍କ ମୃତଦେହକୁ ରବିବାର ଭରତପୁର ଥାନା ପୋଲିସ ଜବତ କରିଛି। ମୃତକ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦର ଟୁଟୁଲ ସିଂ (୩୮)। ସେ ଖଣ୍ଡଗିରିବାରି ଅଞ୍ଚଳରେ ପରିବାର ସହ ରହି ରାଜମିସ୍ତ୍ରି କାମ କରୁଥିଲେ। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପୋଲିସ ପକ୍ଷରୁ ଟୁଟୁଲଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ ଅପମୃତ୍ୟୁ (ନଂ.୧୮୨/୨୦୨୪) ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ଶତ୍ରୁତା କାରଣରୁ କେହି ଟୁଟୁଲଙ୍କୁ ହତ୍ୟା କରି ଡ୍ରେନ୍‌ରେ ଫିଙ୍ଗିଦେଇଥିବା ସ୍ଥାନୀୟ ଲୋକେ ସନ୍ଦେହ କରୁଛି। ତାଙ୍କ ଶରୀରରେ କୌଣସି କ୍ଷତ ନାହିଁ। କେହି ତାଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା ମଧ୍ୟ କରିଥାଇପାରନ୍ତି। ଏନେଇ ରହସ୍ୟ ଲାଗି ରହିଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ ମୃତ୍ୟୁର କାରଣ ଜଣାପଡିବ ବୋଲି ଭରତପୁର ଥାନାଧିକାରୀ ଦିନବନ୍ଧୁ ମିଶ୍ର ସୂଚନା ଦେଇଛନ୍ତି। ଟୁଟୁଲ କାମକୁ ଯାଉଥିବା କହି ଶନିବାର ଘରୁ ବାହାରି ଆଉ ଫେରି ନ ଥିଲେ। ତାଙ୍କ ସହ ପରିବାର ଲୋକେ ଯୋଗାଯୋଗ କରିପାରି ନ ଥିଲେ। ରାତିସାରା ଖୋଜାଖୋଜି କରି ନିରାଶ ହୋଇଥିଲେ। ରବିବାର ସକାଳେ ଟୁଟୁଲଙ୍କ ମୃତଦେହ ଡ୍ରେନ୍‌ରେ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସ ଓ ପରିବାର ଲୋକଙ୍କୁ ଖବର ଦେଇଥିଲେ।

## ଆଇ ଓମେନ୍ ଅଫ୍ ସବ୍‌ଷ୍ଟାନ୍ସ ଆୱାର୍ଡ

**ଭୁବନେଶ୍ୱର,୨।୬(ଶର୍ମିଷ୍ଠା ପାଣିଗ୍ରାହୀ):** କଳିଙ୍ଗ ଗୌରବ ଫାଉଣ୍ଡେଶନ ପକ୍ଷରୁ 'ଆଇ ଓମେନ୍ ଅଫ୍ ସବ୍‌ଷ୍ଟାନ୍ସ ଆୱାର୍ଡ ୨୦୨୪' ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ମେଜର କଳ୍ପନା ଦାସ, ନମ୍ରତା ଚଢା, ଜଗନ୍ନାଥ ଖୁଣ୍ଟିଆ, ସୁରଜ କେ ରାଜ, ଡ. ରୋଜାଲିନ୍ ପଟ୍ଟଶାଣୀ ଓ ଡ. ରଜନୀକାନ୍ତ ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ଗଜଲକ୍ଷ୍ମୀ ରାୟଙ୍କ 'ମଦର ଅଫ୍‌ଦିଇୟରସମ୍ମାନ', ଡ. ବନଜା ମହାନ୍ତିଙ୍କୁ 'ଆଜୀବନ ଆଚିଭମେଣ୍ଟ ଆୱାର୍ଡ', ଇତି ସାମନ୍ତଙ୍କୁ 'ଫେସ୍ ଅଫ୍ ଦି ଇୟର୍', ୧୦୭ ବର୍ଷ ବୟସର ଝୁଲା ଘଡେଇଙ୍କୁ 'ମହିଳା ପ୍ରେରଣା ପୁରସ୍କାର' ଏବଂ ଡା. ସ୍ମିତ ପ୍ରଜ୍ଞା ବେହେରାଙ୍କୁ ବର୍ଷର ଶ୍ରେଷ୍ଠ ଡାକ୍ତର ଭାବରେ ସମ୍ମାନିତ କରାଯାଇଥିଲା। ଏଥିସହିତ ବିଟିୟା ଫାଉଣ୍ଡେଶନ ଦ୍ୱାରା ୩୦ଜଣ ବିଜେତାଙ୍କୁ ବାଳିକା ଶିଶୁ ଶିକ୍ଷା କ୍ଷେତ୍ରରେ ସହାୟତା ପାଇଁ ସମ୍ମାନିତ କରାଯାଇଥିଲା। କଳିଙ୍ଗ ଗୌରବ ଟ୍ରଷ୍ଟର ସେକ୍ରେଟାରୀ ଜେନେରାଲ୍ ଡ. ଚିଦାତ୍ମିକ ଖଟୁଆ କହିଛନ୍ତି, ଗତ ୧୧ ବର୍ଷ ଧରି ଆମେ ଦେଶ ବିଦେଶର ଅନେକ ମହିଳାଙ୍କୁ ତାଙ୍କ ଅବିଶ୍ୱସନୀୟ କାର୍ଯ୍ୟ ପାଇଁ ପୁରସ୍କାର ପ୍ରଦାନ କରି ଆସୁଛୁ।

## ଶୈଳବାଳାରେ ଏମ୍‌ବିଏ ପାଠ୍ୟକ୍ରମକୁ ଅନୁମୋଦନ

**କଟକ,୨।୬(ଶିଳ୍ପା ପ୍ରିୟଦର୍ଶିନୀ):** ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ମାଷ୍ଟର ଅଫ୍ ବିଜ୍‌ନେସ୍ ଆଡମିନିଷ୍ଟ୍ରେଶନ (ଏମ୍‌ବିଏ) ପାଠ୍ୟକ୍ରମକୁ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ ଦ୍ୱାରା ଅନୁମୋଦନ ମିଳିଛି। ୨୦୨୩-୨୪ ଶିକ୍ଷାବର୍ଷରେ ନାମଲେଖା ହୋଇଥିବାବେଳେ ପରିଷଦର ଅନୁମୋଦନ ନଥିଲା। ଏହି ମାନ୍ୟତା ପାଇଁ ମହାବିଦ୍ୟାଳୟ ପକ୍ଷରୁ ଆବେଦନ କରାଯାଇଥିଲା। ୧୨୦ଟି ସିଟ୍ ବିଶିଷ୍ଟ ଏହି ପାଠ୍ୟକ୍ରମ ପାଇଁ ଚଳିତ ଶିକ୍ଷାବର୍ଷଠାରୁ ଅନୁମୋଦନ ପ୍ରଦାନ କରାଯାଇଥିବା ମହାବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଅଧ୍ୟକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳ କହିଛନ୍ତି, ଏହି ପାଠ୍ୟକ୍ରମ ପାଇଁ ଅନୁମୋଦନ ମିଳିବା ଦ୍ୱାରା ମହାବିଦ୍ୟାଳୟ ଗୁଣବତ୍ତାକୁ ବୃଦ୍ଧି କରିବାରେ ସାହାଯ୍ୟ କରିବ।

# ପୁରୀ ବାଣ ବିସ୍ଫୋରଣ: ମୃତ୍ୟୁସଂଖ୍ୟା ୧୪କୁ ବୃଦ୍ଧି



**ଭୁବନେଶ୍ୱର,(ଅସମାପିକା ସାହୁ)/ କଟକ, ୨।୬(ଶିଳ୍ପା ପ୍ରିୟଦର୍ଶିନୀ)**

ପୁରୀ ବାଣ ବିସ୍ଫୋରଣ ଘଟଣାରେ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଛି। ରବିବାର ଆଉ ୪ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଫଳରେ ଏହି ଘଟଣାରେ ମୃତକଙ୍କ ସଂଖ୍ୟା ୧୪କୁ ବୃଦ୍ଧି ପାଇଛି। ତେବେ ରବିବାର ସନ୍ଧ୍ୟା ୬ଟା ସୁଦ୍ଧା ମୃତକଙ୍କ ସଂଖ୍ୟା ୧୩ଥିବା ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆର୍‌ସି)ଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। ପରବର୍ତ୍ତୀ ସମୟରେ କଟକ ଏସ୍‌ସିବିରେ ଚିକିତ୍ସିତ ହେଉଥିବା ପାଞ୍ଚଜଣ ଆହତଙ୍କ ମଧ୍ୟରୁ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ପୁରୀ ତଳନୂଆ ସାହି ଗୋଲପକା ବସ୍ତିର ସୋମନାଥ ବେହେରା(୧୪)। ମୃତକଙ୍କ ଶରୀର ୬୫ ପ୍ରତିଶତ ପୋଡ଼ି ଯାଇଥିବାରୁ ତାଙ୍କୁ ପ୍ଲାଷ୍ଟିକ୍ ସର୍ଜରି ବିଭାଗ ଆଇସିୟୁରେ ରଖି ଚିକିତ୍ସା କରାଯାଉଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଗତ ୨୯ ତାରିଖରେ ପୁରୀ ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଚାପ ଖେଳ ବେଳେ ଆତସବାଜି କାର୍ଯ୍ୟକ୍ରମ ଚାଲିଥିଲା। ଫୁଟାଯିବା ପାଇଁ ଗୋଟିଏ ସ୍ଥାନରେ ଗଦା ହୋଇ ରହିଥିବା ବାଣରେ ନିଆଁ ଲାଗିବାରୁ ତାହା ଭୟଙ୍କର ରୂପ ନେଇଥିଲା। ଏହି ବିସ୍ଫୋରଣରେ ପ୍ରଥମେ ୩ ଜଣଙ୍କର ମୃତ୍ୟୁ ଘଟିଥିଲା। ପରେ ଅର୍ଥାତ୍ ଶୁକ୍ରବାର ୩ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଶନିବାର ଆଉ ୪ଜଣ ଆଖିବୁଜିଥିଲେ।

## ଥାନାରେ ୪ ବାଣ ବ୍ୟବସାୟୀ ଅଟକ

**ପୁରୀ,୨।୬(ଅଜିତ୍ କୁମାର ମହାନ୍ତି)**

ପୁରୀ ବାଣ ବିସ୍ଫୋରଣ ଘଟଣାରେ କୁମ୍ଭାରପଡ଼ା ଥାନା ପୋଲିସ ନିମାପଡ଼ା ବ୍ଲକ ଚାରିଛକ ଓ ଗୋପ ଥାନା ଅଞ୍ଚଳର ୪ଜଣ ବାଣ ବ୍ୟବସାୟୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ଘଟଣାସ୍ଥଳରେ ବାଣ ଫୁଟାଉଥିବା ବ୍ୟକ୍ତିଙ୍କୁ ସମ୍ପୃକ୍ତ ବ୍ୟବସାୟୀମାନେ ବାଣ ଯୋଗାଇଥିବା ପୋଲିସ କହିଛି। ତେବେ ଅଟକ ଥିବା ବ୍ୟବସାୟୀମାନଙ୍କ ନାମ ପୋଲିସ ପକ୍ଷରୁ ପ୍ରକାଶ କରାଯାଇନାହିଁ। ବିନା ଅନୁମତିରେ ବାଣ ଫୁଟାଇବା ଏବଂ ଉକ୍ତ ଅଘଟଣକୁ ନେଇ ପୋଲିସ ନିଜ ଆଡୁ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ଗତ ୨୯ ତାରିଖରେ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ସମୟରେ ପୁରୀ ନରେନ୍ଦ୍ର ପୋଖରୀ ନିକଟରେ ବାଣ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣରେ ରବିବାର ସୁଦ୍ଧା ୧୩ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ବ୍ୟକ୍ତି ଗୁରୁତର ଅବସ୍ଥାରେ ବିଭିନ୍ନ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।




ପ୍ରଦୂଷଣମୁକ୍ତ ପରିବେଶର ସଚେତନତା ବାର୍ତ୍ତା ନେଇ ଭୁବନେଶ୍ୱର ପୋଖରୀପୁଟ ଇନ୍ଦ୍ରପ୍ରସ୍ଥସ୍ଥିତ ଚିତ୍ରଶାଳା ଅନୁଷ୍ଠାନର ଛାତ୍ର ଶାନ୍ତନୁ କୁମାର ସାହୁଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳା। **(ଫଟୋ: ସୁବାସ ଚନ୍ଦ୍ର ପ୍ରଧାନ)**

## ସାଇକେଲ ଚଲାନ୍ତୁ, ସୁସ୍ଥ ରୁହନ୍ତୁ

**ପୁରୁଣା ଭୁବନେଶ୍ୱର,୨।୬ (ସୁବାସ ଚନ୍ଦ୍ର ପ୍ରଧାନ)**

**ଆଜି ବିଶ୍ୱ ବାଇସାଇକେଲ ଦିବସ**

ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ଏବଂ ପ୍ରଦୂଷଣ ବଡ଼ ଆହ୍ୱାନ ପାଲଟିଛି। ଏହାର ମୁକାବିଲା ତଥା ସମାଧାନ ପାଇଁ ବିଭିନ୍ନ ସ୍ତରରେ ପ୍ରୟାସ ଜାରି ରହିଥିବା ବେଳେ ସାଇକେଲିଂ ଅନ୍ୟତମ ଉପାୟ ଭାବେ ଆଦୃତ ହୋଇଛି। ସୋମବାର ବିଶ୍ୱ ବାଇସାଇକେଲ ଦିବସ ହୋଇଥିବା ବେଳେ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର ଚିତ୍ରଶିଳ୍ପୀ ଶାନ୍ତନୁ ଦାସ ରଙ୍ଗ ତୂଳୀରେ ଆଙ୍କିଛନ୍ତି ସାଇକେଲିଂର ଚିତ୍ରକଳା। ପ୍ରଦୂଷଣ ମୁକ୍ତ ପରିବେଶ, ଜଳବାୟୁ ପରିବର୍ତ୍ତନ ଜ୍ୱାଳାରୁ ମୁକ୍ତି ଏବଂ ଶରୀରକୁ ସୁସ୍ଥ ରଖିବାର ମାଧ୍ୟମ ହେଉଛି ସାଇକେଲିଂ ବୋଲି ଚିତ୍ର ମାଧ୍ୟମରେ ସଚେତନ କରାଇଛନ୍ତି। ବୟସରେ ଶାନ୍ତନୁଙ୍କ ଏଭଳି ଚିନ୍ତାଧାରାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ନନ୍ଦନକାନନରେ ଗୋଟିଏ ଦିନରେ ୨ ପ୍ରାଣୀ ମୃତ

**ବାରଙ୍ଗ,୨।୬ (ଲିଙ୍ଗରାଜ ରାଉତ)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଜୀବଜନ୍ତୁଙ୍କ ଯତ୍ନ ଠିକ୍‌ରେ ନିଆଯାଉ ନାହିଁ, ଯାହା ଫଳରେ ଗୋଟିଏ ପରେ ଗୋଟିଏ ଜୀବଜନ୍ତୁଙ୍କ ମୃତ୍ୟୁ ଘଟିବାରେ ଲାଗିଛି। ପୂର୍ବରୁ କୁଜି ହରିଣ, ଚିତ୍ରା ହରିଣ, ବଜ୍ରକାପ୍ତା, ଅହିରାଜ ସାପ ଆଦି ପ୍ରାଣୀଙ୍କ ମୃତ୍ୟୁ ଘଟିଥିବାବେଳେ ରବିବାର ଗୋଟିଏ ଦିନରେ ଷ୍ଟମ୍ପଟେଲ୍ ମାଙ୍କଡ଼ ଓ ବଜ୍ରକାପ୍ତାର ମୃତ୍ୟୁ ଘଟିଛି। କର୍ତ୍ତୃପକ୍ଷ ଏମାନଙ୍କ ଯତ୍ନ ଠିକ୍ ନେଉ ନ ଥିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରକାଶ ଯେ, ପ୍ରାଣୀ ଉଦ୍ୟାନର ମାଙ୍କଡ଼ ଏନ୍‌କ୍ଲୋଜରରେ ରହୁଥିବା ଏକ ଅଣ୍ଡିରା ଷ୍ଟମ୍ପଟେଲ୍ ମାଙ୍କଡ଼ ଠିକ୍‌ରେ ଖିଆପିଆ କରୁ ନ ଥିଲା। ଅସହ୍ୟ ଗରମରେ ଏନ୍‌କ୍ଲୋଜରରେ ବୁଲୁଥିବାବେଳେ ରବିବାର ହଠାତ୍ ତା'ର ମୃତ୍ୟୁ ଘଟିଛି। ସେହିପରି ଗତ ୨୫ ତାରିଖରେ ଉଦ୍ଧାର ହୋଇ ଆସିଥିବା ବଜ୍ରକାପ୍ତାଟିର ରବିବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ନନ୍ଦନକାନନ ପ୍ରାଣୀ ବିଭାଗର ପରିଚାଳନାଗତ ତ୍ରୁଟି ଓ ବନ୍ୟପ୍ରାଣୀ ଚିକିତ୍ସକ ଠିକ୍ ରୋଗ ନିରୂପଣ ନ କରିପାରିବାରୁ ପାଟି ଫିଟୁ ନ ଥିବା ନିରୀହ ପଶୁପକ୍ଷୀଙ୍କ ଅକାଳ ମୃତ୍ୟୁ ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି।

# ସ୍କୁଟି ଉପରେ ପଡ଼ିଲା ନଡ଼ିଆଗଛ: ୨ ମୃତ

**ନିମାପଡ଼ା,୨।୬ (ବିଚିତ୍ରାନନ୍ଦ ସାହୁ)**

**ଏମିତି ବି ମୃତ୍ୟୁ ଆସେ**

୩ ଜଣ ଯୁବକ ରବିବାର ଏକ ସ୍କୁଟିରେ ଯାଉଥିବାବେଳେ ଗାଡ଼ି ଉପରେ ଏକ ନଡ଼ିଆଗଛ ଉପୁଡ଼ି ପଡ଼ିବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ନିମାପଡ଼ା ଥାନା ଅଧୀନ ରଟିଲୋ ଗ୍ରାମର ତୁଷାର ରଞ୍ଜନ ବିଶ୍ୱାଳ (୩୦) ଓ ମିଥୁନ ପ୍ରଧାନ (୨୯)। ଅନ୍ୟଜଣେ ଯୁବକ ଉକ୍ତ ଗ୍ରାମର ବିଶ୍ୱରଞ୍ଜନ ଆଚାର୍ଯ୍ୟ (୨୮) ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ମୃତକ ଦ୍ୱୟଙ୍କୁ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଯାଇଥିବା ତାଙ୍କ ସମ୍ପର୍କୀୟ କହିଛନ୍ତି।

ସୂଚନା ମୁତାବକ, ତୁଷାର, ମିଥୁନ୍ ଓ ବିଶ୍ୱରଞ୍ଜନ ଏକ ସ୍କୁଟି ଯୋଗେ ଆଙ୍କୁଶପୁର ଗ୍ରାମରୁ ନିଜ ଗ୍ରାମକୁ ଫେରୁଥିଲେ। ଶଗଡ଼ା ଗ୍ରାମ ପଞ୍ଚାୟତର ଚିତରା ଗ୍ରାମ ନିକଟ କେନାଲ ବନ୍ଧ ରାସ୍ତାରେ ଯାଉଥିବା ବେଳେ ହଠାତ୍ ଏକ ନଡ଼ିଆ ଗଛ ଉପୁଡ଼ି ସ୍କୁଟି ଉପରେ ପଡ଼ିଥିଲା। ଫଳରେ ୩ ଯୁବକ ଗାଡ଼ି ସହ ଚାପି ହୋଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ୩ ଜଣଙ୍କୁ ଉଦ୍ଧାର କରି ପିପିଲି ମେଡିକାଲକୁ ପଠାଇଥିଲେ। ପରେ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତୁଷାର ଓ ମିଥୁନ୍‌ଙ୍କୁ ମୃତ ଘୋଷଣା କରିଥିଲେ। ଅଞ୍ଚଳର ୨ ଯୁବକଙ୍କ ଅକାଳ ମୃତ୍ୟୁରେ ଭାଜପା ନେତା ସମୀର ରଞ୍ଜନ ଦାଶ, ପ୍ରଦୀପ୍ତ ଖଟୋଇ, ଦୁର୍ଯ୍ୟୋଧନ ବେହେରା, ବିଜେଡି ଯୁବନେତା ମାନସ ପ୍ରଧାନଙ୍କ ସମେତ ବହୁ ନେତା, ବିଶିଷ୍ଟ ବ୍ୟକ୍ତି ଗଭୀର ଦୁଃଖ ଓ ଶୋକ ପ୍ରକଟ କରିଛନ୍ତି। ମୃତ ଓ ଆହତ ଯୁବକଙ୍କ ପରିବାରବର୍ଗଙ୍କୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ପ୍ରଶାସନଠାରେ ଦାବି କରିଛନ୍ତି।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ପରିବେଷିତ ନାଟକ 'ଅଜାମିଳ ପଣ୍ଡା'ର ଏକ ଦୃଶ୍ୟ।

**ସେଲ୍‌ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦିଲୀପ



@ କାହ୍ନା



@ ସୀମା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ହଜାରେ ଛତା ବାଣ୍ଟିଲା ଓଏଫ୍‌ଟିଡିଏ




**ଭୁବନେଶ୍ୱର,୨।୬(ଶର୍ମିଷ୍ଠା ପାଣିଗ୍ରାହୀ)**

ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଜୀବନ ହାନି ଘଟୁଛି। ଏପରି ସ୍ଥିତିରେ ଅଂଶୁଘାତରୁ ଲୋକଙ୍କୁ ସୁରକ୍ଷା ଦେବାକୁ ଓଡ଼ିଶା ଫିଲ୍ମ ଆଣ୍ଡ୍ ଟେଲିଭିଜନ ଡାଇରେକ୍ଟର ଆସୋସିଏଶନ(ଓଏଫ୍‌ଟିଡିଏ) ଓ ଆର୍ଟ ଅଫ୍ ଗିଭିଂ ମିଳିତ ଭାବେ ସହଯୋଗର ହାତ ବଢ଼ାଇଛନ୍ତି। ଭୁବନେଶ୍ୱରର ଶ୍ରୀୟା ହଲ, ରାମ ମନ୍ଦିର, ଭୁବନେଶ୍ୱର ରେଳଷ୍ଟେଶନ ଓ ଅନ୍ୟାନ୍ୟ ସ୍ଥାନରେ ରବିବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ଯାଏ ପଥଚାରୀ ଏବଂ ଆବଶ୍ୟକ କରୁଥିବା ଲୋକଙ୍କୁ ଛତା ବଣ୍ଟନ କରାଯାଇଛି। ଛତା ବଣ୍ଟନ କାର୍ଯ୍ୟକ୍ରମରେ ବରିଷ୍ଠ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ହିମାଂଶୁ ଶେଖର ଖଟୁଆ, ଅବତାର ସିଂଙ୍କ ସହ ବବି ଇସଲାମ, ଦିଲୀପ ପଣ୍ଡା, ଶକ୍ତି ବରାଳ, ପ୍ରଦୀପ ଦାସ, ଶୈଳେନ୍ଦ୍ର ପରିଡ଼ା, ଜ୍ୟୋତି ଦାସ, ଅମରେଶ ପତି, ତ୍ରିପତି ସାହୁ, ଦିବ୍ୟଜ୍ୟୋତି ଓରଫ ଦିପୁ ଓ ଅଜୟ ସିଂଙ୍କ ସମେତ ପ୍ରାୟ ୨୦ଜଣ ନିର୍ଦ୍ଦେଶକ ପ୍ରାୟ ୧୦୦୦ ଛତା ବାଣ୍ଟିଥିଲେ। ଆସନ୍ତା ରଥଯାତ୍ରା ଦିନ ପୁରୀରେ ଶ୍ରଦ୍ଧାଳୁଙ୍କ ପାଇଁ ଜଳଛତ୍ର ଓ ଯାତ୍ରୀ ସେବା ଶିବିର ଆୟୋଜନ କରାଯିବାର ଯୋଜନା ରହିଛି ବୋଲି ନିର୍ଦ୍ଦେଶକ ବବି ଇସଲାମ ସୂଚନା ଦେଇଛନ୍ତି। ଏହା ସହ ଆର୍ଟ ଅଫ୍ ଗିଭିଂର ବଦାନ୍ୟତା ତଥା ସହଯୋଗ ପାଇଁ ସେ ହିମାଂଶୁ ଶେଖର ଖଟୁଆଙ୍କୁ କୃତଜ୍ଞତା ଜଣାଇଛନ୍ତି।

